ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ସୋମବାର, ଜୁଲାଇ ୨୧/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, July 21/2025 | Page 14 | ₹ 7.00 | BERHAMPUR
୫୧ଶ ଭାଗ ୨୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 236 | ମୂଲ୍ୟ₹୭/-

DADLS - 39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶକ୍ତିଶ୍ରୀ

## ଉଚ୍ଚଶିକ୍ଷା ଅନୁଷ୍ଠାନରେ ସୁନିଶ୍ଚିତ ହେବ ଛାତ୍ରୀ ସୁରକ୍ଷା

- ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ୧୬ ବିଶ୍ୱବିଦ୍ୟାଳୟ ଏବଂ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖୋଲିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
  - ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରିଚାଳନା ପାଇଁ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଏବଂ ଜଣେ ଅଧାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ନିଯୁକ୍ତ ହେବେ
  - ଜିଲ୍ଲାପାଳଙ୍କ ଦ୍ୱାରା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ ମନୋନୀତ ହେବେ
- ଶକ୍ତିଶ୍ରୀ ମୋବାଇଲ ଆପ୍ ସାଜିବ ଛାତ୍ରୀଙ୍କ ସାଥି
  - ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୂଚନା, ଅଭିଯୋଗ ଏବଂ SOS ସାହାଯ୍ୟ ସୁନିଶ୍ଚିତ କରିବ
  - ଗୋପନୀୟ ଭାବରେ ସିଧାସଳଖ ଅଭିଯୋଗ ପଞ୍ଜିକରଣ କରିପାରିବେ ଛାତ୍ରୀ
- ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ ହେବ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- SAFE କ୍ୟାମ୍ପେନ ମାଧ୍ୟମରେ ବର୍ଷକୁ ଦୁଇ ଥର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା
- ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ୩୧ ଡିସେମ୍ବର ସୁଦ୍ଧା ପ୍ରଦାନ କରିବେ ବାର୍ଷିକ କ୍ୟାମ୍ପସ ସୁରକ୍ଷା ରିପୋର୍ଟ
- ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲାଗିବ ସିସିଟିଭି କ୍ୟାମେରା
- POSH (Prevention of Sexual Harassment) ଆଇନର ଅନଲାଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ
- ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ ଶକ୍ତି ସ୍ୱରୂପିଣୀ କର୍ମଶାଳା ଆୟୋଜିତ ହେବ




## ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ

OIPR-15001/13/0931/2526

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର

# ଇସ୍ରାଏଲୀ ସେନା ଗୁଳିରେ ୭୩ ପାଲେଷ୍ଟିନୀୟ ମୃତ

■ସହାୟତା ନେବାକୁ ଯାଉଥିଲେ

■କେନ୍ଦ୍ରୀୟ ଗାଜା ଖାଲି କରିବା ପାଇଁ ଇସ୍ରାଏଲର ନିର୍ଦ୍ଦେଶ

ଡେର୍ ଅଲ୍ ବଲାହ, ୨୦।୭

ଇସ୍ରାଏଲ ଆକ୍ରମଣରେ ରବିବାର ଗାଜାର ବିଭିନ୍ନ ସ୍ଥାନରେ ମାନବିକ ସହାୟତାକୁ ଅପେକ୍ଷା କରି ରହିଥିବା ୭୩ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଛି। ଏନେଇ ପାଲେଷ୍ଟିନୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର ଗାଜାରେ ମାନବିକ ସହାୟତା ପାଇବା ପାଇଁ ଜିକିମ୍ କ୍ରସିଂ ଦେଇ ଯାଉଥିବା ସମୟରେ ଇସ୍ରାଏଲୀ ସେନାର ଗୁଳିରେ ଅତିକମ୍‌ରେ ୬୭ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ହୋଇଛି। ସେହିପରି ୧୫୦ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଗୁରୁତର ରହିଛନ୍ତି। ସହାୟତା ପାଇଁ ଯାଉଥିବା ଭିଡ଼ ଉପରେ ଇସ୍ରାଏଲୀ ସେନା ଗୁଳି ଚଳାଇଥିବା ନେଇ କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

ଅନ୍ୟପକ୍ଷରେ, ରବିବାର ଇସ୍ରାଏଲୀ ସେନା ପକ୍ଷରୁ କେନ୍ଦ୍ରୀୟ ଗାଜାର କିଛି ଅଞ୍ଚଳରୁ ଲୋକଙ୍କୁ ଖାଲି କରାଇବା ପାଇଁ ନୂତନ ନିର୍ଦ୍ଦେଶନାମା ଜାରି କରାଯାଇଛି। ଉକ୍ତ ଅଞ୍ଚଳଗୁଡ଼ିକରେ ଅନେକ ଅନ୍ତର୍ଜାତୀୟ ସଙ୍ଗଠନ ପକ୍ଷରୁ ଲୋକଙ୍କୁ ସହାୟତା ସାମଗ୍ରୀ ବଣ୍ଟନ କରାଯାଉଥିଲା। ଏହି ନିର୍ଦ୍ଦେଶନାମାକୁ ନେଇ ଇସ୍ରାଏଲୀ ସେନା ମୁଖପାତ୍ର ଅବିଚାୟ ଅଦ୍ରାୟୀ ହମାସକୁ ଚେତାବନୀ ଦେଇ କହିଛନ୍ତି, ହମାସ ଆତଙ୍କବାଦୀଙ୍କ ଉପରେ ଇସ୍ରାଏଲୀ ସେନା ତୀବ୍ର ଆକ୍ରମଣ କରିବ। କେନ୍ଦ୍ରୀୟ ଗାଜାର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଲୋକ ଏବଂ ତମ୍ବୁରେ ଆଶ୍ରୟ ନେଇଥିବା ଲୋକଙ୍କୁ ଦକ୍ଷିଣ ଗାଜାର ମୁଓ୍ୱାସି ଅଞ୍ଚଳକୁ ଯିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ମୁଓ୍ୱାସି ଅଞ୍ଚଳରେ ଥିବା ବିଭିନ୍ନ ଶିବିରକୁ ଇସ୍ରାଏଲୀ ସେନା ପକ୍ଷରୁ ହ୍ୟୁମାନାଟେରିଆନ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ତେଣୁ ସେଠାରେ ଲୋକେ ସୁରକ୍ଷିତ ରହିବେ ବୋଲି ଅଦ୍ରାୟୀ କହିଛନ୍ତି। କେନ୍ଦ୍ରୀୟ ଗାଜାର ବିଭିନ୍ନ ଅଞ୍ଚଳରୁ ଲୋକଙ୍କୁ ଖାଲି କରାଗଲେ ଡେର୍ ଅଲ୍ ବଲାହ ସହର ସହ ଦକ୍ଷିଣ ଗାଜାର ରାଫାହ ଏବଂ ଖାନ୍ ୟୁନିସ୍ ସହର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବ।

କାତାରରେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ବିରତି ଆଲୋଚନା ଚାଲିଥିବାବେଳେ ଇସ୍ରାଏଲର ଏହି ନିର୍ଦ୍ଦେଶନାମା ସାମ୍ନାକୁ ଆସିଛି। ତେବେ ଉକ୍ତ ଆଲୋଚନାରେ ବର୍ତ୍ତମାନ ସୁଦ୍ଧା ସମାଧାନର କୌଣସି ମାର୍ଗ ବାହାରିନାହିଁ ବୋଲି ଅନ୍ତର୍ଜାତୀୟସ୍ତରୀୟ ମଧ୍ୟସ୍ଥମାନେ କହିଛନ୍ତି। ଆଲୋଚନା ପାଇଁ ହମାସ୍ ଉପରେ ଚାପ ପକାଇବାକୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଗାଜାରେ ସାମରିକ ଅଭିଯାନକୁ ବଢ଼ାଇବା ପାଇଁ ଜୋର୍ ଦେଇ ଆସୁଛନ୍ତି। ଉଲ୍ଲେଖଯୋଗ୍ୟ, ଗାଜା ଷ୍ଟ୍ରିପ୍‌ରେ ୬୫% ଅଞ୍ଚଳକୁ ଅଧିକୃତ କରିସାରିଥିବା ନେଇ ଗତ ମାସରେ ଇସ୍ରାଏଲୀ ସେନା ଦାବି କରିଥିଲା।



କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ର ନୁସିରାତ ଅଞ୍ଚଳରେ ଥିବା ଏକ ଖାଦ୍ୟ ବଣ୍ଟନ କେନ୍ଦ୍ରରେ ପାଲେଷ୍ଟିନୀୟମାନେ ଭୋଜନ ପାଇଁ ଭିଡ଼ ଜମାଇଛନ୍ତି।

## ବ୍ରିଟେନ୍, ମାଳଦ୍ୱୀପ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୦।୭(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ବୁଧବାରରୁ ୪ ଦିନିଆ ବ୍ରିଟେନ୍ ଓ ମାଳଦ୍ୱୀପ ଗସ୍ତରେ ଯିବେ। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଏବଂ ଐତିହାସିକ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ଏହି ଗସ୍ତର ଉଦ୍ଦେଶ୍ୟ ବୋଲି କୁହାଯାଉଛି। ପ୍ରଥମ ପର୍ଯ୍ୟାୟରେ ମୋଦି ବ୍ରିଟେନ୍‌କୁ ୨ ଦିନିଆ ଗସ୍ତରେ ଯାଉଥିବାବେଳେ ସେଠାରୁ ଫେରି ମାଳଦ୍ୱୀପ ସ୍ୱାଧୀନତା ଦିବସ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଚାଇନାକୁ ସମର୍ଥନ କରୁଥିବା ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ୨୦୨୩ ନଭେମ୍ବରରେ କ୍ଷମତାକୁ ଆସିବା ପରେ ଭାରତ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା। ଆସନ୍ତା ୨୫ ଓ ୨୬ରେ ଏହି ଦ୍ୱୀପଦେଶକୁ ମୋଦି ଗସ୍ତରେ ଯାଉଥିବାରୁ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଦିଗରେ ଏହା ଉଲ୍ଲେଖନୀୟ ବୋଲି କୁହାଯାଇଛି। ୨୩ ଓ ୨୪ରେ ମୋଦି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଗସ୍ତ ସମୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ହେବା ଆଶା କରାଯାଉଛି। ଗତ ମେ'ରେ ଏହି ଚୁକ୍ତିନାମା ଚୂଡ଼ାନ୍ତ ହୋଇଥିଲା।

## ସଂକ୍ଷେପରେ

### ରୁଷିଆରେ ବଡ଼ ଭୂକମ୍ପ ସୁନାମି ସତର୍କ ସୂଚନା ପ୍ରତ୍ୟାହୃତ

ମସ୍କୋ,୨୦।୭

ରୁଷିଆର ପୂର୍ବ ଉପକୂଳରେ ରବିବାର ୫ଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର ସର୍ବାଧିକ ତୀବ୍ରତା ୭.୪ ରହିଥିଲା। ଫଳରେ ସୁନାମି ଆସିବା ଆଶଙ୍କାରେ ସତର୍କ ସୂଚନା ଜାରି କରାଯାଇଥିଲା। ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଦୂରକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସତର୍କ ସୂଚନାକୁ ପ୍ରତ୍ୟାହାର କରିନିଆଯାଇଛି। ରୁଷିଆର କାମ୍‌ଚଟ୍‌କା ପେନିନ୍‌ସୁଲାରେ ଆଉ ସୁନାମି ବିପଦ ନାହିଁ ବୋଲି ପାସିଫିକ୍ ସୁନାମି ୱାର୍ନିଂ ସେଣ୍ଟର ପକ୍ଷରୁ କୁହାଯାଇଛି। ସବୁଠୁ ଶକ୍ତିଶାଳୀ ଭୂକମ୍ପର କେନ୍ଦ୍ରସ୍ଥଳ ପେଟ୍ରୋପାଭ୍‌ଲୋଭ୍‌ସ୍କ-କାମ୍‌ଚଟ୍‌ସ୍କି ସହରଠାରୁ ପୂର୍ବ ଦିଗରେ ୧୪୪ କିଲୋମିଟର ଦୂର ଓ ୨୦ କିଲୋମିଟର ଗଭୀରରେ ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଆକଳନ କରିଛି। ଏହାର ପୂର୍ବରୁ ଓ ପରେ ଅନେକ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ।

### ହସ୍ପିଟାଲ ବେଡ୍‌ରେ ସ୍ତ୍ରୀଙ୍କୁ ହତ୍ୟାକଲେ ସ୍ୱାମୀ

ଚେନ୍ନାଇ,୨୦।୭

ତାମିଲନାଡୁର କରୁର ଜିଲାରେ ଶନିବାର ସ୍ୱାମୀଙ୍କ ସହ ବଚସାରୁ ଗଣ୍ଡଗୋଳ ହୋଇ ଆହତ ହୋଇଥିବା ୨୭ ବର୍ଷୀୟ ସ୍ତ୍ରୀ ଚିକିତ୍ସା ପାଇଁ ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲ ବେଡ୍‌ରେ ଅଚେତ ଅବସ୍ଥାରେ ଥିବା ସ୍ତ୍ରୀ ଶ୍ରୁତିଙ୍କୁ ରବିବାର ସ୍ୱାମୀ ବିଶ୍ରୁଥ ୩ ଥର ଛୁରି ଭୁସି ହତ୍ୟା କରିଛନ୍ତି। ଅନ୍ୟ ରୋଗୀ ଓ ହସ୍ପିଟାଲ କର୍ମଚାରୀଙ୍କ ସମ୍ମୁଖରେ ହତ୍ୟାକାଣ୍ଡ ଘଟାଇ ବିଶ୍ରୁଥ ଫେରାର ହୋଇଯାଇଥିଲେ। କୁଲିଥଲାଇ ପୋଲିସ ମାମଲା ରୁଜୁକରି ଅଭିଯୁକ୍ତ ସ୍ୱାମୀଙ୍କୁ ଖୋଜୁଛି। ଶ୍ରୁତି ପଞ୍ଚଭର୍ଥି ଅଞ୍ଚଳର ବିଶ୍ରୁଥଙ୍କୁ ବିବାହ କରିଥିବାବେଳେ ସେମାନଙ୍କର ୨ ସନ୍ତାନ ଅଛନ୍ତି।

### ବିଧାନସଭାରେ ରୁମି ଖେଳୁଥିବାବେଳେ ଧରାପଡ଼ିଲେ ମହାରାଷ୍ଟ୍ର ମନ୍ତ୍ରୀ

ମୁମ୍ବାଇ,୨୦।୭

ମହାରାଷ୍ଟ୍ର ବିଧାନସଭା ଅଧିବେଶନ ଚାଲିଥିବାବେଳେ କୃଷିମନ୍ତ୍ରୀ ମାନିକରାଓ କୋକଟେ ସେଠାରେ ରୁମି ଖେଳୁଥିବାର ଭିଡିଓରୁ ଦେଖିବାକୁ ମିଳିଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଏନ୍‌ସିପି ଏବଂ ଭାଜପାକୁ ଟାର୍ଗେଟ କରିଛନ୍ତି। ଏନ୍‌ସିପିଏସ(ଏସ୍‌ପି) ନେତା ରୋହିତ ପାଓ୍ୱାର କହିଛନ୍ତି, ରାଜ୍ୟରେ ଅନେକ କୃଷି ସମସ୍ୟା ରହିଥିବାବେଳେ ଦୈନିକ ୮ ଚାଷୀ ଆତ୍ମହତ୍ୟା କରୁଛନ୍ତି। ଏଭଳି ସମୟରେ କୃଷିମନ୍ତ୍ରୀ ବିଧାନସଭାରେ ରୁମି ଖେଳିବାକୁ ସମୟ ପାଉଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ମାନିକରାଓ ସଫେଇ ଦେବାକୁ ଯାଇ କହିଛନ୍ତି, ଭୁଲ୍‌ରେ ଗେମ୍ ଡାଉନ୍‌ଲୋଡ ହୋଇଯାଇଥିଲା। ୨ ଥର ଉଦ୍ୟମ କରିଥିଲେ ହେଁ କିପରି ସ୍କିପ୍ କରିବାକୁ ହୁଏ ଜାଣି ନ ଥିଲି। ପରେ ସ୍କିପ୍ କରିଥିଲି ବୋଲି ସେ କହିଛନ୍ତି।

# ୨୨ରେ ସେନାକୁ ମିଳିବ ପ୍ରଥମ ପର୍ଯ୍ୟାୟ ଅପାଚେ ହେଲିକପ୍ଟର

ନୂଆଦିଲ୍ଲୀ,୨୦।୭

ଦୀର୍ଘ ୧୫ ମାସରୁ ଊର୍ଦ୍ଧ୍ୱ ବିଳମ୍ବ ପରେ ଶେଷରେ ଭାରତୀୟ ସେନାକୁ ଅପାଚେ ଏଏଚ୍-୬୪ଇ ଲଢୁଆ ହେଲିକପ୍ଟରର ପ୍ରଥମ ବ୍ୟାଚ୍ ମିଳିବାକୁ ଯାଉଛି। ଦେଶର ପଶ୍ଚିମ ସୀମାରେ ସେନାର ଆକ୍ରମଣ ସାମର୍ଥ୍ୟ ବଢ଼ାଇବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ। ସୂତ୍ର ଅନୁଯାୟୀ, ୨୨ ତାରିଖରେ ସେନାର ଆଭିଏଶନ କର୍‌କୁ ପ୍ରଥମ ପର୍ଯ୍ୟାୟରେ ୩ଟି ହେଲିକପ୍ଟର ହସ୍ତାନ୍ତର କରାଯିବ। ଆମେରିକାରୁ ୬ଟି ଲଢୁଆ ଅପାଚେ ହେଲିକପ୍ଟର କିଣିବା ପାଇଁ ଭାରତୀୟ ସେନା ୨୦୨୦ରେ ୬୦୦ ନିୟୁତ ଡଲାରର ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ୨୦୨୪ ମେ'-ଜୁନ୍ ମଧ୍ୟରେ ଏହା ମିଳିବ ବୋଲି ଆଶା କରାଯାଉଥିବାବେଳେ ଇତିମଧ୍ୟରେ ୧୫ ମାସ ବିଳମ୍ବ ହେଲାଣି। ଯୋଗାଣ ଶୃଙ୍ଖଳରେ ସମସ୍ୟା ଓ ବୈଷୟିକ କାରଣରୁ ହେଲିକପ୍ଟର ମିଳିବା ବିଳମ୍ବ ହୋଇଥିବା କୁହାଯାଇଛି।



# ଶାନ୍ତି ଆଲୋଚନା ପାଇଁ ରୁଷିଆର ସର୍ତ୍ତ

ମସ୍କୋ,୨୦।୭

ୟୁକ୍ରେନ୍ ସହ ଶାନ୍ତି ଆଲୋଚନା ନେଇ ପ୍ରସ୍ତୁତ ଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ କହିଥିବାବେଳେ ଏଥିପାଇଁ ମସ୍କୋ ବଡ଼ ସର୍ତ୍ତ ରଖିଛି। ରୁଷିଆ ଏହାର ମୁଖ୍ୟ ଲକ୍ଷ୍ୟ ହାସଲ କରିବାକୁ ପ୍ରତିବଦ୍ଧ ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି। ୟୁକ୍ରେନ୍ ସହ ଚାଲିଥିବା ଯୁଦ୍ଧର ସମାଧାନ ଲାଗି ଯଥାଶୀଘ୍ର ସମ୍ଭବ ଶାନ୍ତିପୂର୍ଣ୍ଣ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ପୁଟିନ୍ ଚାହାନ୍ତି ବୋଲି ବାରମ୍ବାର କହିଆସୁଛନ୍ତି। ଏହା ଏକ ଦୀର୍ଘ ପ୍ରକ୍ରିୟା ଏବଂ ଏଥିପାଇଁ ଉଦ୍ୟମ ଆବଶ୍ୟକ, ଯାହା ଏତେ ସହଜ ନୁହେଁ। ଆମ ପାଇଁ ମୁଖ୍ୟ କଥା ହେଉଛି ଲକ୍ଷ୍ୟ ହାସଲ କରିବା। ଆମ ଲକ୍ଷ୍ୟ ସ୍ପଷ୍ଟ ବୋଲି ପେସ୍କୋଭ୍ କହିଛନ୍ତି। ଜୁନ୍ ପ୍ରଥମ ଭାଗରେ ଆରମ୍ଭ ହୋଇଥିବା ବୁଝାମଣା ଅଟକିବା ପରେ ଆସନ୍ତା ସପ୍ତାହରୁ ପୁଣି ଶାନ୍ତି ଆଲୋଚନା ପାଇଁ ୟୁକ୍ରେନ୍ ପ୍ରସ୍ତାବ ଦେଇଥିଲା। ୫୦ ଦିନ ମଧ୍ୟରେ ମସ୍କୋ ଶାନ୍ତି ଚୁକ୍ତିନାମା ପାଇଁ ରାଜି ନ ହେଲେ ଏହାଠାରୁ ଇନ୍ଧନ କିଣୁଥିବା ଦେଶଗୁଡ଼ିକ ଉପରେ କଟକଣା ଲାଗୁ କରାଯିବ ଏବଂ ୟୁକ୍ରେନ୍‌କୁ ଆବଶ୍ୟକ ଅସ୍ତ୍ର ସହାୟତା ଯୋଗାଇ ଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ସୋମବାର ଚେତାବନୀ ଦେଇଥିଲେ।

# ବେଦାନ୍ତ ସେମିକଣ୍ଡକ୍ଟର ଏକ ନକଲି ସାମଗ୍ରୀ ବ୍ୟବସାୟ ସଞ୍ଚାଳନ


ନୂଆଦିଲ୍ଲୀ,୨୦।୭(ପି.ଟି.)

## ଭାଇସରୟ୍‌ର ଅଭିଯୋଗ

ଖଣି ବ୍ୟବସାୟୀ ଅନିଲ ଅଗ୍ରୱାଲଙ୍କ ବେଦାନ୍ତ ଗ୍ରୁପ୍‌କୁ ଟାର୍ଗେଟ କରି ଆସୁଥିବା ଆମେରିକାର ଶର୍ଟ ସେଲର ଭାଇସ୍‌ରୟ ରିସର୍ଚ୍ଚ ଏହାର ସେମିକଣ୍ଡକ୍ଟର ୟୁନିଟ୍‌କୁ ଏକ 'ନକଲି ସାମଗ୍ରୀ ବ୍ୟବସାୟ ସଞ୍ଚାଳନ' ବୋଲି ଅଭିଯୋଗ କରିଛି। ନନ୍‌ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ(ଏନ୍‌ବିଏଫ୍‌ସି) ଭାବେ ବର୍ଗୀକରଣରୁ ବର୍ତ୍ତିବା ପାଇଁ କମ୍ପାନୀ ଏଭଳି ୟୁନିଟ୍ ସ୍ଥାପନ କରିଥିବା ଭାଇସ୍‌ରୟ କହିଥିବାବେଳେ ବେଦାନ୍ତ ଏହାକୁ ଭିତ୍ତିହୀନ କହି ଖଣ୍ଡନ କରିଛି।

ଗତ ସପ୍ତାହରେ ମଧ୍ୟ ଭାଇସ୍‌ରୟ ରିସର୍ଚ୍ଚ ବେଦାନ୍ତ ଗ୍ରୁପ୍ ସମ୍ପର୍କରେ ଏକ ନକାରାତ୍ମକ ରିପୋର୍ଟ ପ୍ରକାଶ କରିଥିବାବେଳେ ପରେ ଏଭଳି ଅନେକ ରିପୋର୍ଟ ଆଣିଲାଣି। ସଦ୍ୟତମ ରିପୋର୍ଟରେ ଅଭିଯୋଗ ହୋଇଛି ଯେ, ବେଦାନ୍ତ ଲିମିଟେଡ୍ ନିୟନ୍ତ୍ରଣରେ ଥିବା ବେଦାନ୍ତ ସେମିକଣ୍ଡକ୍ଟର ପ୍ରା.ଲିଃ(ଭିଏସ୍‌ପିଏଲ୍) ହେଉଛି ଏକ ଯୋଜନାର ଅଂଶ, ଯାହା ଏପ୍ରିଲରେ ଗୁରୁତର ନଗଦ ସଙ୍କଟର ସମ୍ମୁଖୀନ ହୋଇଥିବା ମୂଳ କମ୍ପାନୀ ବେଦାନ୍ତ ରିସୋର୍ସେସ୍‌କୁ ବ୍ରାଣ୍ଡ ଦେୟ ଛାଡ଼ କରିବା ପାଇଁ କରାଯାଇଛି। ଅନ୍ୟପକ୍ଷରେ ଭିଏସ୍‌ପିଏଲ୍ ସମ୍ପର୍କିତ ଅଭିଯୋଗ ଭିତ୍ତିହୀନ କହି ବେଦାନ୍ତ ଗ୍ରୁପ୍ ଏହାକୁ ଦୃଢ଼ଭାବେ ପ୍ରତ୍ୟାଖ୍ୟାନ କରୁଛି ବୋଲି ଏହାର ମୁଖପାତ୍ର କହିଛନ୍ତି।

# କୋମାରେ ୨୦ ବର୍ଷ ରହିବା ପରେ ସାଉଦି ସ୍ଲିପିଂ ପ୍ରିନ୍ସଙ୍କ ମୃତ୍ୟୁ



ସାଉଦି ପ୍ରିନ୍ସ ଅଲ୍‌ୱଲିଦ୍ ବିନ୍ ଖାଲେଦ୍ ବିନ୍ ତଲାଲ୍

ରିୟାଧ, ୨୦।୭

ସାଉଦି ପ୍ରିନ୍ସ ଅଲ୍‌ୱଲିଦ୍ ବିନ୍ ଖାଲେଦ୍ ବିନ୍ ତଲାଲ୍‌ଙ୍କର ୩୬ ବର୍ଷ ବୟସରେ ରବିବାର ମୃତ୍ୟୁ ହୋଇଯାଇଛି। ଏନେଇ ସାଉଦି ଆରବର ରାଜ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସେ ଗତ ୨୦ ବର୍ଷ ଧରି କୋମାରେ ଥିଲେ। ତେଣୁ ସ୍ଲିପିଂ ପ୍ରିନ୍ସ ନାମରେ ସେ ଜଣାଶୁଣା ଥିଲେ। ୨୦୦୫ରେ ଲଣ୍ଡନରେ ଏକ ମିଲିଟାରୀ କଲେଜରେ ଅଧ୍ୟୟନ କରୁଥିବା ସମୟରେ ଏକ କାର୍ ଦୁର୍ଘଟଣାରେ ସେ ଗମ୍ଭୀର ଭାବେ ଆହତ ହୋଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଯୋଗୁ ପ୍ରିନ୍ସ ଅଲ୍‌ୱଲିଦ୍ କୋମାକୁ ଚାଲିଯାଇଥିଲେ। ବିଶ୍ୱବ୍ୟାପୀ ଅନେକ ବିଶେଷଜ୍ଞ ତାଙ୍କର ଚିକିତ୍ସା କରିଥିଲେ ମଧ୍ୟ ତାଙ୍କୁ କୋମାରୁ ବାହାର କରାଯାଇ ପାରି ନ ଥିଲା। ତେବେ କୋମାରେ ଥିବାବେଳେ ଅନେକ ସମୟରେ ଅଙ୍ଗୁଠି ହଲିବା ପରି ବିଭିନ୍ନ ସାମାନ୍ୟ ଗତିବିଧି ପ୍ରିନ୍ସ ଅଲ୍‌ୱଲିଦ୍‌ଙ୍କଠାରେ ଦେଖିବାକୁ ମିଳିଥିଲା।

## ଫୁରସତ୍

# ଖାଦ୍ୟପ୍ରେମୀଙ୍କ ପାଇଁ ରୋବୋଟିକ୍ କିଚେନ୍

ନୂଆଦିଲ୍ଲୀ

ଭାରତରେ ରୋବୋଟିକ୍ସ କମ୍ପାନୀ 'ଅଟୋସେଫ୍' ପକ୍ଷରୁ ରୋବୋଟିକ୍ କିଚେନ୍ ସୁବିଧା ଦିଆଯିବା ନେଇ ଘୋଷଣା କରାଯାଇଛି। ଏହାଦ୍ୱାରା ଲୋକଙ୍କୁ ନିଜ ମନପସନ୍ଦର ଖାଦ୍ୟ ପାଇଁ ରୋଷେଇ ଘରେ ପରିଶ୍ରମ କରିବାକୁ ପଡ଼ିବ ନାହିଁ ବରଂ ଲୋକଙ୍କ ଅର୍ଡର ଅନୁଯାୟୀ, ରୋବୋଟିକ୍ କିଚେନ୍ ସ୍ୱୟଂଚାଳିତ ଭାବେ ଗ୍ରାହକଙ୍କ ମନପସନ୍ଦର ଖାଦ୍ୟ ଖୁବ୍ କମ୍ ସମୟ ମଧ୍ୟରେ ପ୍ରସ୍ତୁତ କରିପାରିବ। 'ଅଟୋସେଫ୍'ର ଫାଉଣ୍ଡର ଏହସାନ୍ ଖାଲିଦ ହେଉଛନ୍ତି ଜଣେ ପୂର୍ବତନ ପାଇଲଟ। ରୋଷେଇ ପ୍ରତି ତାଙ୍କର ବିଶେଷ ଆଗ୍ରହ ନ ଥିଲା। ତେଣୁ ରୋଷେଇ ଘରେ ପରିଶ୍ରମ ବିନା ବିଭିନ୍ନ ଡିସ୍ ପ୍ରସ୍ତୁତ ପାଇଁ ଏକ ରୋବୋଟିକ୍ସ କମ୍ପାନୀ ଆରମ୍ଭ କରିବାକୁ ତାଙ୍କ ମନରେ ଧାରଣା ଆସିଥିଲା। ଏହାପରେ ସେ ଅଟୋସେଫ୍‌ର ଶୁଭାରମ୍ଭ କରିଥିବା ଏହସାନ୍ କହିଛନ୍ତି।

ଏହସାନ୍ ନିଜେ ତାଙ୍କ ଘରେ ଅଟୋସେଫ୍‌ର ସଫ୍ଟୱେର୍‌କୁ ବିକଶିତ କରିଥିବା କହିଛନ୍ତି। ଅନ୍ୟ ନିର୍ମାତାଙ୍କଠାରୁ କିଣାଯାଇଥିବା କିଛି ଉପାଦାନ ବ୍ୟତୀତ କମ୍ପାନୀ ବ୍ୟବହାର କରୁଥିବା ଅଧିକାଂଶ ହାର୍ଡୱେର୍ ମଧ୍ୟ ସେ ନିଜେ ବିକଶିତ କରିଛନ୍ତି। ଏହି ସିଷ୍ଟମ୍ ଏକ ସମ୍ପୂର୍ଣ୍ଣ କଷ୍ଟମାଇଜେବଲ୍ ଆପ୍ ମାଧ୍ୟମରେ କାର୍ଯ୍ୟ କରିଥାଏ, ଯାହା ବ୍ୟବହାରକାରୀଙ୍କ ପସନ୍ଦ, ନାପସନ୍ଦ ଏବଂ ସ୍ୱାଦର ଯତ୍ନକୁ ଗୁରୁତ୍ୱ ଦେଇଥାଏ। ଏହାର ବ୍ୟବହାର ଦ୍ୱାରା ଲୋକଙ୍କୁ ରୋଷେଇ ଘରେ ପରିଶ୍ରମ କରିବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ଏହି ସିଷ୍ଟମରେ ଲୋକଙ୍କୁ କେବଳ ନିଜ ଇଚ୍ଛା ଅନୁଯାୟୀ ଖାଦ୍ୟ ବାଛିବାକୁ ପଡ଼ିବ ଏବଂ ଏକ ଆପ୍ ମାଧ୍ୟମରେ ନିର୍ଦ୍ଦେଶ ଦେବାକୁ ପଡ଼ିବ। କିଛି ମିନିଟ୍‌ର ଅପେକ୍ଷା ପରେ ଖାଦ୍ୟ ପ୍ରସ୍ତୁତ ହୋଇଯିବ ବୋଲି ସେ କହିଛନ୍ତି।

ଏହସାନ୍ କହିଛନ୍ତି, କୋଭିଡ୍ ଲକ୍‌ଡାଉନ୍ ସମୟରେ ରୋବୋଟିକ୍ କିଚେନ୍ ସୁବିଧା ନେଇ ତାଙ୍କ ମନକୁ ଏକ ଧାରଣା ଆସିଥିଲା। ସେତେବେଳେ ଘରୋଇ ସହାୟକ ତାଙ୍କ ଘରକୁ ଆସିବା ବନ୍ଦ କରିଦେଇଥିଲେ। ଅନ୍ୟ କୌଣସି ଘରୋଇ ସହାୟକ ମଧ୍ୟ ସେତେବେଳେ ଉପଲବ୍ଧ ନ ଥିଲେ। ତେଣୁ ବାଧ୍ୟହୋଇ ଇଚ୍ଛା ନ ଥିବା ସତ୍ତ୍ୱେ ମଧ୍ୟ ତାଙ୍କୁ ରୋଷେଇ ଘରେ କାମ କରିବାକୁ ପଡ଼ିଥିଲା। ତେବେ ରୋଷେଇ ଘରେ ଅନେକ କାର୍ଯ୍ୟର ପୁନରାବୃତ୍ତି ହେଉଥିବା ସେ ଅନୁଭବ କରିଥିଲେ। ଏହି କାର୍ଯ୍ୟଗୁଡ଼ିକୁ ସ୍ୱୟଂଚାଳିତ କରାଯିବାର ଆବଶ୍ୟକତା ରହିଛି ବୋଲି ସେ ହୃଦ୍‌ବୋଧ କରିଥିଲେ।

ସମ୍ପ୍ରତି ଅଟୋସେଫ୍‌ର ଏହି ରୋବୋଟିକ୍ କିଚେନ୍ ଅନ୍ତିମ ପରୀକ୍ଷଣ ପର୍ଯ୍ୟାୟରେ ରହିଛି। ଏହାପରେ ଏହସାନ୍ ବଜାରରେ ଏହାର ଲଞ୍ଚିଂ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରଥମ କିଛି ଗ୍ରାହକଙ୍କୁ ବିପୁଳ ରିହାତି ଦେବାକୁ ଅଟୋସେଫ୍ ଯୋଜନା କରିଛି। ଆଗାମୀ ଦିନରେ ଯେଉଁମାନେ ଭଲ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି, କିନ୍ତୁ ନିଜେ ରାନ୍ଧିବା ପାଇଁ ସମୟ ପାଆନ୍ତି ନାହିଁ ସେମାନଙ୍କ ଜୀବନକୁ ସହଜ କରିବାରେ ଅଟୋସେଫ୍‌ର ଏହି ରୋବୋଟିକ୍ କିଚେନ୍ ସିଷ୍ଟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।



SCHOOL OF AGRICULTURE
GIET UNIVERSITY, GUNUPUR
RAYAGADA, PIN-765 022, ODISHA, INDIA, www.giet.edu

B. Sc. (Hons.) AGRICULTURE

WITH RARE ACCREDITATION FROM GOVT. OF INDIA
INDIAN COUNCIL OF AGRICULTURAL RESEARCH, NEW DELHI



- 81 Acres of land for demo farm, Orchard and Agricultural activities in Agronomy, Horticulture, Floriculture, Mushroom etc.
- Galaxy of Professors from famous universities of India.
- Smart Classrooms, Mordern Agri. Labs equipped with the best.
- Highly appreciated by ICAR, New Delhi, India.
- World class student facilities of GIETU Campus.
- 7 Play fields, Swimming pool, Marketing Arcade, In campus hostels, Professor quarters, Cinema Hall, Vibrant campus life.
- Attractive Placement of pass out students.
- Many innovative ideas are developed by the faculties and students. Huge number of patents are published.



GIET University also offers
B.Tech B.Sc. Nursing B.Pharm
M.Tech MBA MCA M.Sc. (Ag.) BBA BCA
8118 0530 01 / 02 / 03 / 04 / 05 / 06 / 07 / 08 / 09

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ସୋମବାର, ଜୁଲାଇ ୨୧/୨୦୨୫ | Bhubaneswar, Monday, July 21/2025 | ପୃଷ୍ଠା-୧




**ଭାରତୀୟ ଟେଷ୍ଟ ଦଳରେ ଅଂଶୁଲ**

ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ପେସ୍ ବୋଲର ଅଂଶୁଲ କାମ୍ବୋଜ।

୧୨

୦୨

**'ଉସ୍ତାଦ ଭଗତ ସିଂ'ରେ ରାଶିଙ୍କ ଏଣ୍ଟ୍ରି**

ସାଉଥ୍ ସୁପରଷ୍ଟାର ପୱନ କଲ୍ୟାଣଙ୍କ ଫିଲ୍ମ 'ଉସ୍ତାଦ ଭଗତ ସିଂ' ରେ ରାଶି ଖାନ୍ନା ଅଭିନୟ କରୁଛନ୍ତି।



# ଦିଲ୍ଲୀ ଏମ୍ସରେ ବଳଙ୍ଗା ପୀଡ଼ିତା



ଭୁବନେଶ୍ୱର ଏମ୍ସରୁ ବଳଙ୍ଗା ପୀଡ଼ିତାଙ୍କୁ ଦିଲ୍ଲୀ ନିଆଯାଉଛି।

**ଭୁବନେଶ୍ୱର,୨୦।୭ (ରବିନାରାୟଣ ଜେନା)**

ବଳଙ୍ଗା ପୀଡ଼ିତାଙ୍କ ଶରୀର ୭୫ ଭାଗ ପୋଡ଼ିଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଜଟିଳ ରହିଛି ବୋଲି ଦିଲ୍ଲୀ ଏମ୍ସ ହସ୍ପିଟାଲ ପକ୍ଷରୁ ମିଡିଆ ସେଲ୍ ଦାୟିତ୍ୱରେ ଥିବା ଡାକ୍ତର ରୀମା ଦାଦା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭୁବନେଶ୍ୱରରୁ ପୀଡ଼ିତା ଏୟାରଲିଫ୍ଟ ହେବା ପରେ ସେଠାରେ ଅପରାହ୍ନ ୪ଟା ୨୦ ମିନିଟ୍‌ରେ ପହଞ୍ଚିଥିଲେ। ତାଙ୍କୁ ବର୍ନ ଆଣ୍ଡ ପ୍ଲାଷ୍ଟିକ୍ ୟୁନିଟ୍ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ରହିଛି। ତାଙ୍କୁ ଏବେ ଅକ୍ସିଜେନ ସପୋର୍ଟରେ ରଖାଯାଇଛି। ଏମ୍ସ ପକ୍ଷରୁ ଗୋଟିଏ ଡାକ୍ତରୀ ଦଳ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଚିକିତ୍ସା କରୁଛନ୍ତି ବୋଲି ଡାକ୍ତର ରିମା ଜଣାଇଛନ୍ତି।

ସୂଚନାଯୋଗ୍ୟ, ବଳଙ୍ଗାରେ ଶନିବାର ପୂର୍ବାହ୍ନ ପ୍ରାୟ ୯ଟା ବେଳେ ଜଣେ ୧୫ ବର୍ଷର ଝିଅଙ୍କୁ ତିନି ଜଣ ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସେଠାରୁ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବାରୁ ସର୍ବୋତ୍ତମ ଚିକିତ୍ସା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଏମ୍ସ ପଠାଯିବାକୁ କହିଥିଲେ। ସେହି ଅନୁସାରେ ରବିବାର ସବୁଜ ବଳୟ(ଗ୍ରୀନ୍ କରିଡର) ମଧ୍ୟରେ ତାଙ୍କୁ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଭୁବନେଶ୍ୱର ଏମ୍ସରୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ପୋଲିସ ଦ୍ୱାରା କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏସ୍କର୍ଟ ମାଧ୍ୟମରେ ଭୁବନେଶ୍ୱର ଏମ୍ସରୁ ବିଜୁ ପଟ୍ଟନାୟକ ☞ପୃଷ୍ଠା-୨

# ଉଠିପାରେ ଏସ୍ଆଇଆର୍, ଟ୍ରମ୍ପ୍ ଝଡ଼

ପହଲଗାମ୍ ଆକ୍ରମଣକାରୀଙ୍କୁ ଧରିବାରେ ବିଫଳତା, 'ଅପରେଶନ ସିନ୍ଦୂର' ବେଳେ ଭାରତୀୟ ଯୁଦ୍ଧବିମାନ ଖସିପଡ଼ିବା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପରେ ଭାରତ-ପାକିସ୍ତାନ ଅସ୍ତ୍ରବିରତି ହୋଇଥିବା ଏବଂ ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ(ଇସି) ଚଳାଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ଭଳି କେତେକ ବଡ଼ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିବୃତି ଦିଅନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଛନ୍ତି। କିନ୍ତୁ ଏହି ପ୍ରସଙ୍ଗଗୁଡ଼ିକରେ ପ୍ରଧାନମନ୍ତ୍ରୀ ନୀରବ ରହିଆସିଛନ୍ତି। ଏଭଳି ସ୍ଥଳେ ସୋମବାରଠାରୁ ଆରମ୍ଭ ହେବାକୁ ଥିବା ସଂସଦର ମୌସୁମୀ ଅଧିବେଶନରେ ଏହି ପ୍ରସଙ୍ଗରେ ମୋଦି ମୁହଁ ଖୋଲନ୍ତୁ ବୋଲି ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିରୋଧୀ ଦାବି କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ କୌଣସି ବିବୃତି ଦେବେ ନାହିଁ ବୋଲି ପିଟିଆଇ ସୂତ୍ରରୁ ଜଣାପଡ଼ିଛି। ବିରୋଧୀ ଉଠାଉଥିବା ସବୁ ପ୍ରସଙ୍ଗର ଉତ୍ତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ପ୍ରମୁଖ ଦେବା ନେଇ ଏକପ୍ରକାର ଚୂଡ଼ାନ୍ତ ହୋଇଛି। ଏନେଇ ଗତ ଶୁକ୍ରବାର ରାଜନାଥଙ୍କ ବାସଭବନରେ ଅନୁଷ୍ଠିତ ଏକ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ବିରୋଧୀ ମୋଦିଙ୍କ ଉତ୍ତର ଦାବିରେ ଅଡ଼ିବସିଥିବାବେଳେ ଶାସକ ଦଳ ତାକୁ କୌଶଳକ୍ରମେ ଟାଳିବାକୁ ଉଦ୍ୟମ କରୁଥିବାରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବାକୁ କାର୍ଯ୍ୟକ୍ରମ ରହିଥିବା ମୌସୁମୀ ଅଧିବେଶନରେ ବାରମ୍ବାର ଝଡ଼ ସୃଷ୍ଟି ହୋଇ ସଂସଦୀୟ କାର୍ଯ୍ୟରେ ଅଚଳାବସ୍ଥା ଦେଖାଦେବା ଅନୁମାନ କରାଯାଉଛି।

## ଆଜିଠୁ ସଂସଦର ମୌସୁମୀ ଅଧିବେଶନ



**ନୂଆଦିଲ୍ଲୀ,୨୦।୭(ପି.ଟି.)**

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସୋମବାରଠାରୁ ଆରମ୍ଭ ହେଉଥିବାବେଳେ ଏହାର ଦିନକ ପୂର୍ବରୁ ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିରୋଧୀ ଦଳଗୁଡ଼ିକ ପହଲଗାମ୍ ଆକ୍ରମଣ, ଅପରେଶନ ସିନ୍ଦୂର ଓ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବାରମ୍ବାର ଦାବି ଏବଂ ବିହାରରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର୍) ଆଦି ପ୍ରସଙ୍ଗ ଉପରେ ଆଲୋଚନା ଦାବି କରିଥିଲେ। ଏପରିକି ଭାଜପାର ସହଯୋଗୀ ଦଳଗୁଡ଼ିକ ମଧ୍ୟ ଅପରେଶନ ସିନ୍ଦୂର ଉପରେ ଆଲୋଚନା ହେବା ଆବଶ୍ୟକ ବୋଲି କହିଥିଲେ। ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ ବୋଲି ସୂଚନା ଦେଇଛନ୍ତି।

ଟ୍ରମ୍ପଙ୍କ ଅସ୍ତ୍ରବିରତି ଦାବି ଏବଂ ବିହାର ଏସ୍ଆଇଆର୍ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହରେ ଉପସ୍ଥିତ ରହି ଉତ୍ତର ରଖିବାକୁ ବୈଠକରେ ଇଣ୍ଡିଆ ବ୍ଲକ୍ ଦାବି କରିଥିଲା। ତେବେ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ଉତ୍ତର ରଖି ନ ପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଭାରତ-ପାକିସ୍ତାନ ସଂଘର୍ଷରେ ଅସ୍ତ୍ରବିରତି କରାଇଥିବା ନେଇ ଟ୍ରମ୍ପଙ୍କ ଦାବି ଉପରେ ଆଲୋଚନା ହେଲେ ସରକାର ଉପଯୁକ୍ତ ଉତ୍ତର ରଖିବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ମାସେବ୍ୟାପୀ ବସିବାକୁ ଥିବା ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ ସେଥିପାଇଁ ସରକାର ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ବସିଥିବା ସର୍ବଦଳୀୟ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ରିଜିଜୁ କହିଛନ୍ତି, ଏନ୍‌ଡିଏ ସହଯୋଗୀ ଏବଂ ବିରୋଧୀ ସଦସ୍ୟମାନଙ୍କ ଦାବିକୁ ଆମେ ଧୈର୍ଯ୍ୟର ସହ ଶୁଣିଛୁ ଏବଂ ଏହି ଅଧିବେଶନ ବେଶ୍ ଫଳପ୍ରଦ ହେବ ବୋଲି ଆଶାବାଦୀ ରହିଛୁ। ପାର୍ଲାମେଣ୍ଟ ସୁରୁଖୁରୁରେ ଚାଲିବା ପାଇଁ ସରକାର ଏବଂ ବିରୋଧୀଙ୍କ ମଧ୍ୟରେ ସମନ୍ୱୟ ରହିବା ଉଚିତ। ବୈଠକରେ ବିଭିନ୍ନ ଦଳର ୫୪ ଜଣ ନେତା ଏବଂ ସ୍ୱାଧୀନ ଏମ୍‌ପିମାନେ ଉପସ୍ଥିତ ଥିଲେ। ଅପରେଶନ ସିନ୍ଦୂର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ଆଲୋଚନା ନିମନ୍ତେ ରାଷ୍ଟ୍ରର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି ବୋଲି ରିଜିଜୁ କହିଛନ୍ତି। ତେବେ ସରକାରଙ୍କୁ ନିୟମ ଓ ପରମ୍ପରାକୁ ଗୁରୁତ୍ୱ ଦେବାକୁ ହେବ। ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ଉଭୟ ଗୃହର ବିଜ୍‌ନେସ୍ ଆଡଭାଇଜରି କମିଟିକୁ ନିଆଯିବ, ଯେଉଁଠି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ରିଜିଜୁ ସୂଚନା ଦେଇଛନ୍ତି। ପାର୍ଲାମେଣ୍ଟରେ ଅଳ୍ପ କେତେଜଣ ଏମ୍‌ପି କହିବା ସୁଯୋଗ ପାଉଥିଲାବେଳେ ଦଳଗୁଡ଼ିକୁ ଅଧିକ ସମୟ ଦେବା ପାଇଁ ଦାବି ହୋଇଥିଲା। ଛୋଟ ଦଳଗୁଡ଼ିକ ସମେତ ସମସ୍ତଙ୍କୁ ପର୍ଯ୍ୟାପ୍ତ ସମୟ ଯୋଗାଇବା ପାଇଁ ☞ପୃଷ୍ଠା-୨

# ସ୍ତ୍ରୀଙ୍କୁ ମାରି ନାଳରେ ଫିଙ୍ଗିଦେଲେ

## ଥାନାରେ ଆତ୍ମସମର୍ପଣ କଲେ ସ୍ୱାମୀ

**ବଣାଇଁ,୨୦।୭(ପ୍ରଦୀପ ତ୍ରିପାଠୀ)**

ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟରତ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ତାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଅଖାରେ ଭର୍ତ୍ତି କରି ନାଳରେ ଫିଙ୍ଗି ଦେଇଥିଲେ ସ୍ୱାମୀ। ଏହାର ଦିନକ ପରେ ଅର୍ଥାତ୍ ରବିବାର ଅଭିଯୁକ୍ତ ସ୍ୱାମୀ ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ ପଙ୍କଡ଼ିହି ପଞ୍ଚାୟତ ଅନ୍ତର୍ଗତ ଜଡ଼ା ଗ୍ରାମର ଲକ୍ଷ୍ମଣ ଓରାମ ଗୁରୁଣ୍ଡିଆ ଥାନାରେ ଆତ୍ମସମର୍ପଣ କରିଛନ୍ତି। ସ୍ତ୍ରୀଙ୍କ ପରକୀୟା ପ୍ରୀତି ଅସହ୍ୟ ହେବାରୁ ତାଙ୍କୁ ହତ୍ୟା କରିବା ଛଡ଼ା ଅନ୍ୟ କୌଣସି ବାଟ ନ ଥିଲା ବୋଲି ଲକ୍ଷ୍ମଣ ପୋଲିସକୁ କହିଛନ୍ତି। ମୃତା ମହିଳା ହେଲେ ଜୟନ୍ତୀ କୁଜୁର। ପ୍ରଥମେ ଲକ୍ଷ୍ମଣ ସ୍ତ୍ରୀଙ୍କ ମୃତଦେହ ବ୍ରାହ୍ମଣୀ ନଦୀରେ ଫିଙ୍ଗିଥିବା କହି ପୋଲିସକୁ ଭୂଆଁ ବୁଲାଇଥିଲେ। ସେହି ସୂଚନା ଆଧାରରେ ପୋଲିସ ସେଠାକୁ ଯାଇ ଖୋଜାଖୋଜି କରିଥିଲେ ହେଁ ମୃତଦେହ ଠାବ କରିପାରି ନ ଥିଲା। ଏହାପରେ ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା ପରେ ସେ କାଂଶବାହାଲ ନାଳରେ ଫିଙ୍ଗିଥିଲେ ବୋଲି କହିଥିଲେ। ଅଭିଯୁକ୍ତଙ୍କ ବୟାନ ପରେ ପୋଲିସ ତାଙ୍କୁ ଘଟଣାସ୍ଥଳକୁ ☞ପୃଷ୍ଠା-୨

# ଡିଏଫ୍ଓଙ୍କ ୧୧୫ ପ୍ଲଟ୍

**ଭୁବନେଶ୍ୱର/ କେନ୍ଦୁଝର,୨୦।୭ (ସତ୍ୟଜିତ୍ ରାଉତ/ ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)**

ଜଙ୍ଗଲୀ ବାବୁଙ୍କ ଜମି କିଣା ସଉକ। ଦୁର୍ନୀତି ଟଙ୍କାରେ ସ୍ତ୍ରୀ, ପୁଅ, ଝିଅ ଓ ନିଜ ନାଁରେ କିଣିଛନ୍ତି ମାଳମାଳ ପ୍ଲଟ। ଘର ସଜେଇବାକୁ ବାଛିଥିଲେ ବହୁମୂଲ୍ୟବାନ୍ କାଠ। ମୂଲ୍ୟବାନ କାଠରେ ଚୌକିଠୁ ଆରମ୍ଭ କରି ଟେବୁଲ, ଆଲମିରା, କବାଟ, ପଲଙ୍କ, ଖୁଣ୍ଟ ଓ ଭିନ୍ନ ଭିନ୍ନ ଆକର୍ଷଣୀୟ ଉପକରଣ ପ୍ରସ୍ତୁତ କରିଥିଲେ। କେବଳ ଏତିକି ନୁହେଁ ଘରେ ବେଆଇନ ଭାବେ ରଖିଥିଲେ ବନ୍ଧୁକଠୁ ଆରମ୍ଭ କରି ତୀର, ଟାଙ୍ଗିଆ, ଖଣ୍ଡା ଆଦି ବହୁ ମାରଣାସ୍ତ୍ର। କେନ୍ଦୁଝର ଜିଲ୍ଲା କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ନିତ୍ୟାନନ୍ଦ ନାୟକ ଭିଜିଲାନ୍ସ ଜାଲରେ ରବିବାର ଫସିବା ପରେ ତାଙ୍କ କଳା କାରନାମା ପଦାକୁ ଆସିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ନିତ୍ୟାନନ୍ଦଙ୍କ ଘର ସମେତ ଅନୁଗୋଳ, କେନ୍ଦୁଝର ଓ ନୟାଗଡ଼ ଜିଲ୍ଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ

### ୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ



ଡିଏଫ୍ଓ ନିତ୍ୟାନନ୍ଦ ନାୟକ

ହୋଇଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ ଅନୁଗୋଳ ବନ୍ତଲା ଥାନା ଅନ୍ତର୍ଗତ ମଦନମୋହନପାଟଣା ଗ୍ରାମସ୍ଥିତ ପୈତୃକ ଘର, ଅନୁଗୋଳ ଜଗନ୍ନାଥପୁରସ୍ଥିତ ଶ୍ୱଶୁର ଘର, କେନ୍ଦୁଝରସ୍ଥିତ ଅଫିସ, କେନ୍ଦୁଝରସ୍ଥିତ ସରକାରୀ ବାସଭବନ, ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍ସି)ସ୍ଥିତ ନିତ୍ୟାନନ୍ଦଙ୍କ ପୁଅଙ୍କ ଅଫିସ ଚାମ୍ବର ଆଦି ରହିଛି। କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ଏହି ଚଢ଼ାଉ କରୁଥିବାବେଳେ ଏଥିରେ ୩ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ନିତ୍ୟାନନ୍ଦ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନିକଟରୁ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ନିତ୍ୟାନନ୍ଦ ଚାକିରି କାଳ ମଧ୍ୟରେ ୧୧୫ଟି ପ୍ଲଟ୍ କିଣିଛନ୍ତି। ଏତେ ସଂଖ୍ୟାରେ ଭିଜିଲାନ୍ସ ଜମି ଠାବ କରିବାରେ ଏହା ରାଜ୍ୟରେ ପ୍ରଥମ। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରେ ନିତ୍ୟାନନ୍ଦଙ୍କ ନିଜ ନାଁରେ ୫୩ଟି, ପତ୍ନୀଙ୍କ ନାଁରେ ୪୨ଟି, ଦୁଇ ପୁଅଙ୍କ ନାଁରେ ୧୬ଟି ଓ ଝିଅଙ୍କ ନାଁରେ ୪ଟି ପ୍ଲଟ୍ ରହିଛି। ନିତ୍ୟାନନ୍ଦ ୧୯୯୨ରେ ସରକାରୀ ଚାକିରିରେ ଯୋଗ ଦେବାପରଠାରୁ ୨୦୨୪ ମସିହା ମଧ୍ୟରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦାରେ ଏସବୁ ପ୍ଲଟ୍ କିଣିଛନ୍ତି। ରେଜିଷ୍ଟର୍ ସେଲ୍ ଡିଡ୍ (ଆର୍‌ଏସ୍‌ଡି) ଅନୁଯାୟୀ ମୋଟ୍ ପ୍ଲଟଗୁଡ଼ିକର ଦାମ ୨.୫ କୋଟି ଥିବାବେଳେ ପ୍ରକୃତ ☞ପୃଷ୍ଠା-୨

# ଚୋରି କରିବାକୁ ଯାଇଥିଲେ, ଖାଇକି ଫେରିଲେ

**ବଡ଼ଗାଁ,୨୦।୭ (ଅଶୋକ ଷଡ଼ଙ୍ଗୀ)**

ଚୋରି କରିବାକୁ ଆସି ଘରେ ପଶିଲେ। ହେଲେ ଘର ଭିତରେ କେହି ନ ଥିବା ନିଶ୍ଚିତ ହେବା ପରେ ଚୋରମାନେ ସେଠାରେ ଭୋଜି କରି ଖାଇବାକୁ ସ୍ଥିର କଲେ। ଘରେ ଥିବା ଅଣ୍ଡା ସିଝାଇ ତରକାରି କଲେ। ଡାଲି ବି ରାନ୍ଧିଲେ। ହାଣ୍ଡିରେ ଥିବା ଭାତ ସହିତ ଏ ସବୁକୁ ଖାଇ ଚାଲିଗଲେ। ଏହିଭଳି ଘଟଣା ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ବଡ଼ଗାଁ ଥାନା ସବ୍ ଇନ୍ସପେକ୍ଟର ଖଗପତି ବିଶ୍ୱାଳଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବଡ଼ଗାଁ ଡିଗ୍ରୀ କଲେଜର ଅଧ୍ୟାପିକା ବନଜା ରାଣୀ ଷଡ଼ଙ୍ଗୀ କିଛି ଦିନ ହେଲା ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଶୁକ୍ରବାର ରାତିରେ କଲେଜ ନିକଟରେ ସେ ରହୁଥିବା ଷ୍ଟାଫ କ୍ୱାର୍ଟରରେ ଚୋରମାନେ ତାଲାଭାଙ୍ଗି ପଶିଥିଲେ। ଘରେ ଥିବା ଆସବାବପତ୍ର, ବିଭିନ୍ନ ସାମଗ୍ରୀ ଫିଙ୍ଗା ଫୋପଡ଼ା କରିଥିଲେ ମଧ୍ୟ କିଛି ନେଇ ନ ଥିଲେ। ଶନିବାର କଲେଜ କର୍ମଚାରୀମାନେ କବାଟ ତାଲା ଭଙ୍ଗା ଯାଇଥିବା ଦେଖି ଅଧ୍ୟାପିକାଙ୍କୁ ଫୋନ କରି ଜଣାଇଥିଲେ। ଅଧ୍ୟାପିକା ଏ ସମ୍ପର୍କରେ ବଡ଼ଗାଁ ପୋଲିସକୁ ଜଣାଇବା ପରେ ସବ୍ ଇନ୍ସପେକ୍ଟର ବିଶ୍ୱାଳ ତଦନ୍ତ କରିଥିଲେ। ତଦନ୍ତ ସମୟରେ ଚୋରମାନେ ଭୋଜି କରି ଖାଇଥିଲେ ମଧ୍ୟ କିଛି ଜିନିଷ ନେଇ ନ ଥିବା ଜଣାପଡିଥିଲା। ସେହିପରି ଗତ ସପ୍ତାହ ମଙ୍ଗଳବାର ରାତିରେ ଚୋରମାନେ ଧୁମାଗଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଲା ଭାଙ୍ଗି ପଶି ଥିଲେ। ମଧ୍ୟାହ୍ନଭୋଜନ ପାଇଁ ବନ୍ଦୁରା ଯାଇଥିବା ଚଣା ସିଝାଇ ଖାଇଥିଲେ ମଧ୍ୟ କୌଣସି ସାମଗ୍ରୀ ନେଇ ନ ଥିଲେ।

**ଆଜିର ସମ୍ପାଦକୀୟ**

୫ଟା ୩୦

**ଆଜିର ମନ୍ତବ୍ୟ**

"କଂଗ୍ରେସ ସମେତ ଅନ୍ୟ କେତେକ ବିରୋଧୀ ଦଳ ସେମାନଙ୍କ ମୁସ୍‌ଲିମ୍ ଭୋଟବ୍ୟାଙ୍କ ବଞ୍ଚାଇ ରଖିବା ପାଇଁ ନୂଆ ୱକ୍‌ଫ ଆଇନକୁ ବିରୋଧ କରୁଛନ୍ତି।

-କିରେନ୍ ରିଜିଜୁ, ସଂସଦୀୟ ବ୍ୟାପାର ମନ୍ତ୍ରୀ




## ଭୁବନେଶ୍ୱର

ଓଡ଼ିଆ କଳାକାରଙ୍କ ସ୍ୱର ପକ୍ଷରୁ 'କଳାକାର ଦିବସ' ପାଳନ ନିମନ୍ତେ ଖବରଦାତା ସମ୍ମିଳନୀ ସ୍ଥାନ: କାଳାକେନ୍ଦ୍ର(ଭୁବନେଶ୍ୱର କ୍ଲବ୍ ପଛପଟ), ସମୟ: ପୂର୍ବାହ୍ନ ୧୦.୩୦

- ଓଡ଼ିଶା ଗୀତା ପରିବାର ପକ୍ଷରୁ ଶ୍ରୀମଦ୍ ଭଗବଦ୍ ଗୀତା ପାରାୟଣ। ସ୍ଥାନ: କୋଳଥିଆ ଜଗନ୍ନାଥ ମନ୍ଦିର। ସମୟ ପୂର୍ବାହ୍ନ ୧୦.୦୦।

## ଖୋର୍ଦ୍ଧା

- ଜଟଣୀ ଗାଁ, ହାଟବଜାର ଓ ଗୋପୀନାଥପୁରର ଗ୍ରାମଦେବତୀ ମା' ଭଗବତୀଙ୍କ ଶୁଭ ଆଗମନ (ସାହିଯାତ୍ରା) ଆରମ୍ଭ, ସ୍ଥାନ: ଜଟଣୀ ଗାଁ ହାଟବଜାର ମେଳଣ ପଡ଼ିଆ, ସମୟ: ରାତି ୧୦ଟା।

## ବାଲେଶ୍ୱର

- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସୋର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- . ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- **ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କରଞ୍ଜିଆ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା।**

## ବ୍ରହ୍ମପୁର

- ବିଜେଡ଼ି ପକ୍ଷରୁ ଶୋଭାଯାତ୍ରା ଓ ଆରଡିସି ଘେରାଉ, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ସକାଳ ୧୦ଟା।
- ବୈଶ୍ୟ ମହିଳା ସଂଘ ପକ୍ଷରୁ ସୋଲାର ପ୍ୟାନେଲ ଉଦଘାଟନ, ସ୍ଥାନ: ଅନ୍ଧପସରା ରୋଡ଼ ଦୃଷ୍ଟି ବାଧିତ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।

## କନ୍ଧମାଳ

- ଜିଲ୍ଲାପଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ ବ୍ଲକ୍ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା।

# ଆଜି କ'ଣ କେଉଁଠି

## ଗଜପତି

- ଓଡିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବ୍ଲକ୍‌ସ୍ତରୀୟ କନଭେସନ ବୈଠକ, ସ୍ଥାନ: ଲାଲବାହାଦୁର ଶାସ୍ତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଚାନ୍ଦିପୁଟ, ସମୟ: ଅପରାହ୍ନ ୨ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡାହାଡ ବ୍ଲକ କାର୍ଯ୍ୟାଳୟ, ସମୟ: ପୂବର୍ରାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ତନ୍ତିଆପାଳରେ ନାବାଳିକ ଅପହରଣ ମାମଲାର ନ୍ୟାୟ ଦାବିରେ ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଦଳେଇଗୁଡ଼ା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଲକ୍ଷ୍ମୀପୁଟ ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ସଭା ଗୃହ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି, ସ୍ଥାନ: କାଳିଆଗାଁ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ:ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଝୁଝୁମୁରା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- .ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ : ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ଖୁରସେଲ ପଞ୍ଚାୟତ କାର୍ଯ୍ୟାଳୟ, ପାଟଣାଗଡ ବ୍ଲକ , ସମୟ : ସକାଳ ୧୦ଟା
- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା

- ରାଉରକେଲା ସହରରେ ୭୯ତମ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ,ସ୍ଥାନ: ଆଇଟିଡିଏ ହଲ,ସମୟ:ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଶାନ୍ତିପୂର୍ଣ୍ଣ ପ୍ରତିବାଦ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ୧୦ଟା।
- ଦ୍ୱିତୀୟ ଶ୍ରାବଣ ସୋମବାର ଜଳାଭିଷେକ, ସ୍ଥାନ: ବେଦବ୍ୟାସ ଧାମ, ସମୟ: ଭୋର ୫ଟା।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର,ସ୍ଥାନ:କଣ୍ଟାମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ , କଣ୍ଟାମାଳ , ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ରାଇତାବାହାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳଶାୟୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟାରୁ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ମୁଖ୍ୟମନ୍ତ୍ରୀ ବୟୁ ସେବା ଯୋଜନାରେ ଉତ୍ତମ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡ଼ା, ସମୟ: ସକାଳ ୮ଟା।
- ଖରିଆର ରୋଡ ପହଲ ପକ୍ଷରୁ ଏମ୍‌ଜିଏମ୍ ଆଖି ଚିକିତ୍ସାଳୟ ରାୟପୁରର ଚିକିତ୍ସକଙ୍କ ଦ୍ୱାରା ମାଗଣା ନେତ୍ର ପରୀକ୍ଷା ଶିବିର, ସ୍ଥାନ: ସାହୁ ସମାଜ ଭବନ, ଖରିଆର ରୋଡ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖଡ଼ିଆଳ ବ୍ଲକ କିରକିଟା ଗାଁ, ସମୟ: ଅପରାହ୍ନ ୩ଟା।

# 'ଉସ୍ତାଦ ଭଗତ ସିଂ'ରେ ରାଶିଙ୍କ ଏଣ୍ଟ୍ରି



ହାଇଦ୍ରାବାଦ: ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ତଥା ସାଉଥ୍ ସୁପରଷ୍ଟାର ପୱନ କଲ୍ୟାଣଙ୍କ ଆଗାମୀ ଫିଲ୍ମ 'ଉସ୍ତାଦ ଭଗତ ସିଂ' ଆସନ୍ତା ବର୍ଷ ରିଲିଜ୍ ହେବ। ଏହି ଫିଲ୍ମରେ ଅଭିନେତ୍ରୀ ଶ୍ରୀଲୀଲା ପୱନଙ୍କ ବିପକ୍ଷରେ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ତେବେ ଏକ ରିପୋର୍ଟ ଅନୁଯାୟୀ, 'ଉସ୍ତାଦ ଭଗତ ସିଂ' ଫିଲ୍ମରେ ସାଉଥ୍ ଅଭିନେତ୍ରୀ ରାଶି ଖାନ୍ନାଙ୍କ ଏଣ୍ଟ୍ରି ହୋଇଛି। ଶ୍ରୀଲୀଲାଙ୍କ ପରେ ସେ ଫିଲ୍ମର ଦ୍ୱିତୀୟ ମୁଖ୍ୟ ଅଭିନେତ୍ରୀ ଭାବେ ନଜରକୁ ଆସିବେ। ଏହି ରିପୋର୍ଟ ରାଶିଙ୍କ ପ୍ରଶଂସକଙ୍କୁ ଉତ୍ସାହିତ କରାଇଛି। ରିପୋର୍ଟ ଅନୁଯାୟୀ, ସମ୍ପ୍ରତି ଫିଲ୍ମର ଶୁଟିଂ ଜାରି ରହିଛି। ଆସନ୍ତା ସେପ୍ଟେମ୍ବର ୨ରେ ପୱନଙ୍କ ଜନ୍ମଦିନ ଅବସରରେ ଫିଲ୍ମର ନିର୍ମାତା 'ଉସ୍ତାଦ ଭଗତ ସିଂ'ର ଟିଜରକୁ ଜାରି କରି ପୱନଙ୍କ ପ୍ରଶଂସକଙ୍କୁ ଖୁସି କରାଇବା ପାଇଁ ଯୋଜନା କରିଛନ୍ତି। ଫିଲ୍ମରେ ଅଭିନେତା ଆଶୁତୋଷ ରାଣାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ପ୍ରଡକ୍ସନ୍ ହାଉସ୍ ମାଉଥ୍ରୀ ମୁଭି ମେକର୍ସର ବ୍ୟାନରରେ ନିର୍ମିତ ହେଉଥିବା ଏହି ଫିଲ୍ମର ନିର୍ଦ୍ଦେଶନା ହରିଶ୍ ଶଙ୍କର ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଶତ୍ରୁକୁ ରୋକିଲେ ବଢ଼ଇ ମାନ**
**ବିର୍ଯ୍ୟକୁ ରୋକିଲେ ବଢ଼ଇ ଜ୍ଞାନ।**
**ହଗାକୁ ରୋକିଲେ ବଢ଼ଇ ବାୟୁ**
**ନିଃଶ୍ୱାସ ରୋକିଲେ ବଢ଼ଇ ଆୟୁ।**
**ନିଦକୁ ରୋକିଲେ ବଢ଼ଇ ହାଇ**
**ମନକୁ ରୋକିଲେ ହେବୁ ବିଜୟୀ।**

ଶତ୍ରୁକୁ ପ୍ରତିରୋଧ କରିପାରିଲେ ମାନ, ସମ୍ମାନ ତଥା ପ୍ରଶଂସା ମିଳିଥାଏ। ସଂଯମ ବଜାୟ ରଖିବା ଦ୍ୱାରା ଆତ୍ମଜ୍ଞାନ ବଢ଼ିଥାଏ। ସେମିତି ଝାଡାକୁ ଅଟକାଇଲେ ବାୟୁ ବଢୁଥିବା ବେଳେ ନିଃଶ୍ୱାସକୁ ନିୟନ୍ତ୍ରଣରେ ରଖିପାରିଲେ ବା ପ୍ରାଣାୟାମ ସାଧନା ଦ୍ୱାରା ଆୟୁ ବଢ଼ିଥାଏ। ଠିକ୍ ସେହିପରି ନିଦକୁ ଅଟକାଇଲେ ହାଇ ବଢ଼ିଥାଏ ଏବଂ ମନକୁ ନିୟନ୍ତ୍ରଣରେ ରଖିଲେ ସବୁ କ୍ଷେତ୍ରରେ ବିଜୟ ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଶୋଇଲା ପୁଅର ଭାଗ ନାହିଁ।**

କାମରେ ଉପସ୍ଥିତ ନ ଥିବା ବ୍ୟକ୍ତି ଭାଗ ପାଇବାରେ ହକ୍‌ଦାର ହୋଇ ନ ଥାନ୍ତି। ସେହିପରି ନିଜର ଦାବି ଉପସ୍ଥାପନ ନ କଲେ କେହି ଯାଚି କରି ଦେଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଡିଏଫ୍ଓଙ୍କ ୧୧୫ ...



ମୂଲ୍ୟ ଏହାଠୁ ଢେରଗୁଣ ଅଧିକ ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ କରୁଛି। ଏଥିସହ ନିତ୍ୟାନନ୍ଦଙ୍କ ଅନୁଗୋଳ ଟାଉନରେ ୯ହଜାର ବର୍ଗଫୁଟରେ ଚାରି ମହଲା ଆଲିଶାନ୍ କୋଠା ଠାବ ହୋଇଛି। ସେହିପରି ଘରୁ ୨୦୦ ଗ୍ରାମର ସୁନା ଅଳଙ୍କାର, କାଠରୁ ନିର୍ମିତ ବିଭିନ୍ନ ଆକର୍ଷଣୀୟ କଳାକୃତି ଓ ତୀର, ବନ୍ଧୁକ, ଟାଙ୍ଗିଆ ଆଦି ଜବତ ହୋଇଛି। ନିତ୍ୟାନନ୍ଦଙ୍କ ଘରୁ ୧.୧୯ ଲକ୍ଷ ନଗଦ ଟଙ୍କା ମିଳିଥିବା ବେଳେ ବ୍ୟାଙ୍କ, ଜୀବନବୀମା, ପୋଷ୍ଟାଲ ଓ ଅନ୍ୟାନ୍ୟ ଜମା ଆଦି ସଂକ୍ରାନ୍ତରେ ଜାଣିବାକୁ ଭିଜିଲାନ୍ସ ପ୍ରୟାସ କରୁଛି। ଏଥିସହ ୧୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ଦୁଇଟି ଚାରିଚକିଆ ଯାନ (ମାରୁତି ସୁଜୁକି ଡିଜାୟାର ଓ ସ୍କୋଡା ଭୋଲକ୍ସୱାଗେନ୍ ଭର୍ଟସ) ଏବଂ ୪ଟି ଦୁଇଚକିଆ ଯାନ ଠାବ ହୋଇଛି। ଯାଞ୍ଚ ଜାରି ରହିଥିବାରୁ ନିତ୍ୟାନନ୍ଦଙ୍କ ଆହୁରି ବହୁ ସମ୍ପତ୍ତି ଠାବ ହେବାର ଆଶଙ୍କା କରାଯାଉଛି।

### ୩୩ ବର୍ଷର ଚାକିରି, ଫରେଷ୍ଟ ରେଞ୍ଜରରୁ ଡିଏଫ୍ଓ

ନିତ୍ୟାନନ୍ଦ ୧୯୯୨ ଏପ୍ରିଲ ୬ରେ ଫରେଷ୍ଟ ରେଞ୍ଜର ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ଅନୁଗୋଳସ୍ଥିତ ରାଜ୍ୟ ବନରାଜିକ ମହାବିଦ୍ୟାଳୟରେ ଟ୍ରେନିଂ ଶେଷ ହେବା ପରେ ତାଙ୍କୁ ସୁନ୍ଦରଗଡ଼ ବନଖଣ୍ଡ (ହେମଗିର ରେଞ୍ଜ)ରେ ରେଞ୍ଜ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିଲା। ପରେ ସେ ୧୯୯୨ ଅକ୍ଟୋବର ୧୫ରୁ ୨୦୧୫ ମେ' ୨୭ ଯାଏ ସମ୍ବଲପୁର, ଢେଙ୍କାନାଳ, ସୁବର୍ଣ୍ଣପୁର, ନୂଆପଡ଼ା ଜିଲାର ବିଭିନ୍ନ ବନଖଣ୍ଡ ଅଧୀନରେ ଫରେଷ୍ଟ ରେଞ୍ଜର ଭାବେ କାମ କରିଥିଲେ। ୨୦୧୫ ଜୁଲାଇ ୨୭ରେ ନିତ୍ୟାନନ୍ଦ ଓଡ଼ିଶା ବନ ସେବା (ଓଏଫ୍ଏସ୍)ର ସହକାରୀ ବନ ସଂରକ୍ଷକ (ଏସିଏଫ୍) ପାହ୍ୟାକୁ ପଦୋନ୍ନତି ପାଇ ଖରିଆର ଡିଭିଜନ୍‌ରେ ନିଯୁକ୍ତି ପାଇଥିଲେ। ୨୦୧୭ ସେପ୍ଟେମ୍ବର ୬ରୁ ୨୦୨୨ ଅଗଷ୍ଟ ୩୦ ପର୍ଯ୍ୟନ୍ତ ସେ ରାୟଗଡ଼ା ବନଖଣ୍ଡରେ ଏସିଏଫ୍ ଦାୟିତ୍ୱରେ ଥିଲେ। ଏହାପରେ ସେ ଉପ ବନ ସଂରକ୍ଷକ (ଡିସିଏଫ୍) ଭାବେ ପଦୋନ୍ନତି ପାଇ ୨୦୨୨ ସେପ୍ଟେମ୍ବର ୭ ଯାଏ ଭୁବନେଶ୍ୱରସ୍ଥିତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ)ଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିଲେ। ପରେ ୨୦୨୪ ଜାନୁଆରୀ ୨୪ରେ ନିତ୍ୟାନନ୍ଦ ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ପାହ୍ୟାକୁ ପଦୋନ୍ନତି ପାଇଥିଲେ। ଏହା ପରଠାରୁ ସେ କେନ୍ଦୁଝର କେନ୍ଦୁ ପତ୍ର ଡିଭିଜନ୍‌ରେ ଡିଏଫ୍ଓ ଭାବେ କାମ କରିଆସୁଛନ୍ତି।

### ଉଠିପାରେ ଏସ୍ଆଇଆର୍...

ଉଦ୍ୟମ କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି। ପହଲଗାମ୍ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ନେଇ ବିରୋଧୀଙ୍କ ଦାବି ଉପରେ ସେ କହିଥିଲେ, ବିଦେଶ ଗସ୍ତ ବ୍ୟତୀତ ଅନ୍ୟ ସମୟରେ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ଉପସ୍ଥିତ ରହିବେ। ତେବେ ସେ ସବୁ ସମୟରେ ଗୃହରେ ରହିବେ ନାହିଁ ବୋଲି ରିଜିଜୁ କହିଛନ୍ତି। ବିଭିନ୍ନ ବିଭାଗ ସମ୍ପର୍କିତ ପ୍ରଶ୍ନ ଉପରେ କ୍ୟାବିନେଟ ମନ୍ତ୍ରୀମାନେ ଜବାବ ରଖିବେ। ମୌସୁମୀ ଅଧିବେଶନରେ ସରକାର ୧୭ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ଯାଉଥିବା ରିଜିଜୁ ସୂଚନା ଦେଇଛନ୍ତି। ବୈଠକ ପରେ କଂଗ୍ରେସ ନେତା ଗୌରବ ଗୋଗୋଇ ଗଣମାଧ୍ୟମକୁ କହିଛନ୍ତି, ତାଙ୍କ ଦଳ ଟ୍ରମ୍ପଙ୍କ ଦାବି ଉପରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବି କରିଛି। ଏଥିସହିତ କେଉଁ ତ୍ରୁଟି ଯୋଗୁ ପହଲଗାମ୍ ଆକ୍ରମଣ ହେଲା ଏବଂ ବିହାର ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଉପରେ ପ୍ରଧାନମନ୍ତ୍ରୀଙ୍କ ଜବାବ ମଗାଯାଇଛି। ତାଙ୍କ ଦଳ ଉଠାଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ପାର୍ଲାମେଣ୍ଟରେ ଉତ୍ତର ରଖିବା ପ୍ରଧାନମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ ବୋଲି ଗୋଗୋଇ କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ନୈତିକ କର୍ତ୍ତବ୍ୟ ପୂରଣ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହା ବ୍ୟତୀତ ଗୋଗୋଇ ମଣିପୁର ସ୍ଥିତି ସମ୍ପର୍କରେ ଆଲୋଚନା ଚାହିଁଛନ୍ତି। ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଅଢ଼େଇ ବର୍ଷ ପରେ ମଧ୍ୟ ହିଂସା ବନ୍ଦ ହୋଇନାହିଁ। ପ୍ରଧାନମନ୍ତ୍ରୀ ଅନେକ ଛୋଟ ଦେଶକୁ ଗସ୍ତ କରୁଥିବାବେଳେ ମଣିପୁର ଯାଉ ନ ଥିବା ଗୋଗୋଇ କହିଛନ୍ତି। ବିହାର ଏସ୍ଆଇଆର୍‌କୁ ନିର୍ବାଚନ ଦୁର୍ନୀତି ବୋଲି ଆମ୍ ଆଦ୍‌ମୀ ପାର୍ଟିର ସଞ୍ଜୟ ସିଂ ଅଭିଯୋଗ କରିଥିଲେ। ପ୍ରତ୍ୟେକ ନାଗରିକ ଭୋଟ ଅଧିକାର ପାଇବା ଜରୁରୀ ବୋଲି ଜେଡିୟୁ ନେତା ସଞ୍ଜୟ କୁମାର ଝା କହିବା ସହ ସଚେତନତା ପାଇଁ ତାଙ୍କ ଦଳ ଏକ ଅଭିଯାନ ଆରମ୍ଭ କରିବ ବୋଲି କହିଛନ୍ତି।

### ନୂଆ ଆୟକର ବିଲ୍ : ଆଜି ଲୋକ ସଭାରେ ରିପୋର୍ଟ ଦାଖଲ କରିବ ସଂସଦୀୟ କମିଟି

୬ ଦଶନ୍ଧିର ପୁରୁଣା ଆୟକର ଆଇନ ସ୍ଥାନରେ ସରକାର ଆଣିଥିବା ନୂଆ ଆୟକର ବିଲ୍, ୨୦୨୫ ଉପରେ ସଂସଦୀୟ କମିଟି ଏହାର ଯାଞ୍ଚ ରିପୋର୍ଟ ସୋମବାର ଲୋକ ସଭାରେ ଉପସ୍ଥାପନ କରିବ। ଫେବୃଆରୀ ୧୩ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ଏହି ବିଲ୍ ଉପସ୍ଥାପନ କରିଥିବାବେଳେ ଏହାର ଯାଞ୍ଚ ପାଇଁ ଭାଜପା ନେତା ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ୩୧ ଜଣିଆ ସିଲେକ୍ଟ କମିଟିକୁ ପଠାଯାଇଥିଲା। କମିଟି ଏହା ଉପରେ ୨୮୫ଟି ପ୍ରସ୍ତାବ ଦେଇଥିବାବେଳେ ଗତ ୧୬ ତାରିଖରେ ଉକ୍ତ ବିଲ୍ ଉପରେ ରିପୋର୍ଟ ଗୃହୀତ ହୋଇଥିଲା। ପରବର୍ତ୍ତୀ ପଦକ୍ଷେପ ପାଇଁ ରିପୋର୍ଟକୁ ଲୋକ ସଭାରେ ଉପସ୍ଥାପନ କରାଯିବ।

### ସ୍ତ୍ରୀଙ୍କୁ ମାରି ନାଳରେ ...

ନେଇ ମୃତଦେହ ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା ( ନଂ. ୪୦/୨୫) ରୁଜୁ କରି ଲକ୍ଷ୍ମଣଙ୍କୁ ଗିରଫ କରିଛି। ଜୟନ୍ତୀଙ୍କୁ ଲକ୍ଷ୍ମଣ ତଣ୍ଟିଚିପି ହତ୍ୟା କରିଥିବା ଥାନାଧିକାରୀ ରାମେଶ୍ୱର ସିଂ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୧୯ରେ ଲକ୍ଷ୍ମଣ ସୁନ୍ଦରଗଡ଼ କିଞ୍ଜିରିକେଲା ଗ୍ରାମର ଜୟନ୍ତୀଙ୍କୁ ବିବାହ କରିଥିଲେ। ଜୟନ୍ତୀଙ୍କ ଅନ୍ୟ ଜଣେ ପୁରୁଷ ବନ୍ଧୁ ଥିବା ଜାଣି ଉଭଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଝଗଡ଼ା କାରଣରୁ ଜୟନ୍ତୀ ନିଜ ବାପାଘରକୁ ଚାଲିଯାଇଥିଲେ। ପରେ ଲକ୍ଷ୍ମଣ ବୁଝାଶୁଝା କରି ପୁଣି ଜୟନ୍ତୀଙ୍କୁ ଡାକି ଆଣିବା ପରେ ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ। ଶନିବାର ସେ ଜୟନ୍ତୀଙ୍କ ତଣ୍ଟିଚିପି ହତ୍ୟା କରିବା ପରେ ଏକ ଅଖାରେ ମୃତଦେହକୁ ପୂରାଇ ସ୍କୁଟିରେ ଜଡ଼ାରୁ ଜଙ୍ଗଲ ରାସ୍ତା ଦେଇ ରାଜଗାଙ୍ଗପୁର ପଟକୁ ନେଇ କାଂଶବାହାଲ ନାଳରେ ଫୋପାଡ଼ି ଚାଲିଆସିଥିଲେ। ଜୟନ୍ତୀ କେଉଁଆଡ଼େ ନିଖୋଜ ହୋଇଯାଇଥିବା ଗ୍ରାମରେ ଚର୍ଚ୍ଚା ହୋଇଥିଲା। ଧରାପଡିଯିବା ଭୟରେ ରବିବାର ସକାଳେ ନିଜେ ଗୁରୁଣ୍ଡିଆ ଥାନାରେ ଆତ୍ମସମର୍ପଣ କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ଦିଲ୍ଲୀ ଏମ୍ସରେ ...

ଅନ୍ତର୍ଜାତୀୟ ବିମାନବନ୍ଦରକୁ ଦ୍ରୁତଗତିରେ ସ୍ଥାନାନ୍ତର କରାଯାଇଥିଲା। ତେବେ ପୀଡ଼ିତାଙ୍କ ଚିକିତ୍ସା ଲାଗି ୧୪ଜଣିଆ ଟିମ୍ କିଭଳି ଶନିବାରଠାରୁ ବର୍ନ ୟୁନିଟ୍‌ରେ ରଖି ଚିକିତ୍ସା କରୁଥିଲେ ସେ ସମ୍ପର୍କରେ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ସୂଚନା ଦେଇଥିଲେ।

ନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱର ବିମାନବନ୍ଦରରୁ ଏୟାର ଆମ୍ବୁଲାନ୍ସରେ ପୀଡ଼ିତାଙ୍କ ପରିବାରର ୨ ସଦସ୍ୟଙ୍କ ସମେତ ଏମ୍ସର ଏକ ଡାକ୍ତରୀ ଟିମ୍ ଦିଲ୍ଲୀ ଅଭିମୁଖେ ଯାଇଛନ୍ତି । ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ପୀଡ଼ିତାଙ୍କ ପାଇଁ ବେଡ୍ ଆରେଞ୍ଜମେଣ୍ଟ କରାଯାଇଛି। ଏଥିସହିତ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଡାକ୍ତର କହିଛନ୍ତି, ପୀଡ଼ିତାଙ୍କ ଆଗାମୀ ୪୮ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଏଠାରେ ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ଥିଲେ। ୨୦ରୁ ୨୫ ପ୍ରତିଶତ ବ୍ୟତୀତ ଶରୀର ଅନ୍ୟ ସବୁ ସ୍ଥାନ ପୋଡ଼ିଯାଇଛି । ତାଙ୍କ ଶରୀର ଇଣ୍ଟରନାଲ ପାର୍ଟ ଯଦିଓ ଖରାପ ରହିଛି ତଥାପି ସେ ଭଲ ଭାବେ କଥାବାର୍ତ୍ତା କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଶନିବାର ଦିନ ଝିଅଟି ଜଣେ ବନ୍ଧୁଙ୍କୁ ଭେଟିବାକୁ ଯାଉଥିବା ସମୟରେ ଭାର୍ଗବୀ ନଦୀ ନିକଟରେ ତିନି ଜଣ ଅଜଣା ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ବାସିନ୍ଦାମାନେ ତାଙ୍କୁ ସାହାଯ୍ୟ କରିବାକୁ ଦୌଡ଼ି ଆସିଥିଲେ ଏବଂ ନିଆଁ ଲିଭାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର ପୂର୍ବରୁ ପ୍ରଥମେ ନିକଟସ୍ଥ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ମାତ୍ର ସେ ଅଜଣା ଯୁବକ କିଏ ଥିଲେ, କାହିଁକି ନାବାଳିକାଙ୍କୁ ଆକ୍ରମଣ କଲେ, ଏନେଇ ଏପର୍ଯ୍ୟନ୍ତ କିଛି ବି ତଥ୍ୟ ହସ୍ତଗତ ହୋଇନାହିଁ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜିର ଶୁକ୍ର ସହ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କ ସମସ୍ତ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିକରିବ। କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ କିନ୍ତୁ କିଛିଟା ପ୍ରତିରୋଧର ସାମ୍ନା କରିବେ। ବ୍ୟବସାୟିକ ଦିଗଟି ଭଲ ରହିବ କିନ୍ତୁ ବକେୟା ଋଣ ପରିଶୋଧ କରି ନ ପାରନ୍ତି। ଆର୍ଥିକ ସ୍ଥିତି ଓ ପାରିବାରିକ ପରିସ୍ଥିତି ପୂର୍ବପରି ବହୁତ ଭଲ ରହିପାରେ।

**ବୃଷ** - ସ୍ୱଗୃହୀ ରାଶ୍ୟାଧିପ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବା ସହ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇବେ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବେ। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅର୍ଥର ଆବଶ୍ୟକତା ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମିଥୁନ** - ବିବାଦୀୟ ପରିସ୍ଥିତି ଲାଗିରହିବା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଫାଇଦା ହାସଲ ପାଇଁ ସମ୍ପର୍କୀୟ ଫନ୍ଦିଫିକର କରିବାକୁ ମନ ବଳାଇପାରନ୍ତି। ବନ୍ଧୁଙ୍କ ପ୍ରାୟୋଜିତ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ। ନିର୍ମାଣମୂଳକ କାର୍ଯ୍ୟରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** - ବ୍ୟୟାଧିପ ରାଶିରେ ଅବସ୍ଥାନ କରିଥିବାରୁ ଆଜି ପାଇବେ ଯେତିକି ତାହାଠାରୁ ଅଧିକ କିଛି ହରାଇବାକୁ ପଡ଼ିପାରେ। କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ଆଜିର ସକାଳୁଆ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରର ଆର୍ଥିକ ଅବନତିର ସମୀକ୍ଷା କରି ଚିନ୍ତିତ ରହିପାରନ୍ତି।

**ସିଂହ** - ପୂର୍ବ ପରିକଳ୍ପିତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ତତ୍ପରତା ପ୍ରକାଶ କରିପାରନ୍ତି। ବନ୍ଧୁମାନଙ୍କ ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ପାରିବେନି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦ ହେତୁ ମାନସିକ ଅବସାଦ ଲାଗିରହିବ।

**କନ୍ୟା** - ସପ୍ତମସ୍ଥ ଶନି ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ପ୍ରତିବନ୍ଧକ ଦେଖାଦେବ। ବନ୍ଧୁଙ୍କ ସହ ବିବାଦଜନିତ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇ ଶତ୍ରୁତାକୁ ନିମନ୍ତ୍ରଣ କରିପାରନ୍ତି। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟିବା ସକାଶେ ସହକର୍ମୀଙ୍କ ଆଲୋଚନା ଫଳପ୍ରଦ ହେବ।

**ତୁଳା** - ଆଜି କର୍ମଭାବରେ ବୁଧାଦିତ୍ୟ ଯୋଗଜନିତ କୌଣସି କାମ ଅସାଧ ରହିବ ନାହିଁ। କିନ୍ତୁ ଭୁଲ୍ ବୁଝାମଣାଜନିତ ଛୋଟ ଘଟଣାକୁ କେନ୍ଦ୍ରକରି ମନାନ୍ତର ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା କାରଣରୁ ପ୍ରତିଷ୍ଠିତ ହେବେ। ଈର୍ଷାପରାୟଣ ହୋଇ ନିକଟରେ ରହୁଥିବା ଆତ୍ମୀୟମାନେ ଶତ୍ରୁତା ଆଚରଣ କରିପାରନ୍ତି।

**ବିଛା** - ପାପଗ୍ରହମାନଙ୍କ କୁପ୍ରଭାବରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହୋଇପାରେ। ପରିବାରରେ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତିଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିବାର ଆଶଙ୍କା ରହିଛି।

**ଧନୁ** - ପ୍ରତ୍ୟେକ କ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ଉପକୃତ ହେବେ। ଶନିଙ୍କ ଦୁର୍ବଳତାଜନିତ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** - ସହକର୍ମୀଙ୍କ ସହ ସୁସମ୍ପର୍କ ଅଭାବରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଗୃହସୀମା, ନିର୍ମାଣ, ଜମିଜମା ସମସ୍ୟା ଲାଗି ରହିବ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ହେତୁ ମାନସିକ ସ୍ଥିତି ବିଗିଡିଯିବ।

**କୁମ୍ଭ** - ପାରିବାରିକ କ୍ଷେତ୍ରରେ ଅସ୍ଥିରତା ବୃଦ୍ଧି ପାଇବା ହେତୁ ମନ ଭଲ ରହି ନ ପାରେ। ଆର୍ଥିକ ଅନଟନକୁ ସୁଧାରିବାକୁ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ଆକସ୍ମିକ କେତେକ ସମସ୍ୟା ହେତୁ ଦୂରଯାତ୍ରା ସ୍ଥଗିତ ରହିଯାଇପାରେ। ଆନୁଷ୍ଠାନିକ କାମରେ ଯୋଗଦେଇ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ମୀନ** - ସାମାନ୍ୟ ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ କର୍ମକ୍ଷେତ୍ରରେ ଚେଷ୍ଟା ନିଷ୍ଫଳ ହେବନାହିଁ। ଅଂଶୀଦାର ବ୍ୟବସାୟୀଙ୍କ ସହ ବିତର୍କ ହେତୁକ ମନ ଭଲ ରହି ନ ପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବା ଯୋଗୁ ଖୁସି ହୋଇପାରନ୍ତି।

ଆଜି ଜୁଲାଇ ୨୧ ତାରିଖ, ଶ୍ରାବଣ କୃଷ୍ଣପକ୍ଷର ସର୍ବସମ୍ମତ କାମିକା/ ଚକ୍ରବୁଲା, ଶମ୍ଭୁ ଏକାଦଶୀ ସୋମବାର। ରାଶି ନକ୍ଷତ୍ର- ରୋହିଣୀ/ବୃଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୨ ଗତେ ଘ. ୦୬.୫୯ ମଧ୍ୟେ, ଘ. ୧୦.୩୪ ଗତେ ଘ.୦୧.୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬.୫୯ ଗତେ ଘ.୦୮.୩୭ ମଧ୍ୟେ ରାହୁ କାଳ ।



ଶ୍ରାବଣ ଦ୍ୱିତୀୟ ସୋମବାର ଉପଲକ୍ଷେ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ବିଭାଗୀୟ ମୁଖ୍ୟଙ୍କୁ ଯୌନ ନିର୍ଯାତନା ନିବାରଣ ଆଇନ-୨୦୧୩ ପାଳନ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୭ (ରବିନାରାୟଣ ଜେନା)

ରାଜ୍ୟରେ ସଂପ୍ରତି ଦେଖାଦେଇଥିବା ମହିଳା ନିର୍ଯାତନା ଘଟଣାକୁ ନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଜ୍ୟୋତିଶଙ୍କର ମହାପାତ୍ର ସବୁ ବିଭାଗ ମୁଖ୍ୟ, ଜିଲାପାଳ, ମହାନଗର ନିଗମ କମିଶନର ଏବଂ ଆର୍‌ଡିସିଙ୍କୁ ପତ୍ର ଲେଖି ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ ନିବାରଣ (ପିଓଏସ୍‌ଏଚ୍) ଆଇନ-୨୦୧୩କୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଅବଗତ କରାଇଛନ୍ତି।

ଅତିରିକ୍ତ ସଚିବ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟର ଅଧିକାଂଶ ଅନୁଷ୍ଠାନ କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିବାରଣ ନେଇ ଥିବା ଆଇନକୁ ଠିକଣା ଭାବେ ପାଳନ କରୁନାହାନ୍ତି। ଏଣିକି ପ୍ରତ୍ୟେକ କାର୍ଯ୍ୟସ୍ଥଳରେ ଏହି ନିୟମ ସମ୍ପର୍କରେ ନୋଟିସ୍ ମରାଯିବ। ଫଳରେ ଝିଅ-ପୁଅମାନଙ୍କ ମଧ୍ୟରେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ସଚେତନତା ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ କେଉଁସବୁ ଦିଗକୁ ଗୁରୁତ୍ୱ ଦିଆଯିବ ଏବଂ କାହାକୁ ଦିଆଯିବ ନାହିଁ, ସେ ସମ୍ପର୍କରେ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଏହାକୁ ଭଲ ଭାବେ କାର୍ଯ୍ୟସ୍ଥଳରେ ଲଗାଯିବା ସହିତ ଅଭିଯୋଗ ଗ୍ରହଣ ପାଇଁ ସି ବାକ୍ସ ପୋର୍ଟାଲରେ ପଞ୍ଜୀକରଣ କରିବାକୁ ହେବ ବୋଲି ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି।

ନୋଟିସ୍‌ରେ କାର୍ଯ୍ୟକ୍ଷେତ୍ରରେ କିଭଳି ସଂଯମ ରଖି କାର୍ଯ୍ୟ କରିବେ ତାହା ଦର୍ଶାଯାଇଛି। ବ୍ୟବହାରିକ ଶାଳୀନତାଠାରୁ ଆରମ୍ଭ କରି କଥାବାର୍ତ୍ତା ପର୍ଯ୍ୟନ୍ତ ସବୁଥିରେ ସଂଯମ ରକ୍ଷା କରିବାକୁ କୁହାଯାଇଛି। ଏହାସହିତ ଯଦି କୌଣସି ପରିସ୍ଥିତିରେ ଅସଦାଚରଣ କିମ୍ବା ଦୁର୍ବ୍ୟବହାର ହେବ ସେକ୍ଷେତ୍ରରେ ତତ୍କାଳ ଅବଗତ କରାଇବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଯୌନ ଉତ୍ପୀଡ଼ନ ନିବାରଣ ଆଇନ-୨୦୧୩ କ'ଣ କହୁଛି ଏବଂ ଆପଣ କିଭଳି ଏହା ଜରିଆରେ ଆପଣଙ୍କ ଅଭିଯୋଗ ଦେବେ, ତାହାକୁ ଅନୁସରଣ କରିବା ସହିତ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ଉପରେ ପତ୍ରରେ ଦର୍ଶାଯାଇଛି।

ସେହିପରି କାର୍ଯ୍ୟକ୍ଷେତ୍ରରେ ଅଦରକାରୀ ତଥା ଅନାବଶ୍ୟକ ମନ୍ତବ୍ୟ ନ ଦେବା, 'ଫେବର' ନ ମାଗିବା କିମ୍ବା ଅନାବଶ୍ୟକସ୍ଥଳେ ନ ଛୁଇଁବା ଭଳି କେତେକ କାର୍ଯ୍ୟକୁ ବାରଣ କରାଯାଇଛି।

# ଖୋଲିଲା ୪୬ ମିଶ୍ରଣ ସ୍କୁଲ

## ଆଉ ୪ ଖୋଲିବ

ଭୁବନେଶ୍ୱର,୨୦।୭(ସୁଚିସ୍ମିତା ସାହୁ)

ରାଜ୍ୟରେ ମିଶ୍ରଣ ପରେ ବନ୍ଦ ହୋଇଥିବା ସ୍କୁଲ ମଧ୍ୟରୁ ରାଜ୍ୟ ସରକାର ୪୬ଟିରୁ ତାଲା ଖୋଲିଛନ୍ତି। ଆଉ ୪ଟି ସ୍କୁଲ ଖୁବ୍‌ଶୀଘ୍ର ଖୋଲିବାକୁ ଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ପୂର୍ବ ସରକାରଙ୍କ ସମୟରେ ଛାତ୍ରୀଛାତ୍ରଙ୍କ କମ୍ ଉପସ୍ଥାନ ଥିବା ରାଜ୍ୟର ପ୍ରାୟ ୭୭୫୧ଟି ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ସେତେବେଳେ ଭାଜପା ସମେତ ବିଭିନ୍ନ ମହଲରୁ ତୀବ୍ର ବିରୋଧ କରାଯାଇଥିଲା। ଏହାଦ୍ୱାରା ସ୍କୁଲରେ ଡ୍ରପ୍‌ଆଉଟ୍ ହାର ବଢ଼ିବ। ବିଶେଷକରି ଦୁର୍ଗମ ଅଞ୍ଚଳରେ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହେଉଥିବା ଅଭିଯୋଗ ଉଠିଥିଲା। ହେଲେ ତତ୍କାଳୀନ ସରକାର ଏଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରି ନ ଥିବାବେଳେ ଏବେ ଭାଜପା ସରକାର ଏହାକୁ ଗୁରୁତ୍ୱର ସହ ନେଇ ବନ୍ଦ ହୋଇଯାଇଥିବା ସ୍କୁଲଗୁଡ଼ିକୁ ପୁଣି ଖୋଲିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ତଥ୍ୟ ଅନୁସାରେ, ସରକାରଙ୍କ ନିଷ୍ପତ୍ତିକ୍ରମେ ସ୍କୁଲଗୁଡ଼ିକର ଭିତ୍ତିଭୂମିକୁ ସଜଡା ଯାଇ ତୁରନ୍ତ ଖୋଲିବାକୁ ବ୍ୟବସ୍ଥା କରାଯାଉଛି। ଢେଙ୍କାନାଳରେ ସର୍ବାଧିକ ୨୨ଟି ମିଶ୍ରଣ ସ୍କୁଲ ଖୋଲିଥିବା ବେଳେ ଦେବଗଡ ଜିଲାରେ ୧୦ଟି ସ୍କୁଲ ଖୋଲାଯାଇଛି। ସେହିପରି ବରଗଡରେ ୭, ଯାଜପୁରର ୪ ଏବଂ ଖୋର୍ଦ୍ଧାର ୩ଟି ସ୍କୁଲ ଖୋଲିଛି। ଏହାବାଦ୍ ଯାଜପୁରର ବିଞ୍ଝାରପୁର, ଖୋର୍ଦ୍ଧାର ବାଣପୁର, ଦେବଗଡ଼ର ରିଆମାଳ ଏବଂ ତେଲେଇବଣୀ ସ୍କୁଲ ଖୋଲାଯିବାକୁ ପ୍ରକ୍ରିୟା ଚାଲିଥିବା ଜଣାଯାଇଛି।

ଶିକ୍ଷକ, ଭିତ୍ତିଭୂମି ଏବଂ ପାଠପଢ଼ା ଭଳି ବିଭିନ୍ନ ସମସ୍ୟା ଲାଗି ରହିବାରୁ ପୂର୍ବ ସରକାର କମ୍ ଛାତ୍ରୀଛାତ୍ର ଥିବା ସ୍କୁଲକୁ ପାଖ ସରକାରୀ ସ୍କୁଲରେ ମିଶ୍ରଣ କରିଥିଲେ। ମିଶ୍ରଣ ପାଇଁ ନିର୍ଦ୍ଦେଶ ଥିବା ୭୭୫୧ଟି ସ୍କୁଲ ମଧ୍ୟରୁ ଗତ ୧୦ ତାରିଖ ସୁଦ୍ଧା ୫୬୩୦ଟି ସମ୍ପୂର୍ଣ୍ଣ ଭାବେ ମିଶ୍ରଣ ହୋଇଥିଲା। ଏହି ପ୍ରକ୍ରିୟାରେ ରାଜ୍ୟରେ ଅନେକ ପୁରୁଣା ସ୍କୁଲ ମଧ୍ୟ ବନ୍ଦ ହୋଇଯାଇଛି। କୋମଳମତି ପିଲାମାନେ ଅନ୍ୟ ଗାଁକୁ ପାଠପଢ଼ିବାକୁ ଯିବାବେଳେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନଦୀନାଳ ପାର ହୋଇ ସ୍କୁଲକୁ ଯିବାକୁ ପଡୁଥିବାରୁ ଓ ସ୍କୁଲ ଦୂର ହେଉଥିବାରୁ ବହୁ ପିଲା ଇତିମଧ୍ୟରେ ପାଠପଢ଼ା ବନ୍ଦ କରିଦେଇଥିବା ଜଣାପଡିଛି। ତେଣୁ ତୁରନ୍ତ ମିଶ୍ରଣ ସ୍କୁଲଗୁଡ଼ିକୁ ଅଲଗା କରି ପୁଣି ଖୋଲିବା ପାଇଁ ଅଭିଭାବକ ସଂଘ ସମେତ ବହୁ ସଙ୍ଗଠନ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଆସୁନ୍ତି। ବାସ୍ତବ ସ୍ଥିତି ଅନୁଧ୍ୟାନ ପରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ହେଉଥିବା ମିଶ୍ରଣ ହୋଇଥିବା ସ୍କୁଲ୍‌ଗୁଡ଼ିକୁ ପୁଣି ସ୍ୱତନ୍ତ୍ର ଭାବେ ଖୋଲିବାକୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯେଉଁଠାରେ ଭୌଗୋଳିକ ସ୍ଥିତି ଜଟିଳ ଥିବ, ସେକ୍ଷେତ୍ରରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୨୦ଜଣ ଛାତ୍ରୀଛାତ୍ରଙ୍କ ଉପସ୍ଥାନକୁ ବିଚାରକୁ ନେଇ ବିଦ୍ୟାଳୟ ଖୋଲା ଯିବାକୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀ ଅଧ୍ୟୁଷିତ ତଥା ସଂରକ୍ଷିତ ଅଞ୍ଚଳରେ ୨୦ ଏବଂ ଅଣସଂରକ୍ଷଣ ଅଞ୍ଚଳରେ ୪୦ ଜଣ ଛାତ୍ରୀଛାତ୍ର ଥିଲେ ସ୍କୁଲ ଖୋଲାଯାଇ ପାରିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ।

### ମିଶ୍ରଣ ହୋଇଛି ୫୬୩୦ ସ୍କୁଲ

ମିଶ୍ରଣ ହୋଇଥିବା ୫୬୩୦ ସ୍କୁଲ ମଧ୍ୟରୁ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୫୭ ସ୍କୁଲ ରହିଥିବା ବେଳେ ପୁରୀରେ ଗୋଟିଏ ବି ସ୍କୁଲ ମିଶ୍ରଣ ହୋଇନାହିଁ। ସେହିପରି କଟକରେ ୪୫୨, ଗଜପତିରେ ୪୨୬, କୋରାପୁଟରେ ୩୪୬, ଗଞ୍ଜାମରେ ୩୩୪, ଯାଜପୁରରେ ୩୦୯, କନ୍ଧମାଳରେ ୨୭୮, ବରଗଡରେ ୨୫୦, ଭଦ୍ରକରେ ୨୦୭, କେନ୍ଦ୍ରାପଡାରେ ୨୦୩, ଢେଙ୍କାନାଳରେ ୧୯୨, ଜଗତ୍‌ସିଂହପୁରରେ ୧୯୦, ସମ୍ବଲପୁରରେ ୧୬୦, ସୁନ୍ଦରଗଡରେ ୧୩୬, ରାୟଗଡାରେ ୧୨୧, ନୂଆପଡାରେ ୧୧୭, ନବରଙ୍ଗପୁର୧୩୪, ଖୋର୍ଦ୍ଧାରେ ୧୫୬, କଳାହାଣ୍ଡିରେ ୧୫୫, ବୌଦ୍ଧରେ ୧୧୦, ବଲାଙ୍ଗୀରରେ ୧୩୯, ଅନୁଗୋଳରେ ୧୬୬, ବାଲେଶ୍ୱରରେ ୧୧୮, ନୟାଗଡରେ ୯୯, ସୋନପୁରରେ ୬୮, ମାଲକାନଗିରି ଓ କେନ୍ଦୁଝରରେ ୮୪, ଝାରସୁଗୁଡା ୭୦ ଏବଂ ଦେବଗଡରେ ୬୯ଟି ସ୍କୁଲକୁ ମିଶ୍ରଣ କରାଯାଇଛି।

# ଦୁଇ କାର୍ ମୁହାଁମୁହିଁ ଧକ୍କା: ୩ ମୃତ, ୨ ଗୁରୁତର

## ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ସହାୟତା

ସୁନାବେଡ଼ା,୨୦।୭(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ଥାନା ଅଧୀନ ୨୬ନଂ. ଜାତୀୟ ରାଜପଥ ସୁନାବେଡ଼ା ଟିଟିଏସ୍ ନିକଟରେ ଶନିବାର ବିଳମ୍ବିତ ରାତିରେ ୨ କାର୍ ମୁହାଁମୁହିଁ ଧକ୍କାହୋଇ ୩ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ରହିଛନ୍ତି। ମୃତକମାନେ ହେଲେ ସୁନାବେଡ଼ା ଏଇଏଫ୍ କଲୋନିର ବାଳକୃଷ୍ଣ ରଣାଙ୍କ ପୁଅ ଆଶୁତୋଷ ରଣା(୨୪), ଡିପି କ୍ୟାମ୍ପ ଲିଙ୍ଗରାଜ ପାତ୍ରଙ୍କ ପୁଅ ଦିବ୍ୟରଞ୍ଜନ ପାତ୍ର(୨୪) ଓ ଗଞ୍ଜାମ କଲୋନିର ସୂର୍ଯ୍ୟ ପାତ୍ରଙ୍କ ପୁଅ ବିକାଶ ପାତ୍ର(୨୬)। ଗୁରୁତରମାନେ ହେଲେ ଦାମନଯୋଡ଼ି ଭେଜାପୁଟର ପ୍ରମୋଦ କୁମାର ସ୍ୱାଇଁ ଓ ସୁନାବେଡ଼ା ଗଞ୍ଜାମ କଲୋନିର କୈଳାଶ ହରିଜନ। ଘଟଣା ସମ୍ପର୍କରେ ଜାଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଆଶୁତୋଷ, ଦିବ୍ୟରଞ୍ଜନ ଓ ବିକାଶଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ସେମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।


ଦୁର୍ଘଟଣାଗ୍ରସ୍ତ କାର।

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ସୁନାବେଡ଼ା ଅଞ୍ଚଳର ଦିବ୍ୟରଞ୍ଜନ ଓ ଅନ୍ୟ ୩ ଯୁବକ କାର(ଓଡି୧୦-ଏସ୍-୫୬୩୪)ରେ ସେମିଳିଗୁଡ଼ାରୁ ସୁନାବେଡ଼ା ଫେରୁଥିବା ବେଳେ ବିପରୀତ ଦିଗରୁ ସେମିଳିଗୁଡ଼ା ଅଭିମୁଖେ ଆସୁଥିବା ଅନ୍ୟ ଏକ କାର(ଓଡି୧୦-ଜେଡ୍-୫୩୩୨) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗାଡ଼ିଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଏହି ସମୟରେ ସେହି ରାସ୍ତା ଦେଇ ସେମିଳିଗୁଡ଼ା ଫେରୁଥିବା ଜଣେ ବାଇକ୍ ଚାଳକ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସୁନାବେଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଘଟଣାସ୍ଥଳରେ ଆଶୁତୋଷଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ୨ ଗୁରୁତରଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲକୁ ସେମାନଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏ ନେଇ କେସ୍ ନଂ. ୧୨୮/୨୫ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସୁଷମା କୁହଁର ସୂଚନା ଦେଇଛନ୍ତି।

# ଏନ୍‌ସିଇଆର୍‌ଟି ବହିରୁ ପାଇକ ବିଦ୍ରୋହ ବାଦ୍

**ଓଡ଼ିଶା ପ୍ରତି ଅପମାନ**

## ପୁନଃ ସ୍ଥାନିତ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର,୨୦।୭(ସୁଚିସ୍ମିତା ସାହୁ)

ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ଓଡ଼ିଶାର ପାଇକ ବିଦ୍ରୋହକୁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରକାଶିତ ୮ମ ଶ୍ରେଣୀର ଇତିହାସ ବହିରେ ସ୍ଥାନିତ କରାଯାଇଥିଲା। କିନ୍ତୁ ଗତ ସପ୍ତାହରେ ଏନ୍‌ସିଇଆରଟିର ନୂଆ ଇତିହାସ ବହିରେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦିଆଯାଇଛି। ଏହା ଜଣାପଡିବା ପରେ ବିଭିନ୍ନ ମହଲାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ଓଡିଆ ଜାତିପ୍ରତି ଚରମ ଅପମାନ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ କୁହାଯାଇଛି। ପୁନର୍ବାର ଏନ୍‌ସିଇଆର୍‌ଟି ୮ମ ଶ୍ରେଣୀ ଇତିହାସ ବହିରେ ସ୍ଥାନ ଦେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରବିବାର ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଏକ ପତ୍ର ଲେଖିଛନ୍ତି। ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ବଙ୍ଗଳାର ସନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସେହି ଇତିହାସ ବହିରେ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବୀର ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ। ଓଡ଼ିଆ ଜାତିର ସ୍ୱାଭିମାନ ଦୃଷ୍ଟିରୁ ପୁନଶ୍ଚ ଇତିହାସ ବହିରେ ସ୍ଥାନ ଦେବାକୁ ବେହେରାଙ୍କ ସମେତ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଅରୁଣ ଜେନା, ନାରାୟଣ ଡାଲୁଆ, ସୁବାସ କୁମାର ତାରଣିଆଁ, ଗଣେଶ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଏହି ଘଟଣାକୁ ପୁନର୍ବାର ପାର୍ଲାମେଣ୍ଟରେ ଦାବି ଉପସ୍ଥାପନ କରିବା ପାଇଁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଅନ୍ୟପକ୍ଷରେ ଓଡ଼ିଆ ଅସ୍ମିତାର କଥା କହୁଥିବା ରାଜ୍ୟ ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପ୍ରତି ଦୃଷ୍ଟି ଦେବାକୁ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ୨ ମହିଳା କାଉଡ଼ିଆ ମୃତ, ୫ ଗୁରୁତର

- ଅଟୋରିକ୍ସା ସହ ପିକ୍‌ଅପ୍ ଭ୍ୟାନ ଧକ୍କା
- ଲଡୁବାବାଙ୍କୁ ପାଣିଲାଗି କରିବା ଅଧାରେ ରହିଲା

ନୟାଗଡ଼/ଶରଣକୁଳ,୨୦।୭ (ଲୋକନାଥ ମିଶ୍ର/ଦୀପକ କର)

ନୟାଗଡ଼-ଭଞ୍ଜନଗର ୨୧ନଂ. ରାଜ୍ୟ ରାଜପଥର ଦରପଦା ଗାଁ ନିକଟରେ ଅଟୋରିକ୍ସା ଓ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ମହିଳା କାଉଡିଆଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ସମେତ ୫ କାଉଡିଆ ଗୁରୁତର ହୋଇଛନ୍ତି। ମୃତାକ ହେଲେ ଶରଣକୁଳ ଥାନା ଅଧୀନ କଟରାଝରି ଗାଁରେ ରିଙ୍କି ସ୍ୱାଇଁ(୨୩) ଓ ବିଟଳଗାଡ଼ିଆ ଗାଁର ରମା ଦାସ(୫୭)। ଆହତ ୫ ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଶ୍ରାବଣ ମାସର ଦ୍ୱିତୀୟ ସୋମବାର ପାଇଁ କଣ୍ଟିଲୋ ମହାନଦୀ ଘାଟରୁ ପାଣି ଉଠାଇବାକୁ ଶରଣକୁଳରୁ ୭ ଜଣ ଯାଇଥିଲେ। ରିଙ୍କି ଓ ଅନ୍ୟଜଣେ ଯୁବକ ଚାଲି ନ ପାରିବାରୁ ସାଥୀ କାଉଡିଆମାନେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ପାଣିପୋଇଲାରୁ ଏକ ଅଟୋରିକ୍ସା(ନଂ. ଓଡି ୨୫ ଜି୧୧୬୫ )ରେ ଆସିଥିଲେ। ଶରଣକୁଳର ଲଡୁବାବାଙ୍କ ପୀଠ ଆଉ ଅଳ୍ପ ବାଟ ଥିବା ବେଳେ ଦରପଦା ଗାଁ ନିକଟରେ ଶରଣକୁଳ ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଏକ ପରିବା ବୋଝେଇ ପିକ୍‌ଅପ୍ ଭ୍ୟାନ ସେହି ଅଟୋରିକ୍ସାକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଅଟୋରିକ୍ସାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଶନିବାର ରାତି ପ୍ରାୟ ସାଢ଼େ ୩ଟାରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଅଟୋରିକ୍ସା ଡ୍ରାଇଭରଙ୍କ ସମେତ ୭ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର କଟରାଝରିର କେଦାର ସ୍ୱାଇଁଙ୍କ ଝିଅ ରିଙ୍କିଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଜଣେ ଯୁବକ ସୁସ୍ଥ ଥିବା ବେଳେ କଟକ ଜିଲ୍ଲା ନରସିଂହପୁର ଥାନା ଅଞ୍ଚଳର ରିଙ୍କୁ ଗୁରୁ, ଶରଣକୁଳ ଥାନା ହରିପୁର ଗାଁର ଦୀପକ ପ୍ରଧାନ ଓ ଝରଣା ଦାସ, ବିଟଳଗାଡ଼ିଆ ଗାଁର ରମା ଦାସ, ଖୋର୍ଦ୍ଧା ଜିଲ୍ଲା ସ୍ୱପ୍ନେଶ୍ୱରପୁରର ଗୀତାଞ୍ଜଳି ସୁନ୍ଦରା, ନୟାଗଡ଼ ସଦର ଥାନା ପାଣିପୋଇଲା ଗାଁର ଅଟୋଚାଳକ ବାବନ ପଡିହାରୀ ପ୍ରମୁଖ ୬ ଜଣ ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ଭୁବନେଶ୍ୱରରେ ରମା ଦାସଙ୍କ ମୃତ୍ୟୁ ଘଟିଛି ବୋଲି ମଗରବନ୍ଧ ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର ନାଥ ପ୍ରଧାନ ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ବୋଲି ସେ କହିଛନ୍ତି। ଖବରପାଇ ଶରଣକୁଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋରିକ୍ସାକୁ ଜବତ କରି ମାମଲା ରୁଜୁ କରି ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍ ଫେରାର ହୋଇଯାଇଛି। ସେପଟେ ରିଙ୍କିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


ଦୁର୍ଘଟଣାରେ ଭାଙ୍ଗିରୁଜି ଯାଇଥିବା ଅଟୋରିକ୍ସା।

# ଜମିଜମା ବିବାଦ: ଛୁରି ଭୁସି ଯୁବକଙ୍କୁ ହତ୍ୟା

ବାଲେଶ୍ୱର,୨୦।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ଗୋପିନାଥପୁର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଜମିଜମା ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କ ଛୁରାମାଡ଼ରେ ଅନ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଏହି ଗ୍ରାମର ସେକ୍ କଲିମୁଦ୍ଦିନ ଓରଫ ସେକ କାଲୁ(୫୨)। ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ସ୍ଥାନୀୟ ହସ୍ପିଟାଲ ଏବଂ ପରେ ରେମୁଣାସ୍ଥିତ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି।

# ୮୪୪ କେଜି ଗଞ୍ଜେଇ ଜବତ

ମାଲକାନଗିରି,୨୦।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅବକାରୀ ବିଭାଗ ଦ୍ୱାରା ରବିବାର ୮୪୪ କେଜି ଗଞ୍ଜେଇ ଜବତ କରାଯାଇଛି। ମାଲକାନଗିରି ଅବକାରୀ କର୍ମଚାରୀ ବିଶେଷ ସୂତ୍ରରୁ ଖବର ପାଇ ଅଧୀକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ବ୍ଲକ ଜୋଡାମ୍ବ ଥାନା ଅନ୍ତର୍ଗତ ସାଦରାମ ଓ କୋଡିଗନ୍ଧି ଜଙ୍ଗଲରେ ଚଢାଉ କରିଥିଲେ। ଗୋଟିଏ ସ୍ଥାନରେ ଏହି ଗଞ୍ଜେଇ ଲୁଚାଇ ରଖାଯାଇଥିବା ଦେଖି କର୍ମଚାରୀମାନେ ଏହାକୁ ଜବତ କରିଥିଲେ। ୮୪୪ କେଜି ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୮୪ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହା ବାହାର ରାଜ୍ୟକୁ ଚୋରାଚାଲାଣ ଲାଗି ଗଚ୍ଛିତ ରଖାଯାଇଥିବା କର୍ମଚାରମାନେ କହିଛନ୍ତି। ଜବତ ସମୟରେ ଘଟଣାସ୍ଥଳରେ କେହି ନ ଥିବାରୁ କାହାରିକୁ ଗିରଫ କରାଯାଇନାହିଁ। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଚଢାଉ ସମୟରେ ଅବକାରୀ ଉପ ଅଧୀକ୍ଷକ ଟଙ୍କଧର ଭୋଇ, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ବଳ, ଅବକାରୀ ଉପ ନିରୀକ୍ଷକ ଅଶେଷ କୁମାର ନାୟକ, ଏଏସ୍‌ଆଇ ଜେମସ ମାଲଖମ୍ ସାହୁ ଓ ରାମଚନ୍ଦ୍ର ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ।



ଜବତ ହୋଇଥିବା ଗଞ୍ଜେଇ।

# ୫ଟା ୩୦

ନାରୀ ସଶକ୍ତୀକରଣ ବିଷୟରେ ମହାତ୍ମା ଗାନ୍ଧୀ ଏକଦା କହିଥିଲେ–ଯେଉଁଦିନ ଜଣେ ମହିଳା ରାତିରେ ରାସ୍ତାରେ ମୁକ୍ତ ଭାବେ ଚାଲିପାରିବେ, ସେହିଦିନ ଆମେ କହିପାରିବୁ ଯେ ଭାରତ ସ୍ୱାଧୀନତା ହାସଲ କରିଛି। ମହାତ୍ମାଙ୍କ ବାଣୀରୁ ଖିଅ ଧରି ଆଲୋଚନା କଲେ କୁହାଯାଇପାରେ ଯେ, ସାମାଜିକ ବ୍ୟବସ୍ଥା ଓ ପ୍ରତ୍ୟେକ ପୁରୁଷଙ୍କ ମାନସିକତାରେ ନାରୀମାନଙ୍କ ପାଇଁ ଏକ ସମ୍ମାନବୋଧ ଦେଖାଦେଲେ ଯାଇ ପରିବର୍ତ୍ତନ ଆସିପାରିବ। ନିୟମ ଉଲ୍ଲଂଘନକାରୀଙ୍କ ପାଇଁ କଡ଼ା ଆଇନ ଥିଲେ ମଧ୍ୟ ଅପରାଧ ଘଟିଚାଲିଛି। ଯଦି ଏହାର ମୂଳକୁ ଯାଇ ଚିନ୍ତା କରିବା ତେବେ ଭିନ୍ନ ଭିନ୍ନ ଦିଗକୁ ଦେଖିବା। ନାରୀ ତା'ର ସୁରକ୍ଷା ପାଇଁ ସ୍ୱାଧୀନତାକୁ ବଳି ଦେଉଛି। ଉଦାହରଣ ଭାବେ ଦେଖିଲେ ଝିଅଟିଏ ପଢ଼ିବା ପାଇଁ ବାହାରକୁ ବାହାରିଲେ ବିଭିନ୍ନ ପ୍ରକାର କଟକଣାର ସମ୍ମୁଖୀନ ହୋଇଥାଏ। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଦେଇ କର୍ମକ୍ଷେତ୍ରକୁ ଯିବା ଯାଏ ପିଲାଟି ବେଳୁ ଯେଉଁ ମାନସିକତା ଦେଇ ଝିଅଟି ବଢ଼ି ଆସିଥାଏ, ସେଥିରେ ସହଜରେ ଉନ୍ନତି ଆସିପାରି ନ ଥାଏ। ଭାରତୀୟ ମାନସିକତାରେ ଏସବୁକୁ ସାଧାରଣ ଆଚରଣ ଭାବେ ଧରିନିଆଯାଇଥିବାରୁ ସେଥିପ୍ରତି ଧ୍ୟାନ ଦିଆଯାଉନାହିଁ। ମନେରଖିବାକୁ ହେବ ଯେ ଏହି ମାଟିର ଇତିହାସ ଦେଖିଲେ ମହିଳାମାନଙ୍କ ପାଇଁ ପରଦା କିମ୍ବା ଅନ୍ୟ କୌଣସି ମୁହଁ ଲୁଚାଇବା ବ୍ୟବସ୍ଥା କରାଯାଇ ନ ଥିଲା। ମୁସଲମାନ ଆକ୍ରମଣ ପରେ ଘୁଁଘଟ ଭଳି ଲମ୍ବା ଓଢ଼ଣି ଉତ୍ତର ଭାରତରେ ପ୍ରବେଶ କଲା। ସେହି ସମୟ ପରେ, କ୍ରମଶଃ ସମଗ୍ର ଉପମହାଦେଶରେ ଏହି ପଶ୍ଚାତପଦ ମାନସିକତା ଜୋର ଧରିଲା।

ସନ୍ଧ୍ୟା ସାଢ଼େ ୫ଟାରେ ଅର୍ଥାତ୍ ସୂର୍ଯ୍ୟାସ୍ତ ପୂର୍ବରୁ ଝିଅ ଓ ମହିଳା କର୍ମଚାରୀମାନଙ୍କୁ ବିଦା କରିଦେବାର ମାନସିକତା ସେହି ପୁରୁଣା ମୁସଲମାନ ସମ୍ପ୍ରଦାୟର ପରଦା ବ୍ୟବସ୍ଥାକୁ ପୁନର୍ଜୀବିତ କରାଇବ। ସମ୍ଭବତଃ ଆଉ କିଛି ସମୟ ବିତିଗଲା ପରେ ଝିଅମାନଙ୍କୁ ବୁର୍ଖା ପିନ୍ଧାଇ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ଘୋଡ଼ାଇ ରଖିବାର ବ୍ୟବସ୍ଥା ଆମ ହିନ୍ଦୁତ୍ୱ ଶାସକମାନେ ପ୍ରଚଳନ କରାଇପାରନ୍ତି। ତା'ର ଏକମାତ୍ର କାରଣ ହେଉଛି ପ୍ରଶାସନିକ ଦକ୍ଷତା ଅଭାବରୁ ଏଭଳି ବିକଟାଳ ଚିନ୍ତାଧାରା ଜନ୍ମ ନେଉଛି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀ ସନ୍ଧ୍ୟା ୫ଟା ୩୦ ପରେ ବୁଲିପାରିବେ ନାହିଁ ବୋଲି ୧୭ ଜୁଲାଇରେ କୁଳପତିଙ୍କ ନିର୍ଦ୍ଦେଶ କ୍ରମେ କୁଳସଚିବଙ୍କ ପକ୍ଷରୁ ଏଭଳି ଏକ କଟକଣା ଜାରି କରାଯାଇଥିଲା। ବିଶ୍ୱବିଦ୍ୟାଳୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ୧୮ ଜୁଲାଇରେ ଏ ସମ୍ପର୍କରେ ଗଣମାଧ୍ୟମକୁ ଜଣାଇଥିଲେ। ବିଭିନ୍ନ ମହଲ ଓ ଗଣମାଧ୍ୟମରେ ଏହି ନିର୍ଦ୍ଦେଶନାମାକୁ ମହିଳା ବିରୋଧୀ ମାନସିକତା ବୋଲି କୁହାଯାଇ ଘୋର ସମାଲୋଚନା ହେବା ପରେ କଟକଣା ଜାରିର ଘଣ୍ଟାଏ ପରେ ତାହାକୁ ପ୍ରତ୍ୟାହାର କରିନିଆଗଲା। ପ୍ରତ୍ୟାହାର ସିନା କରିନିଆଗଲା, କିନ୍ତୁ ତାହା ଏକ ବିକୃତ ମାନସିକତାକୁ ପଦାରେ ପକାଇଲା। ତାଲିବାନ ଚିନ୍ତାଧାରା ଭଳି ଏହି ନିଷ୍ପତ୍ତି ଦର୍ଶାଇଲା ଯେ କର୍ତ୍ତୃପକ୍ଷ ଓ ସମାଜ ମହିଳାଙ୍କୁ ସମ୍ମାନ ଓ ସୁରକ୍ଷା ଦେବାରେ ବିଫଳ ବୋଲି ସ୍ୱୀକାର କରିବା ସହିତ ଝିଅମାନଙ୍କୁ ଘରକୁ ପଠାଇଦେଇ ନିଜ ଦାୟିତ୍ୱରୁ ଓହରିଗଲେ। ଏଭଳି ଚିନ୍ତାଧାରା ମହିଳାମାନଙ୍କୁ ମୁଖ୍ୟ ସ୍ରୋତରୁ ଦୂରେଇଦେବ। ଉଦାହରଣ ସ୍ୱରୂପ ଏକ ବିଶ୍ୱବିଦ୍ୟାଳୟରେ ଅନେକ ଗବେଷଣା ଛାତ୍ରୀ ପାଠ ପଢ଼ୁଛନ୍ତି। ସେମାନଙ୍କୁ ସହଯୋଗ କରିବା ପାଇଁ ମହିଳା ଅଧ୍ୟାପକ, ପ୍ରଫେସର ଡେରି ପର୍ଯ୍ୟନ୍ତ ରହି କାମ କରିଥାନ୍ତି। ସନ୍ଧ୍ୟା ସାଢ଼େ ୫ଟାରେ ଅର୍ଥାତ୍ ସୂର୍ଯ୍ୟାସ୍ତ ପୂର୍ବରୁ ଝିଅ ଓ ମହିଳା କର୍ମଚାରୀମାନଙ୍କୁ ବିଦା କରିଦେବାର ମାନସିକତା ସେହି ପୁରୁଣା ମୁସଲମାନ ସମ୍ପ୍ରଦାୟର ପରଦା ବ୍ୟବସ୍ଥାକୁ ପୁନର୍ଜୀବିତ କରାଇବ। ସମ୍ଭବତଃ ଆଉ କିଛି ସମୟ ବିତିଗଲା ପରେ ଝିଅମାନଙ୍କୁ ବୁର୍ଖା ପିନ୍ଧାଇ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ଘୋଡ଼ାଇ ରଖିବାର ବ୍ୟବସ୍ଥା ଆମ ହିନ୍ଦୁତ୍ୱ ଶାସକମାନେ ପ୍ରଚଳନ କରାଇପାରନ୍ତି। ତା'ର ଏକମାତ୍ର କାରଣ ହେଉଛି ପ୍ରଶାସନିକ ଦକ୍ଷତା ଅଭାବରୁ ଏଭଳି ବିକଟାଳ ଚିନ୍ତାଧାରା ଜନ୍ମ ନେଉଛି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

### ୨୧ ଜୁଲାଇ ୧୯୭୬

- ଜାତୀୟ ଅର୍ଥନୀତିର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଦ୍ୟୋଗ– ପରୋକ୍ଷ ଟିକସ ବ୍ୟବସ୍ଥା ଏବଂ ଜାତୀୟକରଣ ବ୍ୟାଙ୍କ ସମୂହ ସମ୍ପର୍କରେ ଅନୁଧ୍ୟାନ କରିବା ନିମନ୍ତେ ୨ଟି ଉଚ୍ଚ କ୍ଷମତାପନ୍ନ କମିଟି ଗଠିତ।
- ପଣ୍ୟବାହୀ ଜାହଜ ଚଳାଚଳ ସମ୍ପର୍କରେ ଭାରତ ଓ ରୁଷିଆ ମଧ୍ୟରେ ଏକ ନୂତନ ରାଜିନାମା ସ୍ୱାକ୍ଷରିତ।
- ବାଂଲାଦେଶ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ହୋଇଥିବା ଏକ ଷଡ଼ଯନ୍ତ୍ରର ନେତାଙ୍କୁ ସ୍ୱତନ୍ତ୍ର ସାମରିକ ଅଦାଲତରେ ପ୍ରାଣଦଣ୍ଡ ଆଦେଶ ଦିଆଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 3 | | 8 | |
| | | 8 | 5 | | | 3 | 6 | |
| | 3 | 5 | 7 | | 9 | | | |
| | | | 8 | 6 | 4 | | | |
| | | 4 | | | | | | |
| 2 | | | | 1 | 7 | | | 6 |
| | 2 | | | 7 | | 8 | | 9 |
| 1 | | 7 | | | | | 2 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 7 | 3 | 1 | 8 | 5 | 9 | 6 |
| 5 | 9 | 8 | 6 | 2 | 4 | 7 | 3 | 1 |
| 6 | 3 | 1 | 5 | 9 | 7 | 4 | 2 | 8 |
| 3 | 4 | 2 | 1 | 5 | 6 | 8 | 7 | 9 |
| 7 | 5 | 6 | 8 | 3 | 9 | 1 | 4 | 2 |
| 1 | 8 | 9 | 4 | 7 | 2 | 6 | 5 | 3 |
| 9 | 1 | 4 | 7 | 8 | 3 | 2 | 6 | 5 |
| 8 | 7 | 3 | 2 | 6 | 5 | 9 | 1 | 4 |
| 2 | 6 | 5 | 9 | 4 | 1 | 3 | 8 | 7 |

ଗତକାଲିର ଉତ୍ତର

# ଶାନ୍ତି ପ୍ରୟାସର ଆହ୍ୱାନ



ଡ. ବିମଳ ଷଡ଼ଙ୍ଗୀ

ସଚେତନତା ଅଭାବରୁ କୋର୍ଟ କଚେରି, ଥାନାର ଭୟ ଦେଖାଇ କିଛି ଖଳପ୍ରକୃତିର ବ୍ୟକ୍ତି ସାଧାରଣ ଜନତାଙ୍କୁ ଭୟଭୀତ କରନ୍ତି ଏବଂ ପରେ ଡାହାଣୀ ହୋଇ ଲାଗିବା ଓ ଗୁଣିଆ ହୋଇ ଛଡ଼ାଇବା ନୀତିରେ ମଧ୍ୟସ୍ଥି ହୋଇ ସେମାନଙ୍କର ସର୍ବସ୍ୱ ଲୁଟନ୍ତି। ଫଳରେ ସବୁଦିନ ପାଇଁ ସେମାନେ ଭୟରେ ସେମାନଙ୍କ ପାଦତଳେ ରହିଥା'ନ୍ତି ଏବଂ କାଳକ୍ରମେ ସେହିପରି ନୀଚ ବ୍ୟକ୍ତିମାନେ ଅର୍ଥ ଓ ବାହୁବଳରେ ବଳୀୟାନ୍ ହୋଇ ରାଜନୀତିରେ ପ୍ରବେଶ କରି ଚଞ୍ଚକତାର ସହିତ ସବୁଦିନ ପାଇଁ ନେତା ଭାବରେ ନିଜକୁ ଉପସ୍ଥାପିତ କରି ଅୟସ କରନ୍ତି, ଯାହା ଏବେ ବି ଭାରତରେ ଭିନ୍ନ ରୂପରେ ବିଦ୍ୟମାନ ଏବଂ ତା'ର ବିକଶିତ ରୂପ ସାରା ବିଶ୍ୱରେ ମହାମାରୀ ଭଳି ମାଡ଼ିଚାଲିଛି, ଯାହା ବିଚାରଯୋଗ୍ୟ।

ଯେତେବେଳେ ଦେଶ-ଦେଶ ଭିତରେ ବିବାଦ ଉପୁଜେ, ସେତେବେଳେ କିଛି ଦେଶର ରାଜନେତା ନିଜର ବାହାଦୁରି ଦେଖାଇ ପ୍ରଚାର କରନ୍ତି ଯେପରି ମୋ ମଧ୍ୟସ୍ଥି ଯୋଗୁ ସେମାନେ ଯୁଦ୍ଧ ନ କରି ନିଜ ଭିତରେ ମିଳାମିଶା କରିଦେଲେ,ତେଣୁ ମୁଁ ବହୁତ କରିତ୍କର୍ମା। ଉଦାହରଣ ସ୍ୱରୂପ, ଜୁନ୍ ୨୦୨୫ରେ ଡୋନାଲ୍ଡ ଟ୍ରମ୍ପ୍ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରତି ପାଇଁ ନିଜର ମଧ୍ୟସ୍ଥତାକୁ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର କରିଥିଲେ, ମାତ୍ର ଭାରତର ସ୍ପଷ୍ଟ ବାର୍ତ୍ତା ଥିଲା ଯେ, 'ଏହି ଯୁଦ୍ଧବିରତି ୧୯୭୨ ସିମ୍‌ଲା ଚୁକ୍ତିନାମା ଅନୁସାରେ ସିଧାସଳଖ ସାମରିକ ବୁଝାମଣା ଦ୍ୱାରା ହୋଇଥିଲା, ଭାରତ କେବେ ବି ତୃତୀୟ ପକ୍ଷ ମଧ୍ୟସ୍ଥତାକୁ ଗ୍ରହଣ କରିନାହିଁ ବା କରିବ ନାହିଁ।' ଏହାପରେ ଟ୍ରମ୍ପ୍‌ଙ୍କ ମିଛ ଘୋଷଣା ଧରାପଡ଼ିଥିଲା ଏବଂ ସେ ନିଜର ବକ୍ତବ୍ୟ ବଦଳାଇଥିଲେ। ଆଜିକାଲି ସମାନ ଧରଣର କାର୍ଯ୍ୟ ସାରା ବିଶ୍ୱରେ କିଛି ରାଷ୍ଟ୍ରମୁଖ୍ୟ କରିଆସୁଛନ୍ତି, ଫଳରେ ଭବିଷ୍ୟତରେ ଦେଶ-ଦେଶ ମଧ୍ୟରେ ଅବିଶ୍ୱାସ ଓ ହିଂସାର ବାତାବରଣ ସୃଷ୍ଟି ହେବ, ଏହା ନିଃସନ୍ଦେହ। ବର୍ତ୍ତମାନର ଇରାନ୍-ଇସ୍ରାଏଲ୍, ଇସ୍ରାଏଲ୍-ହମାସ୍, ରୁଷ୍-ୟୁକ୍ରେନ୍ ଏବଂ ଭାରତ-ପାକିସ୍ତାନ ଭଳି ଯୁଦ୍ଧ ଦ୍ୱାରା ବିଶ୍ୱରେ ବିଶ୍ୱସନୀୟତା ଓ ସାର୍ବଜନୀନ ଭାବରେ ଗୃହୀତ ମଧ୍ୟସ୍ଥତାକାରୀଙ୍କ ସମ୍ପୂର୍ଣ୍ଣ ଅଭାବ ପରିଲକ୍ଷିତ ହୁଏ ଏବଂ ମିଳିତ ଜାତିସଂଘ ବୋଲି ଗୋଟିଏ ବିଶ୍ୱ ସଂଗଠନ ଥିବାପରି ମନେହୁଏ ନାହିଁ, ଯାହାର ଫଳସ୍ୱରୂପ ଲକ୍ଷଲକ୍ଷ ନିରୀହ ଜନତା ଯୁଦ୍ଧ ଦ୍ୱାରା ପ୍ରାଣ ହରାଉଛନ୍ତି।

ଇତିହାସର ୧୯୭୦ ଦଶକକୁ ଫେରିଯିବା। ଶୀତଳ ଯୁଦ୍ଧ ସମୟରେ ସୋଭିଏଟ୍ ୟୁନିୟନକୁ ରୋକିବା ପାଇଁ ମାଓ ଜେ ଡୋଙ୍ଗଙ୍କ ସହ ହେନ୍‌ରି କିସିଞ୍ଜରଙ୍କ ଗୁପ୍ତ କୂଟନୀତି ବିଶ୍ୱସନୀୟ କାର୍ଯ୍ୟ କରିଥିଲା ଓ ବିଶ୍ୱ ମେଣ୍ଟକୁ ପୁନଃ ଆକୃତି ଦେବା ପାଇଁ ବାସ୍ତବବାଦୀ ରାଜନୀତି ବ୍ୟବହାର କରିଥିଲେ। ସେହିପରି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଫ୍ରାଙ୍କ୍‌ଲିନ ଡି. ରୁଜ୍‌ଭେଲ୍ଟ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମୁଖ୍ୟ ନେତୃତ୍ୱ ଦେଇଥିଲେ। ଯୁଦ୍ଧ ପରେ ବ୍ରିଟେନ୍‌ର ଚର୍ଚ୍ଚିଲ ଏବଂ ସୋଭିଏଟ୍ ୟୁନିଅନର ଷ୍ଟାଲିନ୍‌ଙ୍କ ସହ ମିଶି ମିଳିତ ଜାତିସଂଘ ଗଠନର ପ୍ରମୁଖ ପ୍ରବନ୍ଧକ ଥିଲେ। ଯାହା ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଭବିଷ୍ୟତ ଯୁଦ୍ଧ ରୋକିବା ଏବଂ ବିଶ୍ୱରେ ଶାନ୍ତି ସ୍ଥାପନ ପାଇଁ ଗଠିତ ହୋଇଥିଲା। ଏହାଥିଲା ପ୍ରକୃତ ରାଜନୈତିକ ବ୍ୟକ୍ତିଙ୍କ ସମାଜର ମଙ୍ଗଳ ପାଇଁ ସୁସ୍ଥ ଆଚାର ଓ ବିଚାର। ସେହିପରି ଆମେରିକାର ରାଷ୍ଟ୍ରପତି ଜିମି କାର୍ଟର, ୧୯୭୮ ମସିହାରେ କ୍ୟାମ୍ପ୍ ଡେଭିଡ୍ ଚୁକ୍ତିନାମାରେ ମଧ୍ୟସ୍ଥତା କରିଥିଲେ, ଯାହା ଦ୍ୱାରା ଇସ୍ରାଏଲ ଓ ମିଶର ମଧ୍ୟରେ ଏକ ଐତିହାସିକ ଶାନ୍ତିଚୁକ୍ତି ହେଇଥିଲା।



୨୦୨୫ ମଧ୍ୟଭାଗରେ ବିକାଶୋନ୍ମୁଖୀ ବିଶ୍ୱରେ ଇସ୍ରାଏଲ ଏବଂ ଇରାନ୍ ପରସ୍ପରକୁ କ୍ଷେପଣାସ୍ତ୍ର ବିନିମୟ କରୁଛନ୍ତି, ଟ୍ରମ୍ପ୍ ନିଆଁରେ ଘିଅ ଢାଳି ନିଜର ସ୍ୱାର୍ଥ ହାସଲ ଲାଗି ଇରାନ୍ ଉପରେ ବଙ୍କର ବିଧ୍ୱଂସୀ ବୋମା ପକାଇ ଇରାନ୍‌କୁ ନଷ୍ଟ କରିଚାଲିଛନ୍ତି ଯେପରି କିଛି ବର୍ଷ ପୂର୍ବେ ଇରାକ ଶିକାର ହୋଇଥିଲା। ଫଳରେ ବିଖଣ୍ଡିତ ବିଶ୍ୱକୁ ସୁଯୋଗବାଦୀ ମଧ୍ୟସ୍ଥତା ସମ୍ପୂର୍ଣ୍ଣ ବିଫଳ ଏବଂ ଶାନ୍ତି ସ୍ଥାପନକାରୀଙ୍କ ଅଭାବ ଯୋଗୁଁ ସମାଧାନ ସୂତ୍ର ବହୁ ଦୂରରେ। ଅନେକ ରାଷ୍ଟ୍ର ଧର୍ମ ନାମରେ ମାନବ ବିଧ୍ୱଂସକାରୀ ଅସ୍ତ୍ର ଓ ସଙ୍ଗଠନକୁ ପ୍ରସ୍ତୁତ କରି ମାନବ ସଭ୍ୟତାକୁ ନଷ୍ଟ କରିବାକୁ ବ୍ୟସ୍ତ। ଅପରେଶନ ସିନ୍ଦୂର ପରେ ଭାରତ-ପାକିସ୍ତାନ ଉତ୍ତେଜନା ରହୁଛି। କିସିଞ୍ଜରଙ୍କ ଶଟଲ କୂଟନୀତି ଓ ଅନୱର ସାହ ଏବଂ ମେନାଚେମ ବେଗିନଙ୍କ ମଧ୍ୟରେ ବହୁଦିନର ଶାନ୍ତି ମିଳାମିଶା ଆଜିର ତଥାକଥିତ ଶାନ୍ତି ସ୍ଥାପନକାରୀମାନଙ୍କ ଛଦ୍ମବେଶର ଡିଲ୍ ମେକର ଭାବରେ ବହୁଦୂରରେ। ସର୍ବିଆ-କୋସୋଭୋର ବିଭେଦ ମଧ୍ୟରେ ଟ୍ରମ୍ପ୍‌ଙ୍କ ଛଦ୍ମବେଶୀ ମଧ୍ୟସ୍ଥତା ଏକ କାଚଘର ପରି ଗୋଟିଏ ସପ୍ତାହ ଭିତରେ ଭାଙ୍ଗି ପଡ଼ିଥିଲାଏବଂ ରୁଷର ଭ୍ଲାଦିମିର ପୁଟିନଙ୍କ ମସ-ଗା-ତେହେରାନ ଚୁକ୍ତି ତାଙ୍କୁ ପଶ୍ଚିମ ଏସିଆରେ ଦଲାଲ ଭାବରେ ବିବେଚନା କରେ, ସେ ମଧ୍ୟ ଇରାନକୁ ଡ୍ରୋନ ଏବଂ କୌଶଳଗତ ପରାମର୍ଶଦାତା ଯୋଗାଣରେ ଏତେ ବ୍ୟସ୍ତ ଯେ, ଇସ୍ରାଏଲ ଏହାକୁ ଗମ୍ଭୀରତାର ସହିତ ନେଇପାରିନାହିଁ। ଚାଇନାର 'ବେଲ୍ଟ ଆଣ୍ଡ୍ ରୋଡ଼' ପ୍ରୋଜେକ୍ଟ ପାଇଁ କଶ୍ମୀର ଉପରେ ତାହାର ନୀରବତା ଓ ଅପରେଶନ ବୁନୟାନ ମାର୍ସୁସ ପାଇଁ ପାକିସ୍ତାନକୁ ସାମରିକ ସହାୟତା ଯୋଗାଣ ଅବିଶ୍ୱାସର ଏକ ଜ୍ୱଳନ୍ତ ଉଦାହରଣ। ୟୁକ୍ରେନ୍‌ର ଗଚ୍ଛିତ ପ୍ରାକୃତିକ ସମ୍ପଦ ଉପରେ ଆମେରିକାର ଲୋଲୁପଦୃଷ୍ଟି କେବେବି ଆମେରିକାକୁ ରୁଷ-ୟୁକ୍ରେନ୍‌ର ମଧ୍ୟସ୍ଥି କରାଇ ଦେବନାହିଁ।

ଭାରତ ସ୍ୱାଧୀନତା ସମୟରେ ବ୍ରିଟେନ୍‌ର ଚର୍ଚ୍ଚିଲଙ୍କ ଚାଲ୍ ଯୋଗୁ ଓ ସେତେବେଳର ନେତାମାନଙ୍କର ଅଦୂରଦର୍ଶିତା ହେଉ ବା ସମୟର ଅସ୍ଥିର ଅବସ୍ଥା ହେଉ ଅଖଣ୍ଡ ଭାରତକୁ ଧର୍ମ ନାଁରେ ବିଖଣ୍ଡିତ କରିବାର ଫଳ ସ୍ୱରୂପ ଭାରତ ଓ ପାକିସ୍ତାନ ଏବଂ ପରେ ବାଂଲାଦେଶର ସୃଷ୍ଟି। ଏହା ଏପରି ଏକ ସୃଷ୍ଟି ଯେ, ଯେତେଦିନ ପର୍ଯ୍ୟନ୍ତ ଦେଶଗୁଡ଼ିକର ସାଧାରଣ ଜନତା ସଚେତନ ହୋଇ ନଥିବେ, ସେତେଦିନ ପର୍ଯ୍ୟନ୍ତ ଧର୍ମର ଦ୍ୱାହିଦେଇ ଉଭୟଦେଶ ମଧ୍ୟରେ ବିବାଦ ଲାଗି ରହିବ। କିଛି ଦେଶ ଓ ବ୍ୟକ୍ତି ଏହାର ସୁଯୋଗରେ ସାଧାରଣ ଲୋକଙ୍କ ଧନଜୀବନ ନଷ୍ଟ କରିଚାଲିଥିବେ, କେତେବେଳେ ଚାଇନା ତ କେତେବେଳେ ଆମେରିକା ସ୍ୱାର୍ଥ ପାଇଁ ମଧ୍ୟସ୍ଥି ହେବାକୁ ଆଗେଇ ଆସିବେ, ଠିକ୍ ଯେପରି ବିଲେଇ କଳିରେ ମାଙ୍କଡ଼ ମଧ୍ୟସ୍ଥି। ଏ ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶ୍ୱକୁ ଜଣେ ଶାନ୍ତି ନିର୍ମାତାଙ୍କ ନିତାନ୍ତ ଆବଶ୍ୟକତା ଅଛି, ଜଣେ ଲୋକପ୍ରିୟ, କ୍ଷମତା-ଲୋଭୀ ସୁଯୋଗବାଦୀ, ବିସ୍ତାରବାଦୀ, ପରସ ଅପହରଣକାରୀ ନୁହେଁ ବରଂ ଜଣେ କାର୍ଟରଙ୍କ ନୈତିକ କର୍ତ୍ତୃତ୍ୱ ଏବଂ ଜଣେ କିସିଞ୍ଜରଙ୍କ ପରି ବୁଦ୍ଧିମାନ୍ ରାଷ୍ଟ୍ରନୀତିଜ୍ଞଙ୍କ ଆବଶ୍ୟକତା ଅଛି। ଯେପର୍ଯ୍ୟନ୍ତ ଏପରି ବ୍ୟକ୍ତିତ୍ୱ ଆସିବେ ନାହିଁ, ସେପର୍ଯ୍ୟନ୍ତ ବିଶ୍ୱରେ ରକ୍ତର ହୋଲି ଚାଲିଥିବ, ଲକ୍ଷ ଲକ୍ଷ ଲୋକଙ୍କୁ ବିସ୍ଥାପିତ କରିବ ଏବଂ ବିନାଶରେ ଅଙ୍କୁରୋଦ୍‌ଗମ ହୋଇ ବଢ଼ି ଚାଲୁଥିବା ଏକ ଅସ୍ତ୍ରଶିଳ୍ପକୁ ପ୍ରୋତ୍ସାହନ ଯୋଗାଇବ। ଅନେକ ଦେଶକୁ ଚିରଶୃଙ୍ଖଳ ମଧ୍ୟରେ ରଖି କିଛି ନୀଚ ରାଷ୍ଟ୍ରଙ୍କର ନୀଚ ବ୍ୟକ୍ତି ବିଶ୍ୱବ୍ୟାପୀ ରକ୍ତନଦୀ ବୁହାଇ ଖୁସିରେ ଅୟସ କରିଚାଲିବେ, ଠିକ୍ ଯେପରି ଖଳପ୍ରକୃତିର ବ୍ୟକ୍ତି କରନ୍ତି। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ଭଳି ଶାନ୍ତିକାମୀ ମାନବ ସମ୍ବଳ ରାଷ୍ଟ୍ରରୁ ପୁଣି ଥରେ ବିଶ୍ୱରେ ଶାନ୍ତିର ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ ହେବାର ପ୍ରକୃଷ୍ଟ ସମୟ ଆସିଯାଇଛି, ଅନ୍ୟଥା ନିଃସନ୍ଦେହରେ ବିଶ୍ୱଶାନ୍ତିର ସୂଚନା ବହୁ ଦୂରରେ ଏବଂ ମାନବ ସଭ୍ୟତାର ଅନ୍ତ ସନ୍ନିକଟ।

**ସଂସାଧନ ବ୍ୟକ୍ତି, ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର, ଭାରତ ସରକାର**
**ମୋ: ୯୪୩୭୧୨୩୮୯୨**

# ମାଗଣା ଲଙ୍କା



ହରେକୃଷ୍ଣ ଦାସ

ପ୍ରଥମ ଥର ନିଜେ ନିଜେ ହାଟକୁ ଯାଉଥିବାରୁ ପରିବା କିଣା ବିଷୟରେ ପତ୍ନୀ ଦେଇଥିବା ଜ୍ଞାନକୁ ଘୋଷି ହେଉଥାଏ – ପରିବା କିଣିବା ପୂର୍ବରୁ ଆଗ ହାଟ ସାରା ବୁଲି ବିଭିନ୍ନ ଜାଗାରୁ ରେଟ୍ ବୁଝିବ। ଦୋକାନୀ ଯୋଉ ପରିବା ନିଜେ ବାଛିକରି ଦେଉଥିବ, ସେ ସବୁ କେବେ ବି ଭଲ ଜିନିଷ ନୁହଁ। ବୋକା ଗ୍ରାହକ ଦେଖିଲେ ସେମାନେ ସବୁ ଖରାପ ମାଲ ବିକେଇ ଦିଅନ୍ତି। ତେଣୁ ତାଙ୍କ ସାମ୍ନାରେ ନିଜ ମୂର୍ଖତା ଦେଖେଇବନି। ପରିବା ଯେତେ ତାଜା ଦିଶୁଥିଲେ ବି ଦୋକାନୀକୁ କହିବ ଯେ ଏଗୁଡ଼ାକ ବାସି, ହରମୋନ ମରା ହେଇଛି ଯେ ଫ୍ରିଜ୍‌ରେ ଦି'ଦିନ ରହିବନି। ପରିବା ଓଜନ କଲାବେଳେ ସାବଧାନ ଥିବ। ଅଧକିଲୋ ଅମୃତଭଣ୍ଡା ଆଣୁଥିଲେ ଦି' ଚାରିଥର ଅଲଗା ଅଲଗା ଭଣ୍ଡା ଓଜନ କରିବ ଯେମିତି ସତୁରି ଅଶୀ ଗ୍ରାମ୍ ଅଧିକ ଓଜନ ହଉଥିବ। ଦୋକାନୀ ସେତକ ପାଇଁ ଅଧିକ ପଇସା ନେବନି, ସେତକ ଆମର ଲାଭ। ହଁ, ଲଙ୍କା ଲେମ୍ବୁ କି ଧନିଆପତ୍ର – ୟା ଭିତରୁ ଯାହା ହେଲେ ଗୋଟେ ମାଗଣା ଆଣିବା ଗରାଖଙ୍କର ଅଲିଖିତ ଅଧିକାର। କିନ୍ତୁ ଦୋକାନୀଗୁଡ଼ାକ ମହା ଲୋଭି, ନ ମାଗିଲେ ଦେବେନି। ପ୍ରେଷ୍ଟିଜ ଚାଲିଯିବ ଭାବି ନ ମାଗି ଚୁପ୍‌ଚାପ ପଳେଇଆସିବନି। ମୁଠାଏ ଲଙ୍କା ହଉ ପଛେ ଯେମିତି ହେଲେ ମାଗି ଆଣିବ। ଯଦି ଦି'ତିନି ଜାଗାରୁ କିଣୁଥାଅ ତେବେ ଜଣକଠାରୁ ଲଙ୍କା ହେଲେ ଆଉ ଜଣକଠାରୁ ଲେମ୍ବୁ ନେଇଆସିବ।

ହାଟ ଆରମ୍ଭରୁ ପିଲାଟିଏ ଉପରେ ନଜର ପଡ଼ିଗଲା। ବୟସ ଅଠର କି କୋଡ଼ିଏ ହବ। ମନେମନେ ଖୁସି ହେଲି ଯେ ଯାହାହେଉ, ମଦ ଗଞ୍ଜେଇ ଖାଇ ଲଫଙ୍ଗା ଭଳିଆ ନ ବୁଲି ପିଲାଟା ଦି'ପଇସା ପାଇଁ ପରିଶ୍ରମ କରୁଛି। ତା'ଠାରୁ କିଣି ତାକୁ କିଛି ରୋଜଗାର କରିବାକୁ ପ୍ରୋତ୍ସାହନ ଯୋଗାଇ ଦେବା ଉଚିତ। ପ୍ରାୟ କୋଡ଼ିଏ ମିନିଟ ଧରି ପରିବା ବାଛି, ମୂଲଚାଲ କରି ଶହେ କୋଡ଼ିଏ ଟଙ୍କାର ଚାରି ପ୍ରକାର ପରିବା କିଣି ସାରି କିଛି ଲଙ୍କା ମାଗଣାରେ ପକେଇ ଦେବାକୁ କହିବାରୁ ପିଲାଟି ଅମଙ୍ଗ ହେଲା। ଘୋଷିଥିବା ଗାଳିରୁ ମନେପକେଇ କହିଲି, 'ତୁ ଏଡିକିଟିଏ ପିଲା, ଆଜହୁଁ ଏତେ ଲୋଭ! ଏମିତି ବେପାର କଲେ ତ ତୁ ଦିନେ ଆଦାନୀକୁ କିଣିଦେବୁ!' ଅରାଜି ସତ୍ତ୍ୱେ ପିଲାଟି କିଛି ଲଙ୍କା ଦେଲା।

ମୋର ଆଚରଣ ଦେଖି ଆଶ୍ଚର୍ଯ୍ୟ ହେଇଯାଇ ଝିଅ କହିଲା, ''ବାପା, ବୋଧେ ତମେ ବାଛିଥିବା ପରିବା ଭଲନୁହଁ। ସେ ପିଲାକୁ ତମେ ଲୋଭି କହୁଛ, ଅଥଚ ନିଜେ ପାଞ୍ଚ ଦଶ ଟଙ୍କାର ଲଙ୍କା ନ କିଣି ତା'ଠାରୁ ମାଗିକରି ଆଣୁଛ? ଏପଟେ କହୁଛ ଯେ ଏ ଭଳିଆ ପିଲାଙ୍କୁ ରୋଜଗାର କରିବା ପାଇଁ ଆମେ ପ୍ରୋତ୍ସାହନ ଦେବା ଉଚିତ, ସେପଟେ ତା' ଲାଭକୁ ତମେ ଖାଉଛ। କିଣି ଆଣିଥିଲେ ତମର କିଛି କ୍ଷତି ହେଉ ନ ଥିଲା, କିନ୍ତୁ ମାଗଣା ଆଣିବା ଦ୍ୱାରା ତା ଲାଭ କମିଗଲା ନା ନାହିଁ?'' ଝିଅର ମଞ୍ଜି କଥାରେ ଦୋହଲି ଯାଇଥିଲେ ବି ମୁହଁ ଫୁଟାଣି ଦେଖେଇ ରାଗିଲା ଭଳିଆ କହିଲି, 'ତୁ ଛୋଟ ପିଲା, ଏମାନଙ୍କ ଚାଲବାଜି ଜାଣିପାରୁନୁ। ତୋ ବୋଉ ସାଙ୍ଗରେ କିଣାକିଣି କରି ଟ୍ରେନିଂ ନେ। ନ ହେଲେ ଜୀବନରେ ଠକି ହେଇଯିବୁ।'



ପରିବାସବୁ ଦେଖି ପତ୍ନୀ ବିରକ୍ତ ହେବାରୁ କହିଲି, 'ଆର ପାଳି ହାଟକୁ ଗଲେ ସେ ପିଲାକୁ କହିବି।'

ତିନିପାଳି ପରେ ହାଟ ବାହାରେ ପିଲାଟିକୁ ଦେଖି ପଚାରିଲି, 'ବାବୁରେ ଆଜି ପରିବା ଆଣିନୁ କି? ମତେ ଚିହ୍ନିପାରୁଛୁ?' ପିଲାଟି ତାଚ୍ଛଲ୍ୟ ହସଟେ ହସି କହିଲା, 'ଆପଣଙ୍କୁ କ'ଣ ଭୁଲିହେବ, ଆଜ୍ଞା? ଦି ଚାରିଟା ମାଗଣା ଲଙ୍କା ନେବାପାଇଁ ମତେ ଦଶ ମିନିଟ ଧରି ମାଗଣା ଟିଉଶନ କରିଥିଲେ ନା?' ରାଗିଯାଇ ପାଟିକଲି, 'କ'ଣ ଏମିତି କଥାବର୍ତ୍ତା କରୁଛୁ?' ଏଥର ଧୀର ଭାବରେ ପିଲାଟି କହିଲା, 'ବହୁତ ବଡ ବଡ କଥା କହୁଥିଲେ ନା ଆମ ଭଳିଆ ପିଲାଙ୍କୁ ଉତ୍ସାହିତ କରିବା ଉଚିତ ବୋଲି? ସେଦିନ ଆପଣଙ୍କୁ ପରିବା ବିକି କୋଡ଼ିଏ ଟଙ୍କା ଲାଭ ପାଇଥିବି କି ନାହିଁ, ଆପଣ କିନ୍ତୁ ପାଞ୍ଚ ଟଙ୍କାର ଲଙ୍କା ମାଗଣା ନେଇ ମୋର ଲାଭ ଖାଇଗଲେ। କି ବେଳାରେ ଆପଣଙ୍କ ହାତରେ ଅନୁକୂଳ ହେଇଥିଲା ଯେ ଆପଣଙ୍କ ପରେ ଆସିଥିବା ଅନ୍ୟ ଗରାଖମାନେ ମଧ୍ୟ ଜୋର କରି ମାଗଣାରେ ଲେମ୍ବୁ, ଲଙ୍କା, ଧନିଆପତ୍ର ନେଇଚାଲିଲେ। ଏମିତିକି ଓଜନରେ ଗଡେଇ ଗଡେଇ ଅଧିକ ପରିବା ମଧ୍ୟ ନେଇଗଲେ। ପରିବା ଶେଷ ହେଲା ବେଳକୁ ଅଧେ ପଇସା କାଟିଦେଇ ସବୁତକ ପରିବା ନେଇଥିବା ଗରାଖ ଭାରି ଖୁସି ହେଇ କହିଲେ ଯେ, କୋଉ ଗରାଖ ଈଶ୍ୱରଙ୍କ ହାତରେ ଅନୁକୂଳ କରିଥିଲୁ ଯେ ଆଜି ତୋର ସବୁ ପରିବା ଏତେ ଶୀଘ୍ର ସରିଗଲା। ଆପଣ ହେଉଛନ୍ତି ସେଇ ଗରାଖେଶ୍ୱର। ଦି'ହଜାର ଟଙ୍କାର ପରିବା ବିକିବା ପାଇଁ ଦୁଇଶହ ଟଙ୍କାର ଲଙ୍କା ଲେମ୍ବୁ ଆଦି ମାଗଣା ଦେବାକୁ ପଡ଼ିଲା। ସେଦିନ ରାତିରେ ହିସାବ କଲାବେଳକୁ ଦେଖିଲି ଲାଭ ହେଇଛି ଦେଢଶହ ଟଙ୍କା। କୁହନ୍ତୁ ତ ଏତିକି ଟଙ୍କା ପାଇଁ କିଏ ଗୋଟେ ପାଳି ନିକିମା ହେଇ ଏତେ ପରିଶ୍ରମ କରିବ? ରୋଜଗାର ପାଇଁ ବହୁତ ବାଟ ଅଛି, ସେ ଯେମିତି ବାଟ ହେଉ ପଛେ। ବୁଝିଲେ ଆଜ୍ଞା, ଆପଣ ଲକ୍ଷେ ଟଙ୍କାର ଟିଭି, ଦଶ ଲକ୍ଷ ଟଙ୍କାର ଗାଡ଼ି କିଣିବେ। ସେଥିରେ କମ୍ପାନୀ କେତେ ଲାଭ ନେଇଗଲା, ଆପଣଙ୍କର କିଛି ଯାଏନି ଆସେନି। ମଲ୍‌ରୁ ଜିନିଷ କିଣିଲେ ସେଠି ପାଞ୍ଚ ଗ୍ରାମ ଅଧିକ ସଉଦା ପାଇଁ ମଧ୍ୟ ପଇସା ଦେବେ। ବାର ପଇସା ଅଧିକ ବିଲ୍ ହେଇଥିଲେ ବି ସେତକ ଦେବାକୁ ମନା କରିପାରିବେନି। କିନ୍ତୁ ମୋ ଭଳି ଛୋଟ ବେପାରୀଙ୍କ ଲାଭ ଆପଣ ସହି ପାରନ୍ତିନି। ବଡ ବ୍ୟବସାୟୀଙ୍କ ପରି ଆପଣଙ୍କଠାରୁ ପାଉଥିବା ଲାଭରେ ଆମେ କୋଠା ଉପରେ କୋଠା ତିଆରି କରୁନୁ, ବରଂ ବଞ୍ଚିବା ପାଇଁ ବାଟ ଖୋଜୁ। ଆମର ଲାଭ ଠିକ୍ ଥିଲେ ଆମେ ଆପେଆପେ ଲଙ୍କା ଲେମ୍ବୁ ମୋଫତରେ ପକେଇଦବୁ। କିନ୍ତୁ ଆପଣମାନେ ମାଗଣା ନେବାର ମନୋବୃତ୍ତି ଛାଡ଼ିବା ଉଚିତ। କେବଳ ଆପଣମାନେ ହିଁ ସବୁତକ ଲାଭ ଖାଉଥିବେ ବୋଲି ଭାବିଲେ ଅନ୍ୟମାନେ ବଞ୍ଚିବେ କେମିତି? ଯାଆନ୍ତୁ, ମୋ ଜାଗାରେ ଆଜି ମୋ ଭାଇକୁ ବସେଇ ଦେଇଛି। ମୁଁ ଅନ୍ୟ ଗୋଟେ ବେପାର ଆରମ୍ଭ କରିଛି।''

ଏତେକଥା ଶୁଣି ଉଦାସ ହୃଦୟରେ ଅନ୍ୟମନସ୍କ ଭାବରେ ପରିବା କିଣି ଫେରିବା ବେଳକୁ ଝିଅ ପଚାରିଲା, 'ଲଙ୍କା ଆଜି ମାଗଣା ଆଣିଲନି?' ତାକୁ ଚାହିଁ ହସି କହିଲି ,'ନା, ଦଶ ଟଙ୍କା ଦେଇ କିଣିଛି।'

**ଅଧ୍ୟାପକ, ଇଂରାଜୀ ବିଭାଗ,**
**ନିଆଳି କଲେଜ, କଟକ**
**ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ସମସ୍ୟା ସମାଧାନ ନ ହେଲେ ସମସ୍ତେ ବିରୋଧ କରନ୍ତି। ଏଥିପାଇଁ କେହି କେହି ଆଇନର ଆଶ୍ରୟ ନିଅନ୍ତି ତ କେହି ଅନୁରୋଧ କରନ୍ତି। ହେଲେ ବେଳେବେଳେ ଲୋକେ ଏଭଳି ଅଜବ ଢଙ୍ଗରେ ବିରୋଧ ପ୍ରଦର୍ଶନ କରନ୍ତି ଯେ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଠିକ୍ ଏମିତି ଭିନ୍ନ ଢଙ୍ଗରେ ବିରୋଧ ପ୍ରଦର୍ଶନ କରିଛନ୍ତି ମଧ୍ୟପ୍ରଦେଶ ଗ୍ୱାଲିୟରସ୍ଥିତ ଖୋରିଆମୋଦି ଅଞ୍ଚଳର ରାମସେବକ ପାଲ୍। ସେ ତାଙ୍କ ବାଇକ୍ ସଜାଡିବା ପାଇଁ ଦେଇଥିଲେ। କିନ୍ତୁ ବାରମ୍ବାର କହିବା ପରେ ବି ସମ୍ପୃକ୍ତ ଏଜେନ୍ସି ତାଙ୍କ ବାଇକ୍ ସର୍ଭିସିଂ କରିବାରେ ବିଳମ୍ବ କରୁଥିଲା। ଫଳରେ ହତୋତ୍ସାହିତ ହୋଇ ସେ ସର୍ଭିସିଂ ସେଣ୍ଟର ଆଗରେ ବିକ୍ରି ପାଇଁ ନେଇଥିବା କ୍ଷୀରକୁ ନିଜ ଉପରେ ଢାଳି ସେହିଠାରେ ତଳେ ପଡି ରହିଥିଲେ। ସର୍ଭିସିଂ ସେଣ୍ଟରର କର୍ମଚାରୀଙ୍କ ବିରୋଧରେ ତାଙ୍କର ଏଭଳି ବିରୋଧ ପ୍ରଦର୍ଶନକୁ ଦେଖି ସ୍ଥାନୀୟ ଲୋକେ ହଠାତ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତାଙ୍କୁ ବୁଝାଶୁଝା କରିବା ପାଇଁ ବି ଚେଷ୍ଟା କରିଥିଲେ। କିନ୍ତୁ ବାଇକ୍ ନ ଥିବାରୁ ସାଇକେଲରେ ବିଭିନ୍ନ ସ୍ଥାନକୁ କ୍ଷୀର ନେଇ ଯିବା ଫଳରେ ତାହା ନଷ୍ଟ ହୋଇଯାଉଥିଲା। ଏଥିପାଇଁ ସେ ବହୁ କ୍ଷତି ସହୁଥିଲେ ବୋଲି କହିଥିଲେ। ଏହି କାରଣରୁ ମର୍ମାହତ ହୋଇ ସେ ଏଭଳି ନିଷ୍ପତ୍ତି ନେଇଥିଲେ। ତାଙ୍କର ଏଭଳି ଢଙ୍ଗରେ ବିରୋଧ ପ୍ରଦର୍ଶନ ସ୍ଥାନୀୟ ଅଞ୍ଚଳରେ ଯେତିକି ଚର୍ଚ୍ଚିତ ହୋଇଛି ତା' ଠାରୁ ବେଶି ଭାଇରାଲ ହେଉଛି ସୋସିଆଲ ମିଡିଆରେ।

## ଚିରନ୍ତନୀ

ଆସ ତୁମେ ଆସ ପାଶେ,
ଗଭୀର ନୀରବଭାଷେ
ପରଶ ଏ କ୍ଷୁବ୍ଧ ମୋର ତନୁ,
ଶୀତଳ ବିଦ୍ୟୁତ୍ ସମ
ସେ ପରଶ ଲାଗି ମମ
ଘୁଞ୍ଚାଉ ବିଷାଦଛାୟା ମନୁଁ।
ନିକଟେ ନିକଟେ ଆଉ
ଧୀରେ ସେ କୋମଳ ବାହୁ
ଜଡ଼ାଅ ତପତ ଅଙ୍ଗେ ମୋର,
ନିବିଡ଼ ଅତି ନିବିଡ଼
କରି ମୋର ବକ୍ଷ ଭିଡ଼
ଦିଅ ଆଲିଙ୍ଗନ ଦୃଢ଼ତର ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଧାନ ମଣ୍ଡିରେ ସ୍ୱଚ୍ଛତା ଆଣନ୍ତୁ

ମହାଶୟ,

ଏବେ ବି ରାଜ୍ୟର ହଜାର ହଜାର ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରି ନାହାନ୍ତି । କିନ୍ତୁ ସରକାରଙ୍କ କହିବା ଅନୁଯାୟୀ ଜୁନ ୩୦ ତାରିଖ ସୁଦ୍ଧା ମଣ୍ଡିରୁ ଧାନ କିଣିବା ଶେଷ ହୋଇଛି । ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ଆଗୁଆ ପଞ୍ଜୀକରଣ କରିଥିବା ସ୍ଥଳେ ଧାନ ମଣ୍ଡିରେ ବିକ୍ରି କରିପାରି ନାହିଁ। ଏବେ ବି ହଜାର ହଜାର ଚାଷୀ ମଣ୍ଡିରେ ଧାନ ବିକ୍ରି କରିନାହାନ୍ତି । ତା'ହେଲେ ସରକାରଙ୍କ ଧାନ ଉଠିବା ଧାର୍ଯ୍ୟ କେମିତି ପୂରଣ ହେଲା । ଟୁକନ ଅନୁଯାୟୀ ଧାନ କାହିଁକି କିଣା ଯାଇ ନାହିଁ । ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ବହୁତ କ୍ଷତି ସହ କେତେ କଷ୍ଟ ସହିବାକୁ ପଡିଛି । ସରକାରଙ୍କୁ ଅନୁରୋଧ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ କ୍ଷତି ସହିଥିବା ଚାଷୀଙ୍କୁ ଟୁକନ ଅନୁସାରେ କ୍ଷତିପୂରଣ ପାଇଁ କିଛି ଆର୍ଥିକ ସାହାଯ୍ୟ କରନ୍ତୁ । ଆଗାମୀ ବର୍ଷଠାରୁ ମଣ୍ଡିରୁ ଧାନ କିଣିବାରେ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ ଏବଂ ଏଥିରେ ସ୍ୱଚ୍ଛତା ଆଣନ୍ତୁ।

**–ସତ୍ୟଜିତ୍ ଦାସ, ଆଗତମଳା, ବସ୍ତା, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୃତ ଛାତ୍ରୀଙ୍କୁ ନ୍ୟାୟ ମିଳିବ: କ୍ରାଇମବ୍ରାଞ୍ଚ ଡିଜି




ଖବରଦାତା ସମ୍ମିଳନୀରେ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଓ ଆଇଜି ଏସ୍. ସାଇନି।



ବାଲେଶ୍ୱରରେ କ୍ରାଇମ୍‌ବ୍ରାଞ୍ଚ ଡିଜି।

**ବାଲେଶ୍ୱର,୨୦।୭(ବାଞ୍ଛାନିଧି ଦେ)**

### ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା
### ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାକୁ ଇତିମଧ୍ୟରେ ୮ରୁ ଅଧିକ ଦିନ ବିତିଯାଇଥିବା ସତ୍ତ୍ୱେ ଘଟଣା ଉପରୁ ପରଦା ହଟିପାରିନି। ମାମଲାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ଜୋରଦାର ତନାଘନା ଚାଲିଛି। ମହାବିଦ୍ୟାଳୟରେ ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍, କ୍ରାଇମବ୍ରାଞ୍ଚ ଟିମ୍ ଓ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ତଦନ୍ତ କମିଟି ପକ୍ଷରୁ ତଦନ୍ତ ଚାଲିଥିବାବେଳେ ରବିବାର କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ବାଲେଶ୍ୱରରେ ପହଞ୍ଚି ତଦନ୍ତର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ତଦନ୍ତ ସମୟରେ ଅନେକ ତଥ୍ୟ ମିଳିଛି, ଖୁବଶୀଘ୍ର ମୃତ ଛାତ୍ରୀଙ୍କୁ ନ୍ୟାୟ ମିଳିବ ବୋଲି ଡିଜି ମିଶ୍ର କହିଛନ୍ତି।

ଡିଜି ମିଶ୍ର ପ୍ରଥମେ ପୂର୍ବାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଡିଆଇଜି ଡା. ସତ୍ୟଜିତ୍ ନାୟକଙ୍କ ସହ ଆଲୋଚନା କରିଥିଲେ। ଏହାପରେ ମହାବିଦ୍ୟାଳୟକୁ ଯାଇ ଛାତ୍ରୀ ଆତ୍ମାହୁତି ଦେଇଥିବା ସ୍ଥାନ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପ୍ରାୟ ସାଢ଼େ ୩ ଘଣ୍ଟା ଧରି ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀ, ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି (ଆଇସିସି) ସଦସ୍ୟ ଓ ଷ୍ଟାଫ୍‌ଙ୍କ ସହ କଥା ହୋଇ ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚାରି ବୁଝିଥିଲେ। ଡିଜିଙ୍କ ସହ ଡିଆଇଜି ଡା. ନାୟକ, କ୍ରାଇମବ୍ରାଞ୍ଚର ସିଏଡବ୍ଲୁ ଆଣ୍ଡ ସିଡବ୍ଲୁ ଶାଖା ଆଇଜି ଏସ୍. ସାଇନି, ଡିଏସ୍‌ପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଳି ରାଉତ ଉପସ୍ଥିତ ଥିଲେ। ଏହାପରେ ଡିଆଇଜିଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜି ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେ କହିଥିଲେ, ଘଟଣା ସମ୍ପର୍କରେ ମୃତାଙ୍କ ସାଙ୍ଗସାଥୀ, କଲେଜ କର୍ମଚାରୀ ଓ ଅନ୍ୟମାନେ ସୋସିଆଲ ମିଡିଆରେ ଯେଉଁ ପ୍ରତିକ୍ରିୟା ଦେଇଥିଲେ, ତଦନ୍ତବେଳେ ପୋଲିସ ଆଗରେ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। ମାମଲାର ଠିକ୍ ତଦନ୍ତ ହେବ। କ୍ରାଇମବ୍ରାଞ୍ଚ ଟିମ୍ ଘଟଣାର ତଦନ୍ତ ଜାରି ରଖିଛି। ସିସିଟିଭି ଫୁଟେଜ୍ ସବୁକୁ ସଂଗ୍ରହ କରାଯାଇଛି। ତଦନ୍ତ ସମୟରେ ଅନେକ ସାମଗ୍ରୀ ମିଳିଛି। ଅନ୍ୟ ଡିଜିଟାଲ ପ୍ରମାଣପତ୍ର ମଧ୍ୟ ତଦନ୍ତକାରୀ ଟିମ୍‌ର ହସ୍ତଗତ ହୋଇଛି। ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର(ଏସ୍‌ଏଫ୍‌ଏସ୍‌ଏଲ୍)କୁ ସବୁ ପଠାଯାଇଛି। ଏପରି ସ୍ଥିତିରେ ତରବରିଆ ଭାବେ କୌଣସି ନିଷ୍କର୍ଷରେ ପହଞ୍ଚିବା ଉଚିତ୍ ନୁହେଁ। ବର୍ତ୍ତମାନ ତଦନ୍ତ ରିପୋର୍ଟ ଯାହା ଅଛି, ତାହା ପ୍ରକାଶ କରିହେବ ନାହିଁ। ସାକ୍ଷୀମାନଙ୍କ ବୟାନ ରେକର୍ଡ ହୋଇଛି। ଡିଜିଟାଲ ମିଡିଆରେ ଯେଉଁ ବୟାନ ଆସୁଛି, ତଦନ୍ତ ସମୟରେ ଆସିଥିବା ବୟାନ ଓ ଏସ୍‌ଏଫ୍‌ଏସ୍‌ଏଲ୍ ରିପୋର୍ଟକୁ ନେଇ ତର୍ଜମା କରାଯିବ। କ୍ରାଇମବ୍ରାଞ୍ଚ ଆଇଜି ଏସ୍. ସାଇନିଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଜାରି ରହିଛି। ଟିମ୍ ତଦନ୍ତ ପାଇଁ ଆଉ କିଛିଦିନ ବାଲେଶ୍ୱରରେ ରହିବ। ଘଟଣା ପୂର୍ବ ଓ ପରର ସ୍ଥିତି ଉପରେ ମଧ୍ୟ ସମୀକ୍ଷା କରାଯାଉଛି। ସୌମ୍ୟାଶ୍ରୀ ପୋଲିସରେ କେବେ ଅଭିଯୋଗ କରି ନ ଥିଲେ। କଲେଜ କର୍ତ୍ତୃପକ୍ଷଙ୍କୁ କେବଳ ଘଟଣା ସମ୍ପର୍କରେ ଅଭିଯୋଗପତ୍ର ଦେଇଥିଲେ। ଜନସାଧାରଣଙ୍କ ପାଖରେ ଯାହା ତଥ୍ୟ ଘୂରି ବୁଲୁଛି ତାହା ପ୍ରକୃତ ସତ ହୋଇ ନ ଥାଇପାରେ। ତରିବରିଆ ଭାବେ କିଛି ନିଷ୍ପତ୍ତି ନେଲେ ହୁଏତ କେହି ନିର୍ଦ୍ଦୋଷ ବି ବଳିପଡ଼ିଯାଇ ପାରନ୍ତି। ପୋଲିସ ହାତକୁ ଯାହା ତଥ୍ୟ ଆସିଛି ସେ ସବୁକୁ ପୁଙ୍ଖାନୁପୁଙ୍ଖ ପରଖିବା ପରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି।

# ୩୬ ଘଣ୍ଟା ପରେ ବି ପୋଲିସ ହାତ ଖାଲି

**ବଳଙ୍ଗା,୨୦।୭(କେଦାରେଶ୍ୱର ନନ୍ଦ)**

### ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣା
- ଘଟଣାସ୍ଥଳ ଅନୁଧ୍ୟାନ କଲେ ଡିଜିପି
- ପରିବାର ସଦସ୍ୟଙ୍କ ସହ ୮ ଜଣଙ୍କୁ ଜେରା
- ଫୋରେନ୍ସିକ ଲାବ୍‌କୁ ପଠାଗଲା ସିସିଟିଭି ହାର୍ଡଡିସ୍କ

ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣା ରାଜ୍ୟ ତଥା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ୩୬ ଘଣ୍ଟା ପରେ ବି ପୋଲିସ ହାତ ଖାଲି ରହିଛି। ପ୍ରଥମ ଦିନରେ ପୀଡ଼ିତାଙ୍କ ପରିବାର ସହ ୪ ଜଣକୁ ପୋଲିସ ଅଟକ ରଖି ପଚରାଉଚରା କରି ରାତିରେ ଛାଡ଼ି ଦେବା ପରେ ପୁନଃ ଦ୍ୱିତୀୟ ଦିନରେ ପୋଲିସ ପୀଡିତାଙ୍କ ପିଉସୀ, ଖୁଡ଼ୀ, ଦାଦା, ଜଣେ ଭଉଣୀ, ଦୁଇଜଣ ସାଙ୍ଗ ସମେତ ୮ ଜଣକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଏଥିସହ ସ୍ପେଶାଲ ସ୍କ୍ୱାଡ୍ ଟିମ ପୀଡ଼ିତାଙ୍କ ଘରୁ ଏକ କିରୋସିନ ବୋତଲ, ପୀଡ଼ିତାଙ୍କ ବାପାଙ୍କ ଗ୍ୟାରେଜ୍ ଚାବି ମଧ୍ୟ ଜବତ କରିଛି। କିନ୍ତୁ ପୀଡ଼ିତାଙ୍କ ମା'ଙ୍କ ଏତଲାକ୍ରମେ ସମ୍ପୃକ୍ତ ୩ ଜଣ ଦୁର୍ବୃତ୍ତଙ୍କର କୌଣସି ପତ୍ତା ମିଳିପାରି ନାହିଁ। ଅପରପକ୍ଷରେ ରବିବାର ଅପରାହ୍ନରେ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ, ପୁରୀ ଏସ୍‌ପି ପିନାକ ମିଶ୍ର, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ, ପୀଡ଼ିତାଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।



ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ଘଟଣାସ୍ଥଳ ବୁଲି ଦେଖୁଛନ୍ତି।

ପୋଲିସ ମହାନିର୍ଦ୍ଦେଶକ ଖୁରାନିଆ ପ୍ରଥମେ ଘଟଣାସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କରିବା ସହ ପୀଡିତାଙ୍କୁ ଉଦ୍ଧାର କରିଥିବା ତେରହଳ ଗ୍ରାମର ଦୁଃଖୀଶ୍ୟାମଙ୍କ ଘରକୁ ଯାଇ ତାଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ପୀଡ଼ିତାଙ୍କ ଘରକୁ ଯାଇ ସାହିପଡ଼ିଶା ଲୋକଙ୍କ ସହ ଆଲୋଚନା କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହାପରେ ବଳଙ୍ଗା ଥାନାରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଡିଜିପି ଖୁରାନିଆ ବରିଷ୍ଠ ଅଧିକାରୀ, ତଦନ୍ତ ଅଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ତଦନ୍ତର ସବୁଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୋଲିସ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ରାଜ୍ୟ ସାଇଣ୍ଟିଫିକ୍ ଟିମ୍ ଓ ରାଜ୍ୟ ଫୋରେନ୍ସିକ୍ ଲ୍ୟାବ୍‌ର ୧୦ ଜଣିଆ ଟିମ୍ ଦ୍ୱାରା ତଦନ୍ତ ଚଳାଇଛି। ପୋଲିସ ବିଭିନ୍ନ ସ୍ଥାନର ସିସିଟିଭି ହାର୍ଡଡିସ୍କକୁ ଜବତ କରି ଫରେନ୍ସିକ୍ ଲ୍ୟାବ୍‌କୁ ପଠାଇଛି। ଖୁବଶୀଘ୍ର ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଆଶା ରଖିଥିବା ଡିଜିପି ଖୁରାନିଆ କହିଛନ୍ତି। ଅନ୍ୟପକ୍ଷରେ ବଜାରରେ କିରୋସିନ ମିଳୁ ନ ଥିବା ବେଳେ ଘଟଣା ଦିନ କିଏ ଓ କାହିଁକି ଘଟଣାସ୍ଥଳକୁ କିରୋସିନ ଆଣିଲେ ଏବଂ ଘଟଣାସ୍ଥଳକୁ ବାଇକ ଯିବା ପାଇଁ ରାସ୍ତା ନ ଥିବାବେଳେ ପୀଡ଼ିତାଙ୍କୁ ମୁଖ୍ୟ ରାସ୍ତା ନଦୀବନ୍ଧ ତଳକୁ ନେଲେ ତାହା ସାଧାରଣରେ ପ୍ରଶ୍ନ ପାଲଟିଛି। ପରିବାର ଲୋକଙ୍କୁ ପୋଲିସ ବାରମ୍ବାର ଥାନାକୁ ଆଣି ପଚରାଉଚରା କରୁଥିବାରୁ ଏନେଇ ମଧ୍ୟ ନାନା କଥା ଆଲୋଚନା ହେଉଛି। ତୁରନ୍ତ ସତ୍ୟାସତ୍ୟ ଉନ୍ମୋଚନ ପାଇଁ ସାଧାରଣରେ ଦାବି ହେଉଛି। ଏହି ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ହରଡ଼ଘଣାରେ ପକାଉଥିବାବେଳେ ସୁରକ୍ଷା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରବିବାର ମଧ୍ୟାହ୍ନରେ ଓଡ଼ିଶା ରାଜ୍ୟ ଫୋରେନ୍ସିକ ଲ୍ୟାବ୍‌ର ୧୦ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ସାହାଯ୍ୟ କରିଥିବା ଦୁଃଖୀଶ୍ୟାମ ସେନାପତିଙ୍କ ଘରଠାରେ ପହଞ୍ଚି କଥାବାର୍ତ୍ତା କରିବା ସହିତ ଘଟଣାସ୍ଥଳରୁ କିଛି ନମୁନା ସଂଗ୍ରହ କରି ସାଥିରେ ନେଇଛି।



ଫୋରେନ୍‌ସିକ୍ ଟିମ୍ ତଦନ୍ତ ଚଳାଇଛି।

# ଥାନା ଘେରାଉ କଲା ବିଜେଡି
### ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ଦାବି

**ବଳଙ୍ଗା,୨୦।୭(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ଅଞ୍ଚଳରେ ଜଣେ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଦେହରେ କିରୋସିନ ଢାଳି ଜାଳିଦେବା ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ଦୁର୍ବୃତ୍ତ ଧରାପଡ଼ି ନ ଥିବା ଜଣାପଡ଼ିଛି। ତେଣୁ ରବିବାର ପୂର୍ବାହ୍ନରେ ବିଜେଡି ପକ୍ଷରୁ ବଳଙ୍ଗା ବଜାର ନିକଟସ୍ଥ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମୁଖରୁ ସ୍ଥାନୀୟ ବିଜେଡି ନେତା ଦିଲୀପ ନାୟକଙ୍କ ନେତୃତ୍ୱରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବିଜେଡି ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତରାୟ, ପୁରୀ ଜିଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ଟୁକୁନି ସାହୁ, ପ୍ରଦୀପ୍ତ ମାଝୀ, ରାଜଶ୍ରୀ ମଲ୍ଲିକ, ରୁଦ୍ର ମହାରଥୀ, ଶୁଭାଶିଷ ଖୁଣ୍ଟିଆ, ସୁବ୍ରତ ଛାଟୋଇଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇ ଥାନା ପର୍ଯ୍ୟନ୍ତ ଯିବା ବାଟରେ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେବା ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ହୋହଲ୍ଲା କରିଥିଲେ। ପରେ ଥାନା ସମ୍ମୁଖରେ ପୁରୀ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ସଭାପତିତ୍ୱରେ ସମସ୍ତ ବରିଷ୍ଠ ନେତା ସରକାରଙ୍କ ବିରୋଧରେ ବିଭିନ୍ନ ବକ୍ତବ୍ୟ ରଖିଥିଲେ। ଯଦି ୪୮ ଘଣ୍ଟା ମଧ୍ୟରେ ଦୋଷୀଙ୍କୁ ଧରା ନ ଯାଏ ତା' ହେଲେ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇବା ସହ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।




ବଳଙ୍ଗା ଥାନା ସମ୍ମୁଖରେ ବିଜେଡି ନେତା ଓ କର୍ମୀଙ୍କ ଧାରଣା।

ସେହିପରି ରାଜ୍ୟ ପିସିସି ପ୍ରତିନିଧି ଦଳ ବଳଙ୍ଗା ଥାନାରେ ପହଞ୍ଚି ଥାନାଧିକାରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରି ଦୋଷୀଙ୍କର କୌଣସି ସୁରାକ୍ ମିଳି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର, ପିପିଲି ବ୍ଲକ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ମିଶ୍ର, ସତ୍ୟବାଦୀର ମନୋଜ କୁମାର ରଥ ପ୍ରମୁଖ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସେହିଭଳି ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ମିଳିବା ଓ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରି ରାଜ୍ୟ ଜମିୟତ ଉଲ୍ଲେମା ହିନ୍ଦ୍‌ର ସାଧାରଣ ସମ୍ପାଦକ ଅକ୍ରମ ତକି ଓ ଏକ ପ୍ରତିନିଧି ଦଳ ବଳଙ୍ଗା ପୋଲିସକୁ ଭେଟି ଦୋଷୀଙ୍କୁ ଧରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି।

# ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧକରି ମହିଳାଙ୍କ ଆତ୍ମହତ୍ୟା

**ଭବାନୀପାଟଣା,୨୦।୭**
**(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଧୋବାପଡ଼ାରେ ବାପ ଘରେ ରହୁଥିବା ସ୍ନେହା ବେହେରା ନାମ୍ନୀ ଜଣେ ମହିଳା ଶନିବାର ରାତିରେ ତାଙ୍କ ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ରବିବାର ସକାଳେ ପୋଲିସ ତାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ଏହା ସହ ପୋଲିସ ଏକ ସୁଇସାଇଡ ନୋଟ୍ ମଧ୍ୟ ପାଇଛି। ଯେଉଁଥିରେ ସ୍ନେହା ନିଜ ମୃତ୍ୟୁ ପାଇଁ ସ୍ୱାମୀ ଆଉ ତାଙ୍କ ପ୍ରେମିକାଙ୍କୁ ଦାୟୀ କରି ନ୍ୟାୟ ମାଗିଛନ୍ତି।

ଧୋବାପଡାର ଜିତେନ୍ଦ୍ର ସେଠୀଙ୍କ ଝିଅ ସ୍ନେହାକୁ କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳର ଶ୍ୟାମଲ କୁମାର ବେହେରା ୨୦୨୩ରେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଶ୍ୟାମଲଙ୍କ ସହ ଅନ୍ୟ ଜଣେ ଝିଅର ସମ୍ପର୍କ ଥିବା ଜାଣିବା ପରେ ସ୍ନେହା ବାପଘର ଭବାନୀପାଟଣାକୁ ଚାଲିଆସିଥିଲେ। ତେବେ ଶ୍ୟାମଲ ଓ ତାଙ୍କ ପ୍ରେମିକା ଫୋନ ଯୋଗେ ସ୍ନେହାକୁ ଅସହ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ତାହା ସହି ନ ପାରି ଝିଅ ଆତ୍ମହତ୍ୟା କରିଥିବା ନେଇ ବାପା ଜିତେନ୍ଦ୍ର ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏହାକୁ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା (ନଂ.୨୪୮/୨୦୨୫)ରୁଜୁ ହୋଇଛି। ସ୍ନେହାଙ୍କ ସୁଇସାଇଡ୍‌ନୋଟ ଓ ତାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଚାଲିଛି। ତଦନ୍ତ ଶେଷ ପରେ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲ ପ୍ରକାଶ କରିଛନ୍ତି।



ସ୍ନେହା ବେହେରା।

# ମହିଳାଙ୍କୁ ବଳାତ୍କାର, ଅତିରିକ୍ତ ଅଗ୍ନିଶମ ଅଧିକାରୀ ଗିରଫ
### ପୂର୍ବରୁ ଭରଣପୋଷଣ ବାବଦକୁ ମହିଳାଙ୍କୁ ଦେଇଥିଲେ ୧୦ ଲକ୍ଷ

**ରାୟଗଡ଼ା,୨୦।୭**
**(ଆଶିଷ ରଞ୍ଜନ ପଣ୍ଡା)**

ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ରାୟଗଡ଼ା ଅତିରିକ୍ତ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କୁ ଟାଉନ ଥାନା ପୋଲିସ ରବିବାର ଗିରଫ କରିଛି। ରମେଶଙ୍କ ଡାକ୍ତରୀ ମାଇନା କରାଯାଇ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ପ୍ରସନ୍ନ କୁମାର ବେହେରା କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ମହିଳାଙ୍କ ଦୁଇଟି ସନ୍ତାନ ରହିଥିବା ବେଳେ ସ୍ୱାମୀଙ୍କଠାରୁ ଅଲଗା ହେବା ପରେ ୨୦୨୩ରେ ସେ ରମେଶଙ୍କ ପ୍ରେମ ଜାଲରେ ପଡ଼ିଥିଲେ। ଅତିରିକ୍ତ ଅଗ୍ନିଶମ ଅଧିକାରୀ ବେହେରାଙ୍କୁ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ସେମାନଙ୍କ ମଧ୍ୟରେ ବିବାଦ ହେବାରୁ ଉଭୟେ ଅଲଗା ହେବା ସହିତ ଏ ନେଇ ନୋଟାରିରେ ଲିଖିତ ଚୁକ୍ତି କରିଥିଲେ। ଭରଣପୋଷଣ ବାବଦକୁ ରମେଶ ଚୁକ୍ତିନାମା ଅନୁସାରେ ଉକ୍ତ ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହାପରେ ୨୦୨୫ରେ ପୁଣି ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହୋଇଥିଲା। ମହିଳାଙ୍କଠାରୁ ରମେଶ ୫ଲକ୍ଷ ଟଙ୍କା ନେଇ ଫେରସ୍ତ କରି ନ ଥିବା ସହିତ ତାଙ୍କୁ ମାଡ଼ ମାରିଥିବା ଏବଂ ଜବରଦସ୍ତି ବଳାତ୍କାର କରୁଥିବା ମହିଳା ଜଣକ ରବିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ୨୫୫/୨୫ରେ ମାମଲା ରୁଜୁ କରି ସମ୍ପୃକ୍ତ ଅଧିକାରୀଙ୍କୁ ଗିରଫ କରିଛି।



ଗିରଫ ରମେଶ ଚନ୍ଦ୍ର ବେହେରା।

# ବିବାହ ପାଇଁ ରାଜି ନ ହେବାରୁ ଯୁବତୀଙ୍କୁ ବଳାତ୍କାର, ୨ ଗିରଫ

**ଡାବୁଗାଁ, ୨୦।୭ (ପ୍ରଜ୍ଞାରଞ୍ଜନ ପରିଡା)**

ବିବାହ କରିବାକୁ ରାଜି ନ ହେବାରୁ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ରବିବାର ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଦଶମନ୍ତ ଭତ୍ରା (୨୬) ଓ ରମେଶ ଭତ୍ରା (୨୦)।

ପୋଲିସ ସୂଚନା ଅନୁଯାୟୀ, ଡାବୁଗାଁ ଥାନା ଅଧୀନ ସିଂଶାରୀ ଫାଣ୍ଡି ଅଞ୍ଚଳର ଦଶମନ୍ତ ତାଙ୍କ ପାଖ ଗ୍ରାମର ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଯୁବତୀ ଜଣଙ୍କ ତାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ଗତ ମାସ ୨୩ ତାରିଖ ସନ୍ଧ୍ୟାରେ ଯୁବତୀ ଜଣଙ୍କ ନିଜ ଦୋକାନ ବନ୍ଦ କରି ଘରକୁ ଫେରିବା ସମୟରେ ଦଶମନ୍ତ ଓ ତାଙ୍କ ସହଯୋଗୀ ରମେଶ ହଠାତ୍ ଏକ ବାଇକ୍‌ରେ ଆସି ତାଙ୍କୁ ଜୋର ଜବରଦସ୍ତି ଗାଡିରେ ବସାଇ ନିଜ ଘରକୁ ନେଇଯାଇଥିଲେ। ପରେ ଛତିଶଗଡ ଜଗଦଲପୁରକୁ ନେଇ ସେଠାରେ ଯୁବତୀଙ୍କ ଏକ ଘରେ ରଖିବା ସହ ଦଶମନ୍ତ ତାଙ୍କ ସହ ଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲେ। ପୁଣି ସେଠାରୁ ନିଜ ଗାଁକୁ ଆଣି ନିଜ ଘରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ। ଏହାର କିଛି ଦିନ ପରେ ଦଶମନ୍ତ ଯୁବତୀଙ୍କୁ ଆଣି ତାଙ୍କ ଗ୍ରାମରେ ଛାଡି ଚାଲି ଯାଇଥିଲେ।। ଏନେଇ ପୀଡିତା ଯୁବତୀ ଜଣଙ୍କ ଶନିବାର ସନ୍ଧ୍ୟାରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ୧୫୪/୨୫ ରେ ଏକ ମାମଲା ରୁଜୁ କରି ୨ ଯୁବକଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିଛି। ରବିବାର ଅପରାହ୍ନରେ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସବଇନ୍ସପେକ୍ଟର ବିକ୍ରମ କିଶୋର ସାହୁ ସୂଚନା ଦେଇଛନ୍ତି।

# ୨୦.୫୫ ଲକ୍ଷ ଟଙ୍କା ଠକେଇର ଶିକାରହେଲେ ସ୍ୱାସ୍ଥ୍ୟ କର୍ମଚାରୀ

**ବ୍ରହ୍ମପୁର,୨୦।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲର ଜଣେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଠକେଇର ଶିକାର ହୋଇଛନ୍ତି। ସାଇବର ଗ୍ୟାଙ୍ଗ ଠକମାନେ ତାଙ୍କଠାରୁ ୨୦ ଲକ୍ଷ ୫୫ ହଜାର ଟଙ୍କା ଠକି ନେଇଛନ୍ତି। ଇଣ୍ଟରନାଲ ଟ୍ରେଡିଂ ହବ୍ ନାମକ ଏକ ହ୍ୱାଟସ୍‌ଆପ୍ ଗ୍ରୁପ ଗଠନ କରି ସାଇବର ଠକମାନେ ତାଙ୍କଠାରୁ ଉପରୋକ୍ତ ପରିମାଣର ଟଙ୍କା ଠକି ନେଇଥିବା ଜଣାପଡିଛି। ଏ ନେଇ ଅଭିଯୋଗ ପରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡିଛି, କିଛିଦିନ ତଳେ ଜଣେ ଯୁବକଙ୍କଠାରୁ ସେବି ଦ୍ୱାରା ପଞ୍ଜିକୃତ ସଂସ୍ଥା ବୋଲି କହି ଅନ୍‌ଲାଇନ ଟ୍ରେଡିଂ ନାଁରେ ଅଢେଇ ଲକ୍ଷରୁ ଅଧିକ ଟଙ୍କା ଠକେଇ ହୋଇଥିଲା। ଏହାପୂର୍ବରୁ ମଧ୍ୟ ବ୍ରହ୍ମପୁର ସହରର ଏକାଧିକ ବ୍ୟକ୍ତି ସାଇବର ଠକଙ୍କ କବଳରେ ପଡି ନିଜର ଲକ୍ଷ ଲକ୍ଷ ଟଙ୍କା ହରାଇଛନ୍ତି। ପୁଣି ଥରେ ସେହିଭଳି ଏକ ଘଟଣା ସାମ୍ନାକୁ ଆସିଛି। ଏମ୍‌କେସିଜି ମେଡିକାଲରେ କାର୍ଯ୍ୟରତ ଥିବା ଜଣେ ବ୍ୟକ୍ତି କିଛି ଦିନ ତଳେ ସାମାଜିକ ଗଣମାଧ୍ୟମ ଜରିଆରେ ଅନ୍‌ଲାଇନ ଟ୍ରେଡିଂ ବିଷୟରେ ଜାଣିବାକୁ ପାଇଥିଲେ। ଇଣ୍ଟରନାଲ ଟ୍ରେଡିଂ ହବ୍ ନାମକ ଏକ ହ୍ୱାଟସ୍‌ଆପ୍ ଜରିଆରେ ଟଙ୍କା ଇନଭେଷ୍ଟ କଲେ ବର୍ଷକୁ ତାହା ୩ ଗୁଣା ହୋଇଯିବ ବୋଲି ତାଙ୍କୁ କୁହାଯାଇଥିଲା। ସେହି ଗ୍ରୁପର ଆଡମିନ୍‌ମାନେ ଅଭିଯୋଗକାରୀ ବ୍ୟକ୍ତିଙ୍କୁ ଏହି ସ୍କିମ ବିଷୟରେ ବୁଝାଇବା ସହ ୧ ଲକ୍ଷ ଟଙ୍କା ଇନଭେଷ୍ଟ କଲେ ତାହା ବର୍ଷକ ଭିତରେ ୩ ଲକ୍ଷ ହୋଇଯିବ ବୋଲି କହିଥିଲେ। ଏପରିକି ଅଧିକ ଟଙ୍କା ଇନଭେଷ୍ଟ କଲେ ଅଧିକ ବୋନସ ମିଳିବ ବୋଲି ତାଙ୍କୁ ଲୋଭ ଦେଖାଇଥିଲେ। ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଅଭିଯୋଗକାରୀ ବ୍ୟକ୍ତି ଏକ ଟ୍ରେଡିଂ ଆକାଉଣ୍ଟ ଖୋଲିଥିଲେ। ଆଉ ଗ୍ରୁପ୍‌ର ଆଡମିନ୍‌ଙ୍କ ପରାମର୍ଶ ଅନୁସାରେ ସେଥିରେ ପ୍ରଥମେ ୧ ଲକ୍ଷ ଟଙ୍କା ଇନଭେଷ୍ଟ କରିଥିଲେ। ପରବର୍ତ୍ତୀ ସମୟରେ ଅଧିକ ଲୋଭରେ ପଡି ଗତ ଜୁନ ୧୦ ତାରିଖଠାରୁ ଜୁଲାଇ ୧୬ ତାରିଖ ମଧ୍ୟରେ ସେ ମୋଟ ୨୦ ଲକ୍ଷ ୫୫ ହଜାର ଟଙ୍କା ସେଥିରେ ଇନ୍‌ଭେଷ୍ଟ କରି ଦେଇଥିଲେ। ତେବେ ମୋଟା ଅଙ୍କର ଇନଭେଷ୍ଟ କରିଥିବାରୁ ତାଙ୍କର ଉଚ୍ଚ ଅଙ୍କର କମିଶନ ଆସିଛି ବୋଲି ଉକ୍ତ ଟ୍ରେଡିଂ ଆକାଉଣ୍ଟରେ ଦର୍ଶାଯାଇଥିଲା। କିଛିଦିନ ତଳେ ଅଭିଯୋଗକାରୀ ନିଜ ବୋନସ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ। ହେଲେ ନିଜ ଟ୍ରେଡିଂ ଆକାଉଣ୍ଟରୁ ସେ ଟଙ୍କା ଉଠାଇବାରେ ଅସମର୍ଥ ହୋଇଥିଲେ। ଏ ବିଷୟରେ ସେ ଗ୍ରୁପ୍‌ର ଆଡମିନଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କଠାରୁ କୌଣସି ସହଯୋଗ ମିଳି ନ ଥିଲା। ବାରମ୍ବାର ଟଙ୍କା ଉଠାଣ ପାଇଁ ଦାବି କରିବାରୁ ଗ୍ରୁପ୍‌ର ଆଡମିନମାନେ ତାଙ୍କ ଫୋନ ଗ୍ରହଣ କରି ନ ଥିଲେ। ବିଭିନ୍ନ ଆଡୁ ଯାଞ୍ଚ କରିବା ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇ ଶେଷରେ ଥାନାରେ ଅଭିଯୋଗ କରିଥିଲେ।

# ଯୁବତୀଙ୍କଠାରୁ ଠକିନେଲେ ୧୩ ଲକ୍ଷ

**ଦିଗପହଣ୍ଡି,୨୦।୭(ଅଶେଷ ନାଥ ମିଶ୍ର)**

### ରେଲ୍‌ୱେରେ ଚାକିରି କରାଇ ଦେବା ନାଁରେ ଠକେଇ

ଗଞ୍ଜାମ ଜିଲାରେ ରେଲ୍‌ୱେରେ ଚାକିରି କରାଇବାକୁ କହି ଯୁବତୀଯୁବକଙ୍କୁ ଠକୁଥିବା ର୍‌ୟାକେଟ୍ କାମ କରୁଛି। ନିକଟରେ ରେଲ୍‌ୱେରେ ଚାକିରି କରାଇ ଦେବାକୁ କହି ୭ ଜଣ ଯୁବକଙ୍କଠାରୁ ୮୬ ଲକ୍ଷ ୫୦ ହଜାର ଟଙ୍କା ଠକେଇ ଘଟଣାରେ ଜଡିତ ବ୍ୟକ୍ତିମାନଙ୍କ ପୁଣି ଏକ ଠକେଇ କାରବାର ସାମନାକୁ ଆସିଛି। ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଫାସିଗୁଡ଼ା ଗ୍ରାମର ସଙ୍ଗୀତା ପାତ୍ର ସେମାନଙ୍କ ଠକେଇର ଶିକାର ହୋଇଛନ୍ତି। ତାଙ୍କଠାରୁ ୧୩ ଲକ୍ଷ ଟଙ୍କା ଠକେଇ ହୋଇଥିବା ସଙ୍ଗୀତା ଶନିବାର ଥାନାରେ ଏତଲା ଦେଇଛନ୍ତି। ନଂ.୨୫୧/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡ଼ିଛି, ବ୍ରହ୍ମପୁର ସଦର ଥାନା କୁକୁଡ଼ାଖଣ୍ଡି ଗ୍ରାମର ଏ. ବିଘ୍ନେଶ୍ୱର ରାଓ ଦୋରା, ଭୁବନେଶ୍ୱରରେ ରହୁଥିବା ସମରଜିତ ରାଉତ ଓ ତାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ରାଉତ ୨୫।୫।୨୦୨୩ରେ ଫାସିଗୁଡ଼ା ଗ୍ରାମକୁ ଆସି ପୂର୍ବରୁ ପରିଚିତ ଥିବା ସଙ୍ଗୀତାଙ୍କୁ ସ୍କାଉଟ୍ସ ଓ ଗାଇଡ୍ସ କୋଟାରେ ତାଙ୍କର ରେଲ୍‌ୱେରେ ଚାକିରି କରାଇ ଦେବାକୁ ପ୍ରଲୋଭନ ଦେଖାଇଥିଲେ। ଏଥିପାଇଁ ୧୩ ଲକ୍ଷ ଟଙ୍କା ଦେବାକୁ ହେବ ବୋଲି କହିଥିଲେ। ଚାକିରି କରିବା ଆଶାରେ ସଙ୍ଗୀତା ସେମାନଙ୍କୁ ୧୩ ଲକ୍ଷ ଟଙ୍କା ଦେଇଥିଲେ। ପରେ ସେମାନେ ତାଙ୍କୁ ପଶ୍ଚିମବଙ୍ଗ କୋଲକାତା ନିକଟ ସିଆଲଦା ବି.ଆର. ହସ୍ପିଟାଲ ନେଇ ସେଠାରେ ସଙ୍ଗୀତାଙ୍କ ମେଡିକାଲ ଟେଷ୍ଟ କରାଇ ସାର୍ଟିଫିକେଟ ଦେଇଥିଲେ। ଦୁଇଦିନ ପରେ ତାଙ୍କୁ କୋଲକାତାସ୍ଥିତ ଇଷ୍ଟର୍ନ ରେଲ୍‌ୱେ ମୁଖ୍ୟାଳୟକୁ ବୁଲାଇ ନେଇ ସେଠାରେ ତାଙ୍କୁ ନିଯୁକ୍ତିପତ୍ର ସହ ଜଏନିଂ ଲେଟର ଦେଇଥିଲେ। ସଙ୍ଗୀତା ଉକ୍ତ ନିଯୁକ୍ତିପତ୍ର ଧରି ସିଆଲଦାସ୍ଥିତ ରେଲ୍‌ୱେ ଡିଆର୍‌ଏମ୍‌ଙ୍କ ଅଫିସକୁ ଯାଇଥିଲେ। ସେଠାରେ ସେ ନିଯୁକ୍ତିପତ୍ର ଓ ଜଏନିଂ ଲେଟର ଦେଖାଇବାରୁ ଉପସ୍ଥିତ ଅଧିକାରୀମାନେ ତାଙ୍କୁ ଏହା ଜାଲ୍ ନିଯୁକ୍ତିପତ୍ର ବୋଲି ଜଣାଇଥିଲେ। ସଙ୍ଗୀତା ଏବଂ ତାଙ୍କ ପରିବାର ଲୋକେ ଚାକିରି ପାଇଁ ଟଙ୍କା ନେଇଥିବା ବିଘ୍ନେଶ୍ୱରଙ୍କ ସମେତ ସମରଜିତ ଓ ଶୁଭଲକ୍ଷ୍ମୀଙ୍କୁ ଫୋନ କରି ପଚାରିବାରୁ ସେମାନେ ସାକ୍ଷାତ କରିବାକୁ ମନା କରିଦେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଫୋନ ଉଠାଇ ନ ଥିଲେ। ପରେ ସଙ୍ଗୀତା ଓ ତାଙ୍କ ପରିବାର ଲୋକେ କୁକୁଡ଼ାଖଣ୍ଡି ଗ୍ରାମ ଶାନ୍ତିନଗରସ୍ଥିତ ବିଘ୍ନେଶ୍ୱରଙ୍କ ଘରକୁ ଯାଇ ତାଙ୍କୁ ଖୋଜିବାରୁ ଘରେ ଥିବା ତାଙ୍କ ସାନଭାଇ ଏ.ପ୍ରକାଶ ରାଓ ଦୋରା ତାଙ୍କୁ ଆପତ୍ତିଜନକ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ସଙ୍ଗୀତା ସମସ୍ତ ବିଷୟ ଏତଲାରେ ଉଲ୍ଲେଖ କରି ଦିଗପହଣ୍ଡି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏତଲାକୁ ଭିତ୍ତିକରି ଭାରପ୍ରାପ୍ତ ଥାନା ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ମାମଲା ରୁଜୁ କରି ଅଭିଯୋଗର ତଦନ୍ତ ଚଳାଇଥିବା କହିଛନ୍ତି। ସୂଚନାଯୋଗ୍ୟ, ଅନ୍ୟ ଏକ ଠକେଇ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ବିଘ୍ନେଶ୍ୱର ଏବଂ ଶୁଭଲକ୍ଷ୍ମୀଙ୍କୁ ବ୍ରହ୍ମପୁର ସଦର ଥାନା ପୋଲିସ ପୂର୍ବରୁ ଗିରଫ କରି କୋର୍ଟଚାଲାଣ କରିଛି।

## ସଂକ୍ଷେପରେ

### ଡାଟା ଏଣ୍ଟ୍ରି ସଂଘର ବୈଠକ

ଆସିକା ୨୦।୭ (ସୁରେନ୍ଦ୍ର ନାଥ ସାହୁ)

ବିଭିନ୍ନ ପଞ୍ଚାୟତରେ କର୍ତ୍ତବ୍ୟରତ ହିସାବ ରକ୍ଷକ ଓ ଡାଟା ଏଣ୍ଟ୍ରି ପରିଚାଳକ ସଂଘର ଏକ ଜିଲାସ୍ତରୀୟ ବୈଠକ ରବିବାର ସ୍ଥାନୀୟ ଅଶୋକା କନଫେରେନ୍ସ ହଲଠାରେ ଅନୁଷ୍ଠିତ ହୋଇଛି । ଏଥିରେ ସଂଘର ସାଂଗଠନିକ ଅଭିବୃଦ୍ଧି ସାଙ୍ଗକୁ ଦରମା ବୃଦ୍ଧି, ସାମାଜିକ ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏତଦ୍ ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ମନୋଜ ପାଢୀ ସଭାପତି, କିଶୋର ଗୌଡ ସାଧାରଣ ସମ୍ପାଦକ, ରାଧାକୃଷ୍ଣ ସାହୁ କୋଷାଧ୍ୟକ୍ଷ, ଉମାଚରଣ ପଟ୍ଟନାୟକ, ଶିବାନୀ ପ୍ରଧାନ, ଯୋଗେଶ୍ୱର ସ୍ୱାଇଁ ଉପଦେଷ୍ଟା ହୋଇଥିଲା ବେଳେ ଏକ ୨୧ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି ।

### ମହୁଲି ଜବତ, ୨ ଗିରଫ

ରମ୍ଭା,୨୦।୭(ବନବାସୀ ସେଠୀ)

ରମ୍ଭା ଥାନା କୁମୁଣ୍ଡ ଛକ ନିକଟରେ ୧୪୦ ଲିଟର ମଦ ଜବତ କରିବା ସହ ୨ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖଲ୍ଲିକୋଟ ଥାନା ଅଞ୍ଚଳର ଏନ.ସୌରାପଲ୍ଲୀ ଗ୍ରାମର ବିକ୍ରମ ଶବର ଓ ଜିତୁ ଜାନୀ। ଶୁକ୍ରବାର ସନ୍ଧ୍ୟାରେ ରମ୍ଭା ଥାନା ଆଇଆଇସି କୁମର ମୁଦୁଲିଙ୍କ ନେତୃତ୍ୱରେ ଏଏସ୍ଆଇ ଛବିରାଣୀ ନାୟକ, ଏଏସ୍ଆଇ ପ୍ରଭାତ ବାଲିକାନା ଓ ତାଙ୍କ ପୋଲିସ ଟିମ୍ ବେଆଇନ ମହୁଲି ମଦ ଚାଲାଣ ହେଉଥିବାର ଖବର ପାଇ ଚଢ଼ାଉ କରିଥିଲେ। ଘଟଣାସ୍ଥଳରେ ୧୪୦ ଲିଟର ମଦ, ଏକ ନମ୍ବର ବିହୀନ ବାଇକକୁ ଜବତ କରିବା ସହ ୨ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। କେଶ୍ ନଂ. ୫୬୯/୨୫ ମାମଲା ରୁଜୁ ହୋଇଥିବା ବେଳେ ଏଏସ୍ଆଇ ପ୍ରଭାତ ବାଲିକାନା ତଦନ୍ତ ଜାରି ରଖିଛନ୍ତି ବୋଲି କହିଛନ୍ତି।

### ପୁରାତନ ଛାତ୍ରଙ୍କ ପକ୍ଷରୁ ୧୦ ମେଧାବୀ ଛାତ୍ର ପୁରସ୍କୃତ

ପାରଳାଖେମୁଣ୍ଡି,୨୦।୭(ଗିରିଧାରୀ ପରିଚ୍ଛା)

ସ୍ଥାନୀୟ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ମେଧାବୀ କୃତୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ର ଯଥା ପରିବେଶ ସୁରକ୍ଷା କ୍ଷେତ୍ରରେ ୩ ଜଣଙ୍କୁ , ଶିକ୍ଷା କ୍ଷେତ୍ରରେ ଭଲ ନମ୍ବର ରଖିଥିବା ୪ ଜଣ ଛାତ୍ରଙ୍କୁ ଓ ବିଜ୍ଞାନ କ୍ଷେତ୍ରରେ ୩ ଜଣଙ୍କୁ ମୋଟ ୧୦ ଜଣ ଛାତ୍ରଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଏହି ପୁରସ୍କାରକୁ ପୁରାତନ ଛାତ୍ର ରାଜନ ପାଢୀ, ବୈଜ୍ଞାନିକ ଏନ. କ୍ରୀଷ୍ଣା ଓ ଜଣେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ପାଠ ପଢିବାରେ ଆଗ୍ରହ ବୃଦ୍ଧି ପାଇବା ସହ ସେମାନେ ଉତ୍ସାହିତ ହେବେ ବୋଲି ବିଦ୍ୟାଳୟର ପୁରାତନ ଛାତ୍ରମାନେ କହିଛନ୍ତି।

### ବୋଲବମ୍ ଭକ୍ତଙ୍କ ଜଳଲାଗି ଯାତ୍ରା

ଜି.ଉଦୟଗିରି,୨୦।୭(ଚିନ୍ମୟ କୁମାର ସେଠୀ)

ଶ୍ରାବଣର ଦ୍ୱିତୀୟ ସୋମବାର ଥିବାରୁ ରବିବାର ଠାରୁ କାଉଡ଼ିଆ ଭକ୍ତଙ୍କ ବୋଲବମ୍ ଯାତ୍ରା ଆରମ୍ଭ ହୋଇଛି। ଏହି କ୍ରମରେ ସ୍ଥାନୀୟ ଶଙ୍ଖ ସାହିର ମହିଳା ପୁରୁଷ ଜି.ଉଦୟଗିରି ଠାରୁ ଚକାପାଦ ସ୍ଥିତ ବିଶ୍ୱ ପ୍ରସିଦ୍ଧ ଶୈବପୀଠ ବିରୁପାକ୍ଷ ମହାଦେବଙ୍କ ଠାରେ ଜଳ ଢାଳିବା ପାଇଁ ୪୦ରୁ ଊର୍ଦ୍ଧ୍ୱ ବୋଲବମ୍ ଭକ୍ତ କାନ୍ଧରେ ବାହୁଙ୍ଗା ତୁଣ୍ଡରେ ଶିବ ନାମ ଧରି ଯାତ୍ରା ଆରମ୍ଭ କରିଥିଲେ। ସେହିପରି ଅନ୍ୟ ଏକ ଗୋଷ୍ଠୀ ଟିକାବାଲି ଢୁଙ୍ଗିଠାରେ ଥିବା ଶୈବ ପୀଠରେ ଜଳ ଢାଳିବା ପାଇଁ ଯାତ୍ରା କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଶୈବପୀଠରେ ବୋଲବମ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଗଞ୍ଜାମ,୨୦।୭(ବିଦ୍ୟାଧର ସାହୁ)

ପାଳିବନ୍ଧ କ୍ଲଷ୍ଟର ପୋଡମପେଟା ସ୍କୁଲରେ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶିକ୍ଷକ ନିରଞ୍ଜନ ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ସନ୍ତୋଷ ତ୍ରିପାଠୀ, ଦୁର୍ଗା ପଟ୍ଟନାୟକ, ସୁକାନ୍ତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲଷ୍ଟରର ମହେନ୍ଦ୍ର ସେଠୀ, ରଘୁନାଥ ସାହୁ, ବିପିନ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ପର୍ଶୁରାମ ବେହେରା, ଲକ୍ଷ୍ମୀ ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

# ଧାନ ବିଲର ହେବ ସାଟେଲାଇଟ ସର୍ଭେ

- ଆଧାର କେୱାଇସି, ବାୟୋମେଟ୍ରିକ ବାଧ୍ୟତାମୂଳକ
- କମିବ ଚାଷୀ ପଞ୍ଜୀକରଣ

ଛତ୍ରପୁର,୨୦।୭ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାର ଖରିଫ ଧାନ କିଣା ପ୍ରକ୍ରିୟା ପାଇଁ ଚାଷୀ ପଞ୍ଜୀକରଣ ଶନିବାରଠାରୁ ଆରମ୍ଭ ହୋଇଛି। ଅପରପକ୍ଷରେ ଚଳିତବର୍ଷ ଚାଷୀ ପଞ୍ଜୀକରଣ ଲାଗି ନିୟମ କଡ଼ାକଡ଼ି କରାଯାଇଛି। ଧାନ ବିଲର ସାଟେଲାଇଟ ସର୍ଭେଠାରୁ ଆରମ୍ଭ କରି ଓଆରସାକ ସର୍ଭେ, ୱେବ ପୋର୍ଟାଲ ଆଦି ଆପରେ ସର୍ଭେ, ଡିଜିଟାଲ କ୍ରପ ସର୍ଭେ, ଆଧାର କାର୍ଡ ଲିଙ୍କ ଓ ବାୟୋମେଟ୍ରିକ ବ୍ୟବସ୍ଥା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ଚାଷୀ ପଞ୍ଜୀକରଣ କମ ହେବା ସମ୍ଭାବନା ରହିଛି। ଗରୀବ, ସାଧାରଣ ଚାଷୀ ଓ ଅଳ୍ପ ଶିକ୍ଷିତ ଚାଷୀ ଏତେ ସବୁ ବୈଷୟିକ ଜ୍ଞାନ କୌଶଳକୁ ଆଧାର କରି ପଞ୍ଜୀକରଣ କରିବା କଷ୍ଟକର ହୋଇ ପଡ଼ିଛି। ଉକ୍ତ ପଞ୍ଜୀକରଣ ପାଇଁ ଆଧାର କାର୍ଡଲିଙ୍କ ଓ ବାଓମେଟ୍ରିକ ବ୍ୟବସ୍ଥା ବାଧ୍ୟତାମୂଳକ ରହିଛି। ଆଧାର କେୱାଇସି କରାଇନେବାକୁ ଚାଷୀମାନଙ୍କୁ ଜିଲା କୃଷି ଅଧିକାରୀ ଗଣମାଧ୍ୟମ ଜରିଆରେ ଜଣାଇଛନ୍ତି। ଏଥିଲାଗି ସୁଭଦ୍ରା ଯୋଜନା ଭଳି ଆଧାର ଲିଙ୍କ୍ ପାଇଁ ବ୍ୟାଙ୍କ ଓ ଜନସେବା କେନ୍ଦ୍ର ଆଗରେ ଚାଷୀଙ୍କ ଭିଡ଼ ଜମିବା ନିଶ୍ଚିତ ହୋଇଯାଇଛି। ଅନେକଙ୍କ ଆଧାର କାର୍ଡରେ ତ୍ରୁଟି ରହିଛି। ବ୍ୟାଙ୍କ ଖାତା ସହ ଆଧାର କାର୍ଡ ନମ୍ବର ମଧ୍ୟ ଲିଙ୍କ ନାହିଁ। ଆହୁରି ଜଣାଯାଇଛି ଯେ ଧାନ ସରକାରଙ୍କୁ ବିକ୍ରି ପାଇଁ ପୂର୍ବରୁ ହୋଇଥିବା ଚାଷୀଙ୍କ ନାଁ ପଞ୍ଜୀକରଣର ରିନ୍ୟୁ ଚଳିତ ବର୍ଷ ହେବନି ଚଳିତ ଥର ନୂଆ ପଞ୍ଜୀକରଣ ଚାଷୀମାନଙ୍କୁ କରିବାକୁ ପଡିବ ବୋଲି ସରକାର ନୂଆ ନିୟମ କରିଛନ୍ତି। ପୁଣି ଚାଷୀମାନଙ୍କୁ ସେମାନଙ୍କର ବ୍ୟାଙ୍କ ଓ ଜମି ଆଦିର ସୂଚନା ଦେବାକୁ ହେବ।

ଏଥିଲାଗି ଚାଷୀମାନଙ୍କୁ ଅଧିକ ସମସ୍ୟା ସୃଷ୍ଟି କରିବ। ଚାଷୀମାନେ ସରକାରଙ୍କୁ ଧାନ ବିକିବାକୁ ପଞ୍ଜୀକରଣ କରିଥିବା ବାବଦରେ ଧାନ ଅମଳ କରିଥିବା ଧାନ ବିଲର ସାଟେଲାଇଟ ସର୍ଭେ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ସାଟେଲାଇଟ ସର୍ଭେରେ କୌଣସି ଧାନ ବିଲ ପ୍ଲଟ ଉପରେ ସନ୍ଦେହ ହେଲେ ଓଆରସାକ ସର୍ଭେ, ୱେବ ପୋର୍ଟାଲ ଆଦି ଆପରେ ସର୍ଭେ କରାଯିବ ବୋଲି କୁହାଯାଇଛି। ପୁଣି ଦ୍ୱିତୀୟ ଲେୟାର ଯାଞ୍ଚ ମଧ୍ୟ କରାଯିବ। ଡିଜିଟାଲ କ୍ରପ ସର୍ଭେ ଏଗ୍ରି ଷ୍ଟାକ ଦ୍ୱାରା କରାଯିବାକୁ ଆଉ ଗୋଟେ ନିଷ୍ପତ୍ତି ସରକାର ନେଇଛନ୍ତି। ଏନେଇ ଚାଷୀମାନେ ବିଭିନ୍ନ ସମସ୍ୟାରେ ପଡିବା ଏକ ପ୍ରକାର ନିଶ୍ଚିତ ହୋଇଛି। ଜିଲାପାଳ ନିୟମିତ ଏହି କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରିବାକୁ ରାଜ୍ୟ ସରକାରଙ୍କୁଠାରୁ ଚିଠି ଆସିଛି। ଚାଷୀ ପଞ୍ଜୀକରଣ ଅଗଷ୍ଟ ୨୦ ପର୍ଯ୍ୟନ୍ତ ଚାଲିବ। ଅଗଷ୍ଟ ୨୫ ସୁଦ୍ଧା ଏହାର ଡିଜିଟାଇଜେସନ ହେବ। ସେପ୍ଟେମ୍ବର ୧୦ ସୁଦ୍ଧା ଯାଞ୍ଚ ଏବଂ ସେପ୍ଟେମ୍ବର ୩୦ରେ ଚୂଡ଼ାନ୍ତ ଚାଷୀ ତାଲିକା ରାଜ୍ୟ ସରକାର ପ୍ରକାଶ କରିବେ।

# ୩ ବାଇକ୍ ଜବତ, ୨ ଗିରଫ



ଅଭିଯୁକ୍ତଙ୍କ ସହ ଜବତ ବାଇକ୍।

ଆସିକା, ୨୦।୭ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅଞ୍ଚଳରୁ ଗୁରୁବାର ରାତିରେ ୩ଟି ବାଇକ୍ ଚୋରି ହୋଇଥିଲା। ଶନିବାର ଆସିକା ପୋଲିସ ବାଇକ୍‌କୁ ଜବତ କରିଛି। ଚୋରି ଅଭିଯୋଗରେ କୋଦିନଡ଼ା ଥାନା ବାବନପୁର ଗ୍ରାମର ତଳସାହିର ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତମ ବାଡତ୍ୟା ଓ ରାଜା ବାଡତ୍ୟା । ତେବେ ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ୨ଜଣ ଅଭିଯୁକ୍ତ ଫେରାର୍ ଅଛନ୍ତି। ପୋଲିସ ସେମାନଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରଖିଛି। ସେମାନଙ୍କ ଗିରଫ ପରେ ଏହି ବାଇକ୍ ଚୋରି ରାକେଟର ଅଧିକ ତଥ୍ୟ ହାସଲ କରାଯାଇପାରିବ ବୋଲି ଆସିକା ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି । ଏହି ଅଭିଯୁକ୍ତମାନେ ଏକା ରାତିରେ ଆସିକା ସହରର ପଲ୍ଲୀ ଛକ, ଡାକ୍ତରଖାନା ଛକ ଓ କଇଁଫୁଲିଆ ଛକ ନିକଟରୁ ୩ଟି ବାଇକ୍ ଚୋରି କରିଥିବା ପୋଲିସରେ ପୃଥକ୍ ପୃଥକ୍ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଆସିକା ଥାନାରେ ୪୩୧/୨୫ରେ ଏକ ମାମଲା ରୁଜୁ କରାଯାଇଥିଲା। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଓଟିଇଟି ପରୀକ୍ଷା ବାତିଲ ନେଇ ଅସନ୍ତୋଷ

## ପରୀକ୍ଷା ଦେବାକୁ ଆସିଥିବା ୧ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଫେରିଲେ



ପାରଳାଖେମୁଣ୍ଡି,୨୦।୭(ଗିରିଧାରୀ ପରିଚ୍ଛା)

ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ରବିବାର ହେବାକୁ ଧାର୍ଯ୍ୟ ହୋଇଥିଲା। ତେବେ ପ୍ରଶ୍ନପତ୍ର ଭାଇରାଲ ହେବାରୁ ଶନିବାର ବିଳମ୍ବିତ ରାତିରେ ଏହି ପରୀକ୍ଷାକୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଫଳରେ ଓଟିଇଟି ପରୀକ୍ଷା ଦେବାକୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ନିରାଶ ହୋଇ ଫେରିଛନ୍ତି । ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯିବାରୁ ଏହା ଜାଣି ନ ପାରି ରାଜ୍ୟର ବହୁ ସ୍ଥାନରେ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ଆସି ଫେରିଛନ୍ତି। ଗଜପତି ଜିଲା ସଦର ପାରଳାଖେମୁଣ୍ଡି ସହରର ୫ଟି କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ୧ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ରବିବାର ପରୀକ୍ଷା ଦେବାକୁ ଧାର୍ଯ୍ୟ ସମୟରେ ପହଞ୍ଚିଥିଲେ। ସେଠାରେ ପରୀକ୍ଷା ସ୍ଥଗିତ ନେଇ କୌଣସି ବିଜ୍ଞପ୍ତି ମରାଯାଇ ନ ଥିବାରୁ ସେମାନେ ପରୀକ୍ଷା ସମୟକୁ ଅପେକ୍ଷା କରିଥିଲେ। ପରେ କେନ୍ଦ୍ରର କେତେଜଣ କର୍ମଚାରୀ ଆସି ପରୀକ୍ଷା ସ୍ଥଗିତ ରହିଥିବା ନେଇ କାନ୍ଥରେ ନୋଟିସ ମାରିଥିଲେ। ଏହା ଜାଣିବା ପରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଓଟିଇଟି ପରୀକ୍ଷାର ପ୍ରଶ୍ନ ସହିତ ହାତଲେଖା ଉତ୍ତର ଶନିବାର ରାତିରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ତାହା ପାରଳାଖେମୁଣ୍ଡିରେ ଦେଖିବାକୁ ମିଳିନି । ତେବେ ସେହି ପ୍ରଶ୍ନପତ୍ର ଓ ଏହା ତାହାର ଉତ୍ତର କି ନୁହେଁ ତାହା ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ।

### ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା, ମିଳିଲା ସହାୟତା

ଦାରିଙ୍ଗବାଡ଼ି,୨୦।୭ (ଅରୁଣ ସାହୁ)

ଗ୍ରୀନବାଡି ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାରେ ଉପଭୋକ୍ତାଙ୍କୁ ଅନୁଦାନ ମିଳି ନ ଥିଲା। ଏନେଇ ଖବର 'ଧରିତ୍ରୀ' ପୋର୍ଟାଲରେ ପ୍ରକାଶ ପରେ ଗ୍ରୀନବାଡି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ରବିବାର ଛୁଟି ଥାଇ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କେଶବ କହଁର ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଡକାଇ ହରିଶ୍ଚନ୍ଦ୍ର ଯୋଜନାର ୩ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଗ୍ରୀନବାଡ଼ି ପଞ୍ଚାୟତର ଜଣେ ଯୁବକ ତାମିଲନାଡୁରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟକରୁଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସେ ହେଲେ ରଘୁନାଥ ନାୟକ। ତାଙ୍କ ମୃତଦେହ ନିଜ ଗାଁରେ ପହଞ୍ଚି ଶେଷକୃତ୍ୟ ସରିବାର ୪ ଦିନ ବିତିଯାଇଥିଲେ ମଧ୍ୟ ପରିବାର ଲୋକଙ୍କୁ ସରକାରୀ ସହାୟତା କିମ୍ବା ଶେଷକୃତ୍ୟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ମଧ୍ୟ ସହାୟତା ରାଶି ଦିଆଯାଇ ନ ଥିବା ରଘୁନାଥଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା।

# ଭେଟଖୋଲ ଘାଟିରେ ଛୁରା ମାଡ଼ ଘଟଣାରେ ୨ ଗିରଫ

ଖଜୁରିପଡ଼ା, ୨୦।୭( ବିଦୁର ବେହେରା)

କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଭେଟଖୋଲ ଘାଟି ପାଦଦେଶରେ ଥିବା ପାଣ୍ଠୁଲି ସାହି ନିକଟରେ ଦୁଇ ଯୁବକଙ୍କୁ ଛୁରା ମାଡ଼ ହୋଇଥିବା ନେଇ ଖଜୁରୀପଡ଼ା ଥାନାରେ ହାରା ପ୍ରଧାନ ଅଭିଯୋଗ କରିଥିଲେ। ଏ ନେଇ ନଂ. ୯/୨୫ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା। ଶନିବାର ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ବଲସକୁମ୍ପା ନିକଟରୁ ପୋଲିସ ଗିରଫ କରିଛି। ସେମାନେ ହେଲେ ନାନ୍ଦୁ ଭୋଇ(୩୫) ଏବଂ ବୁଟୁ ପ୍ରଧାନ(୨୫) ବୋଲି ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ପି. ପି. ଶୁଭ୍ରଜିତ ବିଶ୍ୱାଳ କହିଛନ୍ତି।

ଖବରରୁ ଜଣାପଡିଛି, ଦାତପାଜୁ ହନୁମାନ ମନ୍ଦିର ପଛପଟେ ଗତ ୧୩।୧।୨୫ରେ ସଞ୍ଜୟ ପ୍ରଧାନ ଓ ରାଜା ମହାନନ୍ଦିଆ ବସିଥିବା ବେଳେ ୩ଜଣ ଅଜଣା ବ୍ୟକ୍ତି ଆସି ସେମାନଙ୍କୁ ଛୁରାମାଡ଼ କରିଥିଲେ। ଏଥିରେ ସଞ୍ଜୟ ଓ ରାଜା ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଥିଲେ। ପରେ ଏନେଇ ଖଜୁରୀପଡା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖି ଆକ୍ରମଣରେ ସମ୍ପୃକ୍ତ ୩ ଜଣଙ୍କ ମଧ୍ୟରୁ ନାନ୍ଦୁ ଓ ବୁଟୁଙ୍କୁ ଗିରଫ କରିଛି। ଘଟଣାରେ ବ୍ୟବହୃତ ମରଣାନ୍ତକ ଅସ୍ତ୍ର, ମୋବାଇଲ ଫୋନ ସହ ବାଇକ୍ (ନଂ ଓଡ଼ି ୨୭ ଡି-୦୩୮୩) ଜବତ ହୋଇଛି। ଅନ୍ୟ ଜଣେ ଫେରାର ଅଛନ୍ତି। ତାଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଚାପଧାରୀ ପ୍ରଧାନ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ପ୍ରଧାନ ଓ ଏସ୍ଆଇ ଦୀନବନ୍ଧୁ ପ୍ରଧାନ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ବିଜ୍ଞାନ ପାର୍କ ଅବସ୍ଥା ଶୋଚନୀୟ

## ପ୍ରଶାସନକୁ ବାରମ୍ବାର ଜଣାଇ କିଛି ସୁଫଳ ମିଳିନି: ପ୍ରଧାନଶିକ୍ଷକ

ପାରଳାଖେମୁଣ୍ଡି, ୨୦।୭ (ଗିରିଧାରୀପରିଚ୍ଛା)

ଶିକ୍ଷାର ମାନ ବୃଦ୍ଧି ପାଇଁ ସରକାର ବହୁ ଅର୍ଥ ବ୍ୟୟ କରି ଭିତ୍ତିଭୂମିର ବିକାଶ କରୁଛନ୍ତି। ରକ୍ଷଣାବେକ୍ଷଣର ଅଭାବରୁ ଅନେକ ସ୍ଥାନରେ ଛାତ୍ରୀଛାତ୍ରଙ୍କ ପାଇଁ ନିର୍ମିତ ପ୍ରକଳ୍ପ କାର୍ଯ୍ୟରେ ଲାଗୁନାହିଁ। ଗଜପତି ଜିଲା ରାୟଗଡ ବ୍ଲକ ଅନ୍ତର୍ଗତ କରଡ଼ାସିଂରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ପାର୍କ ଏପରି ଅବହେଳାର ଶିକାର ହୋଇ ରକ୍ଷଣବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡିଛି। ବିଦ୍ୟାଳୟରେ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ଏକ ବିଜ୍ଞାନ ପାର୍କ ନିର୍ମାଣ କରାଯାଇଥିଲା ।ରକ୍ଷଣବେକ୍ଷଣ ଅଭାବରୁ ଏହାର ଅବସ୍ଥା ଏବେ ଶୋଚନୀୟ ହୋଇ ପଡିଛି। ଫଳରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର



ଅବହେଳିତ ଅବସ୍ଥାରେ ଥିବା ବିଜ୍ଞାନ ପାର୍କ।

ଅଧ୍ୟୟନ ସମୟରେ ପାର୍କରୁ କୌଣସି ପ୍ରକାରେ ଉପକୃତ ହେଉନାହାନ୍ତି। ଏହି ବିଦ୍ୟାଳୟ ସ୍ମାର୍ଟ ବିଦ୍ୟାଳୟରେ ରୂପାନ୍ତରଣ ହୋଇଛି। ବହୁ ପ୍ରତିଭାଧାରୀ ମେଧାବୀ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ଶ୍ରେଣୀ ଗୃହ ସମସ୍ୟା ରହିଛି। ଶ୍ରେଣୀ ଗୃହ ନିର୍ମାଣ ପାଇଁ ଅନୁଦାନ ମାତ୍ର ଶ୍ରେଣୀ ଗୃହଟିକୁ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଛାଡି ଦେଇଛନ୍ତି ଦାୟିତ୍ୱ ନେଇଥିବା ଠିକାଦାର। ଶ୍ରେଣୀ ଗୃହ ଅଭାବ ହେତୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପିଣ୍ଡାରେ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ଏନେଇ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଲେ, ବିଜ୍ଞାନ ପାର୍କଟି ବହୁଦିନ ହେଲା ଅବହେଳିତ ଅବସ୍ଥାରେ ରହିଛି। ପାର୍କର ପୁନଃରୁଦ୍ଧାର ହେବା ଜରୁରୀ ହୋଇପଡିଛି। ପାର୍କ ଚାରିପଟେ ଥିବା ପାଚେରି ଭାଙ୍ଗି ଯାଇଛି। ବିଦ୍ୟାଳୟର ସମସ୍ତ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ବହୁବାର ଲିଖିତ ରୂପେ ଅବଗତ କରାଯାଇଛି। ଏଯାଏ କୌଣସି ସୁଫଳ ମିଳିନାହିଁ ବୋଲି ପ୍ରଧାନଶିକ୍ଷକ ସାହୁ କହିଛନ୍ତି।

# ନେଟୱର୍କ ସମସ୍ୟା ପାଇଁ ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଖଜୁରିପଡ଼ା,୨୦।୭ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଗୁଦାରି ପଞ୍ଚାୟତରେ ନେଟୱର୍କ ସମସ୍ୟା ଏକ ପ୍ରମୁଖ ସମସ୍ୟା ହୋଇଛି। ଫୁଲବାଣୀ ସହରଠାରୁ ମାତ୍ର ୫ କିମି ଦୂରରେ ଗୁଦାରି ପଞ୍ଚାୟତ ରହିଛି। ଏଠାରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ହେଲେ ସହରର ଉପକଣ୍ଠରେ ଥିବା ପଞ୍ଚାୟତରେ ନା ପହଞ୍ଚିଛି ବିଏସ୍‌ଏନ୍‌ଏଲ ନା ପହଞ୍ଚିଛି ଜିଓ ନେଟୱର୍କ ସେବା। ଆଜିକାର ଡିଜିଟାଲ ଦୁନିଆରେ ନେଟୱର୍କ ସେବା ପାଇବାରୁ ବଞ୍ଚିତ ଗୁଦାରି ପଞ୍ଚାୟତବାସୀ। ପିଲାଙ୍କ ଅନଲାଇନ ପାଠପଢ଼ା ହେଉ କିମ୍ବା ଅଫିସରେ କମ୍ପ୍ୟୁଟର କାମ, ସବୁ ନେଟୱର୍କ ପାଇଁ ଠପ ହୋଇ ରହିଯାଉଛି। ଏହି ସମସ୍ୟା ନେଇ ଅନେକ ଥର ନେଟୱର୍କ ବିଭାଗୀୟ ଅଧିକାରୀମାନଙ୍କ ସହିତ ସରପଞ୍ଚ ସୁଜିତ୍ ମଲିକ ଏବଂ ଉପାଧ୍ୟକ୍ଷ ଅମିତ୍ ଦିଗାଲ ଆଲୋଚନା କଲାପରେ କୌଣସି ସୁଫଳ ନ ମିଳିବାରୁ ଶେଷରେ ବାଧ୍ୟ ହୋଇ ନେଟୱର୍କ ସମସ୍ୟା ସମାଧାନ କରିବା ପାଇଁ ଜିଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ୨୬/୨୫ ପତ୍ର ସଂଖ୍ୟା ପ୍ରଦାନ କରିଛନ୍ତି। ତାହାର ଏକ ନକଲ ଚିଠି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି ବୋଲି ସରପଞ୍ଚ ସୁଜିତ୍ କହିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ସରପଞ୍ଚଙ୍କ ଅଭିଯୋଗ ପାଇ କେବେ ନେଟୱର୍କ ସମସ୍ୟାର ସମାଧାନ କରିବେ ସେ ଅପେକ୍ଷାରେ ଅଞ୍ଚଳବାସୀ। ଜିଲାପାଳ ଏହି ସମସ୍ୟା ସମାଧାନ ପାଇଁ କି ପଦକ୍ଷେପ ନେଉଛନ୍ତି ସେ ଅପେକ୍ଷାରେ ଅଞ୍ଚଳବାସୀ।

# ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ଭଞ୍ଜନଗର, ୨୦।୭ (ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକ ଅନୁଯାଇ ଡାକ୍ତର, ନର୍ସ ପଦବୀ ଖାଲିପଡ଼ିଛି। ତେଣୁ ଅନେକ ସମୟରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରୁଥିବା ଅଭିଯୋଗ ହେଉଛି। ଏହିଭଳି ପରିସ୍ଥିତିରେ ଗାହଙ୍ଗୁର ସନ୍ତୋଷ ରାଉତ ଶନିବାର ରାତିରେ ଗୁରୁତର ଅସୁସ୍ଥ ଅବସ୍ଥାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଚିକିତ୍ସା ଅବହେଳା ଯୋଗୁ ସନ୍ତୋଷଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରୁଛନ୍ତି। ଏଥିସହ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ ସାଲାଇନ ସରିବା ପରେ ରକ୍ତ ବାହାରିଥିଲା। କିନ୍ତୁ କୌଣସି କର୍ମଚାରୀ ସାଲାଇନ ବାହାର କରିବାକୁ ଆସି ନ ଥିଲେ। ଏହାର କିଛି ସମୟ ପରେ ଜୀନବ ଚାଲି ଯାଇଛି। ଅପରପକ୍ଷେ ଖବରପାଇ କଂଗ୍ରେସ ନେତା କୁଲୁ ଭୂୟାଁ ମେଡ଼ିକାଲରେ ପହଞ୍ଚି ଘଟଣାର ଦୁଃଖ ପ୍ରକାଶ କରିବା ସହ ମୃତଦେହକୁ ଗ୍ରାମରେ ପହଞ୍ଚାଇବା ବ୍ୟବସ୍ଥା କରିଥିଲେ। ଏନେଇ ମେଡ଼ିକାଲର ଜଣେ ଅଧିକାରୀ ଏଠାରେ କହିଛନ୍ତି ଯେ ସନ୍ତୋଷ ରକ୍ତହୀନତା ରୋଗରେ ପୀଡ଼ିତ ଥିଲେ। ତେଣୁ ତାଙ୍କୁ ଏଠାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ବ୍ରହ୍ମପୁର ନେବାପାଇଁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ପରିବାର ଲୋକେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କୌଣସି କାରଣରୁ ଅନ୍ୟତ୍ର ନେଇପାରିନଥିଲେ। ଏଠାରେ ଯାହା ସହାୟତା ଆବଶ୍ୟକ ଥିଲା ତାହା ମେଡ଼ିକାଲ ପକ୍ଷରୁ ଯୋଗାଇ ଦିଆଯାଇଥିଲା।



ମୃତଦେହକୁ ଗ୍ରାମକୁ ନିଆଯାଉଛି।

# ବିହନ ମାଟି ପିଣ୍ଡୁଳା ପ୍ରସ୍ତୁତ କଲେ ଆଦିବାସୀ ମହିଳା

## ବ୍ୟାପକ ଜନସଚେତନ ସହ ବନୀକରଣ ପାଇଁ ପ୍ରୟାସ

ଦାରିଙ୍ଗବାଡ଼ି,୨୦।୭ (ଅରୁଣ ସାହୁ)

ସାରା ପୃଥିବୀରେ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତା ବଢିଥିବା ବେଳେ ଏହାର ପ୍ରଭାବ ଦାରିଙ୍ଗବାଡି ଅଞ୍ଚଳରେ ଦେଖିବାକୁ ମିଳିଛି। ଅନେକ ଗାଁରେ ଜଙ୍ଗଲ ଉଜୁଡି ଯାଇଥିବା ବେଳେ ଲୋକଙ୍କ ମଧ୍ୟରେ ସଚେତନ ବୃଦ୍ଧିପାଉଛି। ଗାଁରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟର ଲୋକମାନେ ଜଙ୍ଗଲ ଉଜୁଡିଲେ ତାର କୁପ୍ରଭାବ କିଭଳି ପଡୁଛି ତାହା ବୁଝିଲେଣି। ତେଣୁ ଅଧିକା ଜଙ୍ଗଲ ସୃଷ୍ଟି କରିବା ପାଇଁ ଜନଜାତି ସମ୍ପ୍ରଦାୟର ମହିଳାମାନେ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି। ବୃକ୍ଷ ରୋପଣ କରାଯିବା ସହ ମାଟିରେ ବିହନ ରଖି ପିଣ୍ଡୁଳା ପ୍ରସ୍ତୁତ କରି ତାକୁ ଲଣ୍ଡା ପାହାଡ଼ ସମେତ ଉଜୁଡିଯାଇଥିବା ଜଙ୍ଗଲରେ ପକାଯାଇ ଜଙ୍ଗଲର ପୁନଃରୁଦ୍ଧାର କରାଯାଉଛି। ଏହି ବିହନ ମାଟି ପିଣ୍ଡୁଳା (ସିଡବଲ) ପ୍ରସ୍ତୁତିରେ ଜୈବିକ ପଦ୍ଧତିରେ ପ୍ରସ୍ତୁତ କରାଯାଉଛି। ଏହି ବିହନ ମାଟି ପିଣ୍ଡୁଳା (ସିଡବଲ) ଜଙ୍ଗଲ ସଂରକ୍ଷଣ ଏବଂ ପୁନଃବନିକରଣ ପାଇଁ ଏକ ସରଳ କିନ୍ତୁ ପ୍ରଭାବଶାଳୀ ବୋଲି ସ୍ଥାନୀୟ ଜନଜାତି ମହିଳାମାନେ କହିଛନ୍ତି। ସେହିପରି ଉକ୍ତ ବିହନ ଗୁଡିକ



ମାଟି ପିଣ୍ଡୁଳା ପ୍ରସ୍ତୁତ କାମ ଚାଲିଛି।

ଖରାପ ଜଳବାୟୁରୁ ସୁରକ୍ଷା ଦେବା ସହ ପରିବେଶରେ ପିଣ୍ଡୁଳା ଗୁଡିକ ବିଛାଡ଼ି ପକାଇଲେ ବଞ୍ଚିବାର ସମ୍ଭାବନାକୁ ବୃଦ୍ଧି ହୋଇଥାଏ। ଜୈବ ବିବିଧତା, ଜଳବାୟୁ ପରିବର୍ତ୍ତନ ହ୍ରାସ ଏବଂ ସ୍ଥାୟୀ ଜୀବିକା ନିର୍ବାହରେ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ହେତୁ ଅଞ୍ଚଳ ପାଇଁ ଜଙ୍ଗଲ ପୁନରୁତ୍ଥାନ ଏବଂ ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜନଜାତି ମହିଳାମାନେ ଏହାକୁ ବହୁ ପରିଶ୍ରମ କରି କାର୍ଯ୍ୟ କରୁଥିବା କହିଛନ୍ତି। ଜଙ୍ଗଲ ସୃଷ୍ଟି ହେଲେ କାର୍ବନ ସଂରକ୍ଷଣ ସମେତ ଅତ୍ୟାବଶ୍ୟକ ଇକୋସିଷ୍ଟମ ସେବା ପ୍ରଦାନ କରିବ। ଉକ୍ତ ବ୍ଲକ୍‌ର ଦନେକବାଡି, ସୋନପୁର ଏବଂ ବାଡ଼ାବାଙ୍ଗା ପଞ୍ଚାୟତର ଜନଜାତି ସମ୍ପ୍ରଦାୟ ପକ୍ଷରୁ ବନ ସମ୍ପଦ ପରିଚାଳନା କମିଟିର ମହିଳାମାନେ ବିହନ ମାଟି ପିଣ୍ଡୁଳା ପ୍ରସ୍ତୁତି ଏବଂ ରୋପଣ ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

## ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଦାବି

ଫୁଲବାଣୀ,୨୦।୭ (ରାକେଶ କୁମାର ରାଉତ)

ଦିନକୁ ଦିନ ଗଣ ମାଧ୍ୟମ ପ୍ରତିନିଧି ମାନେ ଅସୁରକ୍ଷିତ ମଣୁଛନ୍ତି। ବିଭିନ୍ନ ସମୟରେ ଖବର ପ୍ରକାଶକୁ ନେଇ ରାଜ ନୈତିକ ଦଳର ନେତା, ଗୁଣ୍ଡା ଶ୍ରେଣୀର ଲୋକ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ଆସିବା ପରେ ପ୍ରେସ କ୍ଲବ ସଦସ୍ୟ ମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ପ୍ରେସ୍‌କ୍ଲବ୍ ସଭପତି ସୁନୀଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଦୁର୍ବୃତ୍ତଙ୍କ ଆକ୍ରମଣରେ ମୃତ୍ୟୁ ହୋଇଥିବା ମାଲକାନଗିରିର ୱେବ ସାମ୍ବାଦିକ ଚୌଧୁରୀ ନରେଶଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଫୁଲବାଣୀର ବରିଷ୍ଠ ସାମ୍ବାଦିକ ଶିବାନନ୍ଦ ପଟ୍ଟନାୟକଙ୍କ ଏକ ଖବର ପୋଷ୍ଟକୁ ନେଇ ଶାସକ ଦଳ ପକ୍ଷରୁ ମିଥ୍ୟା ମାମଲା ରୁଜୁ କରାଯିବା, ଦୁର୍ବୃତ୍ତଙ୍କ ଫୋନ ଧମକକୁ ନେଇ ଉପସ୍ଥିତ ସମସ୍ତ ସଦସ୍ୟ ଘଟଣାର ନିନ୍ଦା କରିବା ସହ ସାମ୍ବାଦିକଙ୍କ ସୁରକ୍ଷା ଦାବି କରିଥିଲେ। ଆଗାମୀ ଦିନରେ ଶାସକ ଦଳ ର ସମସ୍ତ କାର୍ଯ୍ୟକ୍ରମକୁ ବିରୋଧ କରି ଖବର ପ୍ରସାରଣ ନ କରିବାକୁ ମତ ପ୍ରକାଶ ପାଇଥିଲା।

# ଜଗନ୍ନାଥପ୍ରସାଦରୁ ଦଶପଲ୍ଲା ସଂଯୋଗ କରୁଥିବା ରାସ୍ତା ବିଚ୍ଛିନ୍ନ

### ବର୍ଷାରେ ଧୋଇଗଲା ରାସ୍ତା

ଜଗନ୍ନାଥ ପ୍ରସାଦ,୨୦।୭(ବିଶ୍ୱ ପ୍ରସାଦ ପଟ୍ଟନାୟକ)

ଲଗାଣ ବର୍ଷା ଯୋଗୁ ଶନିବାର ମଧ୍ୟ ରାତ୍ରରେ ଜଗନ୍ନାଥ ପ୍ରସାଦ ବ୍ଲକ୍ କାଦୁଆ ପଞ୍ଚାୟତ ଦେଇ ଯାଇଥିବା ଅସ୍ଥାୟୀ ରାସ୍ତା ଧୋଇ ଯାଇଛି। କଣିଆ ନାଳ ଦେଇ ବୋଡା ନଦୀରେ ମିଶୁଥିବା ବର୍ଷା ଜଳ ଫୁଲିଯିବା କାରଣରୁ ବର୍ତ୍ତମାନ ଗଞ୍ଜାମ ଜିଲା କାଦୁଆ, ଅଳସୁ ଗ୍ରାମକୁ ସଂଯୋଗ କରୁଥିବା ପିଡବ୍ଲୁଡିର ଅସ୍ଥାୟୀ ରାସ୍ତା ଧୋଇଯାଇଛି। ୧୦ଫୁଟର ଘାଇ ସୃଷ୍ଟି ହେବା ସହ ପାଣି ବର୍ତ୍ତମାନ ପ୍ରବାହିତ ହେଉଛି। ଏଥିଯୋଗୁ ଯାତାୟତ ବ୍ୟାହତ ହେବା ସହ ଉକ୍ତ ୨ ଜିଲା ଗଞ୍ଜାମ ଜଗନ୍ନାଥପ୍ରସାଦ ଓ ନୟାଗଡ ଦଶପଲ୍ଲା ରାସ୍ତା ବିଚ୍ଛିନ୍ନ ହୋଇପଡ଼ିଛି। ଯାତ୍ରୀମାନେ ଅସୁବିଧାର ସାମ୍ନା କରୁଥିବା ଦେଖିବାକୁ ମିଳିଛି। କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଗ୍ରାମବାସୀ କହିଛନ୍ତି। ଏହି ରାସ୍ତା ଉପରେ ଜଗନ୍ନାଥପ୍ରସାଦ ବ୍ଲକ ଅଳସୁ ଓ କାଦୁଆ ପଞ୍ଚାୟତର ୧୫ ଗ୍ରାମ ସମେତ ନୟାଗଡ଼ ଜିଲା ଅଞ୍ଚଳର ସୁନାମୁହିଁ, ଗିରିଡ଼ିପଲ୍ଲୀ, ବାହାଡ଼ ଖୋଲା, ବନ୍ଧା ଭୁଇଁ ଗ୍ରାମର ପ୍ରାୟ ୨୦ ହଜାର ଲୋକ ନିର୍ଭର କରିଥାନ୍ତି। ଖବର ଲେଖା ହେବା ଯାଏ ଉକ୍ତ ସ୍ଥାନରେ ବର୍ଷା ଜଳ ସ୍ରୋତ କମି ନ ଥିବାରୁ ଯାତାୟତରେ ବାଧାପ୍ରାପ୍ତ ହେଉଛି। ଆମ୍ଭୁଲାନ୍ସ ଠାରୁ ଆରମ୍ଭ କରି ଛୋଟ ବଡ଼ ଯାନ କୁଶାପଲ୍ଲୀ ଦେଇ ଜଗନ୍ନାଥପ୍ରସାଦ ହେଡକ୍ୱାଟର ପ୍ରାୟ ୨୦ କିଲୋମିଟର ଦୂର ବୁଲି ଆସୁଥିବା ଦେଖିବାକୁ ମିଳିଛି। ନଗରିଆ ଘାଇ ଠାରୁ ଆସିଥିବା ଜଳ ସ୍ରୋତ ଆଖପାଖ ବିଲ ବର୍ଷା ଜଳ ମିଶି କାଦୁଆ ବୋଡା ନଦୀରେ ମିଶିଥାଏ। ଏଠାକାର ଜଳ ସ୍ରୋତ ଅଧିକ ତୀବ୍ର ଥିବାରୁ ତାହାକୁ ଦୃଷ୍ଟିରେ ରଖି ଏଠାରେ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁରହିଛି। କିନ୍ତୁ ବ୍ରିଜ ନିର୍ମାଣ କାର୍ଯ୍ୟ ବିଳମ୍ବ ଏବଂ କାର୍ଯ୍ୟରତ ଅଧିକାରୀଙ୍କ ଖମାଖିଆଲ ନୀତି ଓ ଅନୁପସ୍ଥିତ କାରଣରୁ ବ୍ରିଜଟି ଡବ୍ଲୁଆ ରହିଛି। ଆଗକୁ ପୁଣି ଏହିଭଳି ସମସ୍ୟା ଅଞ୍ଚଳରେ ଦେଖାଦେବାକୁ ମିଳିବ ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ। ବିଳମ୍ବରେ କାର୍ଯ୍ୟ ଚାଲୁରହିଥିବା କାରଣରୁ ଏହି ସମସ୍ୟା ସୃଷ୍ଟି ହେଉଛି। ଯାହାଫଳରେ ସାଧାରଣ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧା ସାମ୍ନା କରୁଛନ୍ତି।


ବର୍ଷା ଜଳରେ ବିଚ୍ଛିନ୍ନ ହୋଇଥିବା ରାସ୍ତା।

## ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ନେଇ ଆଲୋଚନା

ଶେରଗଡ଼,୨୦।୭(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ବିଜେଡିର ଏକ ବୈଠକ ରବିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ସୁନ୍ଦର ନାୟକ, ବିଧାୟକ ପ୍ରତିନିଧି ଦିଗମ୍ବର ନାହାକଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ ସୋମବାର ବିଜେଡି ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ୨୨ଟି ପଞ୍ଚାୟତରୁ କର୍ମକର୍ତ୍ତା ମାନେ ଯୋଗ ଦେବାକୁ ଆଲୋଚନା ହୋଇଥିଲା। ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟଶ୍ରୀଙ୍କ ଆତ୍ମାହୁତି ଘଟଣାରେ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ ସହ ରାଜ୍ୟରେ ଦିନକୁ ବିଗୁଡୁଥିବା ଆଇନ ଶୃଙ୍ଖଳା ସ୍ଥିତିକୁ ସାଜାଡିବା ଦାବିରେ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଦଳ ପକ୍ଷରୁ ପ୍ରତି ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିରେ ପ୍ରତି ପଞ୍ଚାୟତରୁ ନେତା କର୍ମୀମାନେ ଯୋଗଦେବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବରିଷ୍ଠ ନେତା କାହ୍ନୁଚରଣ ପଟ୍ଟନାୟକ, ବରୁଣ ପଲେଇ, ବୃନ୍ଦାବନ ଗୌଡ଼, କାହ୍ନୁଚରଣ ଗୌଡ଼, ବାବୁ ପ୍ରଧାନ, ମହେଶ୍ୱର ରାଉତଙ୍କ ସମେତ ବହୁ ନେତା ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସ୍ୱତନ୍ତ୍ର ଯୋଗ ଶିବିର, କାର୍ଯ୍ୟକର୍ତ୍ତା ବୈଠକ

ଫୁଲବାଣୀ,୨୦।୭ (ରାକେଶ କୁମାର ରାଉତ)

ଭାରତ ସ୍ୱାଭିମାନ ଟ୍ରଷ୍ଟ କନ୍ଧମାଳ ଶାଖା ପକ୍ଷରୁ ଦିବ୍ୟ ଜୀବନ ସଂଘ ପରିସରରେ ସ୍ୱତନ୍ତ୍ର ବିଜ୍ଞାନ ସମ୍ମତ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ରାଜ୍ୟ ସୋଶିଆଲ ମିଡ଼ିଆ ପ୍ରଭାରୀ କ୍ଷିତିଶ ଚନ୍ଦ୍ର ପଟ୍ଟନାୟକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ପୁରୋହିତ ଯୋଗା ଭ୍ୟାସ କରାଇଥିଲେ। ଭାରତ ସ୍ୱାଭିମାନ ଟ୍ରଷ୍ଟ ଜିଲା ପ୍ରଭରୀଙ୍କ ଆବାହକତ୍ୱରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଆସନ୍ତା ମାସରେ ଯୋଗ ପ୍ରଶିକ୍ଷଣ ଶିବିର ଓ ରୋଗ ଅନୁସାରେ ଯୋଗ ଶିବିର ଆୟୋଜନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ପତଞ୍ଜଳି ଯୋଗ ସମିତି ପ୍ରଭାରୀ ଭାବେ ବୁଦ୍ଧଦେବ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମହିଳା ପତଞ୍ଜଳି ପ୍ରଭାରୀ, କିଶାନ ପ୍ରଭାରୀ, ସମ୍ପାଦକ, କାର୍ଯ୍ୟକାରୀ ସଦସ୍ୟ ସହିତ ଯୋଗପ୍ରେମୀ ଯୋଗଦାନ କରିଥିଲେ।

## ଅଟୋ ଓଲଟି ୧୧ କାଉଡ଼ିଆ ଆହତ, ୩ ଗୁରୁତର

ହିଞ୍ଜିଳିକାଟୁ, ୨୦।୭(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ବୁରୁପୋଡା ଠାରେ ରବିବାର ସନ୍ଧ୍ୟାରେ ଏକ ମାଲବାହୀ ଅଟୋ ଦୁର୍ଘଟଣା ଗ୍ରସ୍ତ ହୋଇଛି। ସେଥିରେ ଯାଉଥିବା ୧୧ଜଣ କାଉଡ଼ିଆ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନେ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଶେରଗଡ଼ ଥାନା କୁରୁଳାଠାରୁ ଏକ ମାଲବାହୀ ଅଟୋରେ ୧୧ ଜଣ କାଉଡ଼ିଆ ଶ୍ରାବଣ ଦ୍ୱିତୀୟ ସୋମବାର ପାଇଁ ଆସିକା ଋଷିକୂଲ୍ୟା ନଦୀରୁ ପାଣି ଉଠାଇବାକୁ ଯାଉଥିଲେ। ରବିବାର ସନ୍ଧ୍ୟାରେ ବୁରୁପୋଡା କାଳୀ ମନ୍ଦିର ନିକଟ ବୁଲାଣିରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ସେଥିରେ ଯାଉଥିବା ୧୧ ଜଣ କାଉଡ଼ିଆ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ଆଦି ନାରାୟଣ ରାଓ(,୩୦) ଓ୍ୱାଇ ଦୀନେଶ(୨୧) ଓ ଶିବପ୍ରସାଦ ପାଢୀ (୨୫)ଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ଖବର ପାଇ ଗ୍ରାମର ପରିବାର, ସମ୍ପର୍କୀୟ ହିଞ୍ଜିଳିକାଟୁ ଡାକ୍ତରଖାନାରେ ପହଞ୍ଚିଛନ୍ତି।

## ଯୌନ ଉତ୍ପୀଡ଼ନ ନିରୋଧଜନିତ ସଚେତନ କର୍ମଶାଳା

ବୁଗୁଡ଼ା,୨୦।୭(କାଳିଚରଣଦାଶ)

ବୁଗୁଡା ପିପୁଲ୍ସ କଲେଜରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ ଯୌନ ଉତ୍ପୀଡନ ନିରୋଧଜନିତ ସଚେତନତା କର୍ମଶାଳା କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ କମିଟି ସଂଯୋଜିକା ଅଧ୍ୟାପିକା କ୍ରିଷ୍ଣା କୁମାରୀ ବାର୍ଗୀ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷ ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଛାତ୍ରୀମାନେ ନିର୍ଭୟରେ ସେମାନଙ୍କ ଅସୁବିଧା ଓ ଅଭିଯୋଗ ଅଧିକାରୀଙ୍କୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ। ଅଭିଯୋଗକାରୀଙ୍କ ନାମ ଗୋପନ ରଖାଯିବା, ଯୌନ ଉତ୍ପୀଡନ ଭଳି କାର୍ଯ୍ୟରୁ ନିବୃତ୍ତ ରହିବା ନିମନ୍ତେ କର୍ମଶାଳାରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ସମେତ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟାପକ ପବିତ୍ର ଖଣ୍ଡୁଆଳ, ବିଜେନ୍ଦ୍ର ଆଚାର୍ଯ୍ୟ, ଅଧ୍ୟାପିକା ରଶ୍ମିତା ପଟ୍ଟନାୟକ, ଭି.ସନ୍ତୋଷୀ ରାଜୁ, ଶୁଭ୍ରକେଶୀ ବଡମୁଣ୍ଡି, ସସ୍ମିତା ସାମନ୍ତରା, ଡେମୋନଷ୍ଟ୍ରେଟର୍ ଯସ୍ମିନ ସାହୁ, ଆସିଷ୍ଟାଣ୍ଟ ଲାଇବ୍ରେରିଆନ ରଶ୍ମିତା ମିଶ୍ର, ଛାତ୍ରୀ ରୂପାଲି ପାତ୍ର, ବିଜୟଲକ୍ଷ୍ମୀ ବେହେରା, ପ୍ରୀତିମୟୀ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବୁଗୁଡ଼ା,୨୦।୭ (କାଳିଚରଣ ଦାଶ)

ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୮ତମ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ପରିଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ସ୍ୱରୂପ ରଞ୍ଜନ ମହାନ୍ତି ଓ ପରିଚାଳନା ସମିତିର ସମସ୍ତ ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ। ଉକ୍ତ ବିଜ୍ଞାନ ମେଳାରେ ମୋଟ ୧୩୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ସର୍ବ କନିଷ୍ଠ ବର୍ଗର ୩୫ଟି, କନିଷ୍ଠ ବର୍ଗର ୫୯ଟି , ଶିଶୁ ବର୍ଗର ୨୯ଟି , ବାଲ ବର୍ଗର ୧୩ଟି, କିଶୋର ବର୍ଗର ୩ଟି ପ୍ରକଳ୍ପ ରହିଥିଲା। ଏଥି ସହ ମୂର୍ତ୍ତିକଳା , ପ୍ରଶ୍ନମଞ୍ଚ, ନିବନ୍ଧ ଓ ପତ୍ରବାଚନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ମୋଟ ୬୬ ଜଣ ପ୍ରତିଯୋଗି ରହିଥିଲେ। ଏଥିରେ ବିଚାରକ ଭାବେ ଅବସରପ୍ରାପ୍ତା ବିଜ୍ଞାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଟ୍ଟନାୟକ, ବିରଞ୍ଚିପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ହୋତା, ପିପୁଲ୍ସ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ଗୌଡ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ଜୟନ୍ତ ପଟ୍ଟନାୟକ, ବ୍ରଜବନ୍ଧୁ ପ୍ରଧାନ, ସନ୍ତୋଷ ପାତ୍ର, ଶ୍ୟାମ ସୁନ୍ଦର ବେହେରା, ରଙ୍କନିଧି ମହାନ୍ତି, ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ଅଞ୍ଜଳି କଅଁର, ଶିକ୍ଷୟତ୍ରୀ ସବିତା କର ଓ ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କୃତି ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ରାମେଶ୍ୱର ମନ୍ଦିରର ପାର୍ଶ୍ୱଦେବତା ସ୍ଥାପନା ପାଇଁ ଶୁଭଖୁଣ୍ଟି ସ୍ଥାପନ

ରାମଗିରି,୨୦।୭(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ୍ ରାମଗିରି ଗ୍ରାମପଞ୍ଚାୟତରେ ବହୁ ବର୍ଷ ଧରି ପୂଜା ପାଇ ଆସୁଥିବା ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିର ଚତୁପାର୍ଶ୍ୱରେ ଥିବା ସିମେଣ୍ଟ ନିର୍ମିତ ମୂର୍ତ୍ତି ଗୁଡ଼ିକ ଭଗ୍ନ ଅବସ୍ଥାରେ ଥିଲେ। ଭଗ୍ନ ମୂର୍ତ୍ତି ପୂଜା ପାଇବା ଗ୍ରାମ ଏବଂ ଅଞ୍ଚଳର ଅଶୁଭ ସଂକେତ, ଦେବତାଙ୍କ ପ୍ରଭାବ ପଡ଼ିବା ଠିକ୍ ନୁହେଁ ଭାବି ଚଳିତ ବର୍ଷ ବୋଲବମ ଭକ୍ତମାନେ ମହାଦେବଙ୍କ ସମସ୍ତ ପାର୍ଶ୍ୱ ଦେବତା ଗୁଡିକୁ ବିଧି ବିଧାନ ପୂର୍ବକ ବାହାର କରି ନୂତନ ନିର୍ମିତ ପଥର ମୂର୍ତ୍ତି ସ୍ଥାପନ କରିବା ପାଇଁ ମନସ୍ଥ କରି ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା କରାଯାଇଥିଲା। ରାମଗିରି ବୋଲବମ ମୁଖ୍ୟ କର୍ତ୍ତା କମଳ ଲୋଚନ ରଇତ, ପୁରୋହିତ ରଞ୍ଜିତ ଦାସଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ । ଅଗଷ୍ଟ ୪, ୫ ଓ ୬ ତିନି ଦିନ ଧରି ହେବାକୁ ଥିବା ନୂତନ ବିଗ୍ରହ ଗୁଡିକର ସ୍ଥାପନା କାର୍ଯ୍ୟକ୍ରମ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ରାମେଶ୍ୱର ବୋଲବମ ସଂଘର ସଂକଳ୍ପ ଧାରୀ ବାଲାଜୀ ପରିଛା, କପିଳ ବଡ଼କୁମର, ରାଜେନ୍ଦ୍ର ଗୌଡ଼ଙ୍କ ସହ ବୋଲବମର ସମସ୍ତ ସଂକଳ୍ପଧାରୀ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟରେ ଆଇନ ସଚେତନତା ଶିବିର

ଫୁଲବାଣୀ,୨୦।୭ (ରାକେଶ କୁମାର ରାଉତ)

ଫୁଲବାଣୀ ଧୋବାତୋଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଦୋଳଗୋବିନ୍ଦ ବାରିକ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ରମାକାନ୍ତ ମହାନ୍ତି, ଡିଏସ୍‌ପି ସର୍ବେଶ୍ୱର ବେହେରା, ଆଇନଜୀବୀ ଦେବରାଜ ସାହାଣୀ, ରିଟେନର୍ ଅନୁପ ନାରାୟଣ ନାୟକ, ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। କିଶୋର ନ୍ୟାୟ ଆଇନ, ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବ୍ୟବସ୍ଥା ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ମାଗଣା ଆଇନ ସେବା ପାଇବା ପାଇଁ ଉପଲବ୍ଧ ଥିବା ନାଲ୍ସା ହେଲ୍ପଲାଇନ ନମ୍ବର ୧୫୧୦୦ ଓ ନାଲ୍ସା ପୋର୍ଟାଲ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଥିଲା।



ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଆୟୋଜିତ ହେଲା ଖେଲୋ ଇଣ୍ଡିଆ ମହିଳା ସାଇକେଲିଂ ଲିଗ

ଗୋପାଳପୁର,୨୦।୭(ନବୀନ ରାଜ ଆଚାରୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ରବିବାର ଓଡ଼ିଶାରେ ପ୍ରଥମଥର ପାଇଁ ୨ ଶହ ମହିଳା ସାଇକ୍ଲିଷ୍ଟଙ୍କୁ ନେଇ ଖେଲୋ ଇଣ୍ଡିଆ ମହିଳା ସାଇକେଲିଂ ଲିଗ୍ ଆୟୋଜିତ ହୋଇଛି। ଏହାକୁ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିଭଙ୍ଗୀରେ ଦେଶରେ ଶୁଭାରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ଯୋଜନା ସହ ଶତ ପ୍ରତିଶତ ସମନ୍ୱୟ ରଖିବା ଏହାର ମୁଖ୍ୟ ଲକ୍ଷ୍ୟ ହୋଇଥିବା ବେଳେ ଗ୍ରାମୀଣ ଓ ଜିଲାସ୍ତରରୁ କ୍ରୀଡା ପ୍ରତିଭାକୁ ଚିହ୍ନଟ କରି ଜାତୀୟ ମଞ୍ଚ ଦେବା ଓ ମହିଳା ସଶକ୍ତିକରଣ କରିବା ମୁଖ୍ୟ ଲକ୍ଷ୍ୟ। ଏହିଭଳି ପ୍ରତିଯୋଗିତାରେ ଏକ ଐତିହାସିକ ଘଟଣା ଭାବରେ ସମସ୍ତ ଅଂଶଗ୍ରହଣକାରୀ ଏବଂ ପ୍ରାଯୁକ୍ତିକ ଅଧିକାରୀମାନେ ମହିଳା ରହିଥିବା ବେଳେ ଏହି ଆୟୋଜନ ପ୍ରମାଣ ମହିଳାମାନେ କେବଳ ଖେଳ ପ୍ରଦର୍ଶନରେ ନୁହେଁ ବରଂ ବ୍ୟବସ୍ଥାପନ ଓ ନେତୃତ୍ୱରେ ମଧ୍ୟ ଶକ୍ତିଶାଳୀ ଭୂମିକା ଗ୍ରହଣ କରିବେ ବୋଲି କୁହାଯାଇଛି। ମୁଖ୍ୟ ଅତିଥି ପତକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ମହିଳା ସିନିୟର୍ ପାଇଁ ୧୫ କିମି ସାଇକିଲିଂ, ମହିଳା ଜୁନିୟର ୧୦ କିମି ଏବଂ ସବ୍–ଜୁନିୟର ଏବଂ ୟୁଥ୍ ପାଇଁ ୧୦ କିମି ସାଇକେଲ ଚାଳନା ପ୍ରତିଯୋଗିତା କରାଯାଇଥିଲା। ସେହିପରି ଏହି ଅବସରରେ ବିଜେତା ମାନଙ୍କ ମଧ୍ୟରେ ମହିଳା ବିଭିନ୍ନ ବର୍ଗରେ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ମଞ୍ଚରେ ସାଇକେଲିଂ ଆସୋସିଏସନ ଅଧ୍ୟକ୍ଷ ମିନତି ମହାପାତ୍ର ଯୋଗ ଦେଇଥିବା ବେଳେ ଓଡ଼ିଶା ସାଇକେଲିଂ ଆସୋସିଏସନ ସଚିବ ପ୍ରସନ୍ନ କୁମାର ରାଉତ, ଗଞ୍ଜାମ ଏଥଲେଟିକ୍ସ ଆସୋସିଏସନ ସମ୍ପାଦକ ଜେ. କାମେଶ୍ୱର ରାଓ, କାର୍ଯ୍ୟକ୍ରମର ସଚିବ ପ୍ରଦ୍ୟୁମ୍ନ କୁମାର ବିଶୋୟୀଙ୍କ ସମେତ ବହୁ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ।

GOVERNMENT OF ODISHA No.C-691
OFFICE OF THE SUPERINTENDING ENGINEER
P.H.DIVISION, SAMBALPUR
Email ID: eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No.SEPHSBP-02/2025-26 Dt.15.07.2025

| | | |
|---|---|---|
| 1. | Name of the Work | : 1 No. Work |
| 2. | Type of Bid | : Two Bid System |
| 3. | Estimated Cost | : Rs.281.43 Lakhs |
| 4. | Period of Completion | : 6 (Six) Calendar Months |
| 5. | Date & Time of availability of bid document in the portal | : From 11.00 AM of dt.21.07.2025 To 5.00 PM of 07.08.2025 |
| 6. | Last date/time of receipt of bids in the portal | : 5.00 PM of 07.08.2025 |
| 7. | Date & Time of Opening of technical bids | : At 11.30 AM of 08.08.2025 |
| 8. | Name and address of the Officer Inviting Bid | : Superintending Engineer P.H. Division, Sambalpur, Brooks' Hill, Near Stadium, At/Po-Motijharan, Dist-Sambalpur -768001 |

Further details can be seen from the website http://tenders.ori.nic.in or www.tendersorissa.gov.in.
Sd./- Superintending Engineer
P.H.Division, Sambalpur
OIPR-13026/11/0010/2526

GOVERNMENT OF ODISHA No.A-
DEPARTMENT OF WATER RESOURCES
Office of the Superintending Engineer,
Mechanical Division, Bhubaneswar
Email Address: smdivisionbbsr@yahoo.com
e-Procurement Notice - Bid Identification No. - SE/MDB-04/W/2025-26

| | | | |
|---|---|---|---|
| 1 | Name of the work | : | Replacement and renovation of Gates and hoists of Saradhapur Sluice-II under Khordha Irrigation Division, Khordha for the year of 2025-26 |
| 2 | No. of works | : | 01 (One) |
| 3 | Category of executors | : | SSI Units registered under DIC/NSIC/ MSME for Irrigation Shutters / Hydro mechanical gates |
| 4 | Bid Identification No. | : | SE/MDB-04/W/2025-26 |
| 5 | Estimated cost | : | Rs.8,44,425/- |
| 6 | Period of completion | : | 20 days |
| 7 | Date & time of availability of bid documents in the portal | : | From dt.22.07.2025 (10.00 A.M.) to dt.31.07.2025 (5.30 P.M.) |
| 8 | Last date / time for receipt of bid in the portal | : | Dt.31.07.2025 (Upto 5.30 P.M.) |
| 9 | Date and place of opening of bid | : | Dt.01.08.2025 (12.00 Noon onwards in the O/o the undersigned) |
| 10 | Name of the officer inviting bid | : | Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of addenda / corrigenda / cancellation notice shall be uploaded in the aforesaid website only.
Sd./- Superintending Engineer,
Mechanical Division, Bhubaneswar
OIPR-32385/11/0004/2526

ODISHA JOINT ENTRANCE EXAMINATION
(OJEE) - 2025
No.OJEE/333 Dt.19.07.2025
TENTATIVE SCHEDULE OF REGISTRATION FOR NEET UG2025 CANDIDATES

No.h-06:- Interested NEET-UG 2025 qualified candidates wish to participate in Odisha State Medical Counselling (Session 2025-26) have to register in prior for data pre-processing and preparation of State Merit List in reference to NEET all India Rank. Only State Natives are eligible for all the state quota MBBS and BDS seats in Odisha. However, other state candidates may be eligible for NRI quota seats only. Therefore, candidates must ensure their eligibility before registering.

| Activity | Date |
|---|---|
| Registration and Online Application Uploading of Documents for Online Verification | 22.07.2025 12:00 NOON to 26.07.2025 11.59 P.M. |
| All eligible PC Candidates are required to attend the Medical Board at LT-II, SCB Medical College, Cuttack | 23.07.2025 and 25.07.2025 |
| All eligible ES Candidates are required to attend the ES Board at Rajya Sainik Board, Odisha at IRC Village, Nayapalli, Bhubaneswar | 23.07.2025 and 24.07.2025 |
| Reconciliation and verification of data | 27.07.2025 and 28.07.2025 |
| Publication of provisional State Merit List of registered candidates | 29.07.2025, 5.00 P.M. |
| Any Query raised by candidates on the merit list | 30.07.2025 by 5.00 P.M. |
| Publication of final State Merit List of registered candidates | 01.08.2025 |

*For other details regarding registration process, guidelines visit https://ojee.nic.in. Detail Schedule of the Counselling Process for Admission to MBBS/BDS Courses will be Notified in Due Course of Time.*

Mail id of OJEE: odishaojee@gmail.com
Website: www.ojee.nic.in, www.odishajee.com

*All the candidates are informed to follow the dates of PC Board and Ex-Serviceman Board strictly. Candidates missing the dates to appear before the applicable PC/ES Boards will be deprived of getting PC or ES reservations.* State Rank is mandatory to participate in the State Counselling for all State Quota Seats under MBBS/BDS courses.

Sd./- Chairman, OJEE
OIPR-14020/11/0007/2526

## କଣ୍ଟେଇକୋଳିରେ ଜୈବିକ କୃଷି ପ୍ରଶିକ୍ଷଣ

ମୋହନା,୨୦।୭ (ମନ୍ମଥ ମିଶ୍ର)

ମୋହନା କଣ୍ଟେଇକୋଳି ଗାଁରେ ଜୈବିକ କୃଷି ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଛି । ସୁଯଶ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଶିବିରରେ ପ୍ରଶାନ୍ତ ଶତପଥୀ, ରଞ୍ଜନ ସାହୁ ଓ ପ୍ରଦୀପ ମଳିକ ଯୋଗଦେଇ ଜୈବିକ ଖତ ଉପରେ ଲୋକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସୁଯଶ ଚାରିଟେବୁଲ ଟ୍ରଷ୍ଟ ଗତ ୪୦ ବର୍ଷ ହେଲା ଏହି ଟ୍ରଷ୍ଟ ର ଅଧ୍ୟକ୍ଷ ଯଶରାଜ ଘେଶାସଙ୍କ ନେତୃତ୍ୱରେ ଦେଶର ୭ଟି ରାଜ୍ୟରେ ଜନଜାତି କୃଷକଙ୍କୁ ଜୈବିକ କୃଷି ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ କାର୍ଯ୍ୟ କରୁଛି।

## ଗଞ୍ଜାମ ଜିଲାରେ ନାହାନ୍ତି ୭୪୦ ଡାକ୍ତର, ସ୍ୱାସ୍ଥ୍ୟସେବା କାମଚଳା

ଛତ୍ରପୁର,୨୦।୭ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାରେ ସ୍ୱାସ୍ଥ୍ୟ ସେବା ଏକ ପ୍ରକାର କାମ ଚଳାରେ ଚାଲିଛି। ଜିଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ ଥିଲେ ମଧ୍ୟ ଡାକ୍ତରଙ୍କ ଠାରୁ ଆରମ୍ଭ କରି ନର୍ସ, ଫାର୍ମାସିଷ୍ଟ ଆଦି ବିଭିନ୍ନ ଷ୍ଟାଫର ଅଭାବ ରହିଛି। ବିଶେଷକରି ଜିଲାରେ ଡାକ୍ତର ଅଭାବ ସ୍ୱାସ୍ଥ୍ୟ ସେବାକୁ ଅଧିକ ପ୍ରଭାବିତ କରିଛି। ଜିଲାର ୬୮.୭୧ ପ୍ରତିଶତ ଡାକ୍ତର ପଦବୀ ଖାଲିପଡିଛି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ଗଞ୍ଜାମ ଜିଲାପରିଷଦଙ୍କୁ ଦେଇଥିବା ତଥ୍ୟରୁ ଏହା ଜଣାଯାଇଛି। ଏଥିରୁ ଜଣାଯାଇଛି ଯେ ଗଞ୍ଜାମ ଜିଲାରେ ୧୦୭୭ ଡାକ୍ତର ରହିବା କଥା ତେବେ ଏଥିରୁ ୩୩୭ ଡାକ୍ତର ରୋଗୀ ସେବା ଯୋଗାଇ ଦେଉଛନ୍ତି। ୭୪୦ ଡାକ୍ତର ପଦବୀ ଖାଲି ପଡିଛି। ଆହୁରି ଜଣାଯାଇଛି ଯେ ଜିଲାରେ ୬୩୭ ରୁ ୪୨୪ ନର୍ସ ପଦବୀ ମଧ୍ୟ ଖାଲି ରହିଛି ସେହିପରି ୧୦ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ୧୧୧ ଫାର୍ମାସିଷ୍ଟ,୧୦୨୪ ବିଭିନ୍ନ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ ଅଧିକାରୀ, ୨୮ ରେଡ଼ିଓଗ୍ରାଫର, ୪୧ ଲ୍ୟାବ ଟେକନିସିଆନ, ୩ ପିଏଚଇଓ, ୪ ଓପଲାମିକ ଆସିଷ୍ଟାଣ୍ଟ ପଦବୀ ଖାଲି ରହିଛି। ଜିଲାରେ ୫୨.୪୮ ପ୍ରତିଶତ ସ୍ୱାସ୍ଥ୍ୟ ବିଭାଗରେ ବିଭିନ୍ନ ପଦବୀ ଖାଲି ପଡିଛି। ଜିଲାର ହେଡକ୍ୱାର୍ଟର ଛତ୍ରପୁର ହୋଇ ମଧ୍ୟ ବ୍ରହ୍ମପୁରରେ ଜିଲା ହେଡକ୍ୱାର୍ଟର ହସ୍ପିଟାଲ ସିଟି ହସ୍ପିଟାଲ ରହିଛି। ଜିଲାରେ ଛତ୍ରପୁର, ଭଞ୍ଜନଗର, ଆସିକା ଓ ହିଞ୍ଜିଳିରେ ଉପଖଣ୍ଡ ହସ୍ପିଟାଲ ରହିଥିବାବେଳେ ୨୮ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୯୩ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୮ ୟୁପିଏଚ୍‌ସି ଓ ୪୬୦ ସବ୍ ସେଣ୍ଟର ରହିଛି। ଏହାର ଭିତ୍ତିଭୂମି ଭଲ ରହିଛି। ସ୍ୱତନ୍ତ୍ର ନିଉ ବର୍ଣ୍ଣ କେୟାର ୟୁନିଟ ଛତ୍ରପୁର, ଆସିକା ଓ ହିଞ୍ଜିଳି ହସ୍ପିଟାଲରେ ନ ଥିବାବେଳେ ହିଞ୍ଜିଳି ଓ ଛତ୍ରପୁର ହସ୍ପିଟାଲରେ ନ୍ୟାସନାଲ ରିହାବିଲେଟେସନ ସେଣ୍ଟର ନାହିଁ। ଅପରପକ୍ଷରେ ଏମ୍‌କେସିଜି ହସ୍ପିଟାଲ, ସିଟି ହସ୍ପିଟାଲ, ଛତ୍ରପୁର, ଭଞ୍ଜନଗର, ହିଞ୍ଜିଳି ଓ ଆସିକାରେ ମୃତଦେହ ବ୍ୟବଚ୍ଛେଦ ସେଣ୍ଟର ରହିଥିବାବେଳେ ୨୮ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବରୁ ଏହି ସେଣ୍ଟର କାର୍ଯ୍ୟକ୍ଷମ ହୋଇ ପାରୁନାହିଁ।

## ସଂକ୍ଷେପରେ

### ପୌର କନିଷ୍ଠ ଯନ୍ତ୍ରୀ ନିଲମ୍ବିତ

ବ୍ରହ୍ମପୁର,୨୦।୭(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) କନିଷ୍ଠ ଯନ୍ତ୍ରୀ ଅମନ କୁମାର ପଣ୍ଡାଙ୍କୁ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ନିଲମ୍ବିତ କରିଛନ୍ତି। ଯନ୍ତ୍ରୀ ସରକାରୀ କାର୍ଯ୍ୟରେ ଅବହେଳା ଓ ବିଶୃଙ୍ଖଳା ଆଚରଣ କାରଣରୁ ତାଙ୍କୁ ନିଲମ୍ବିତ କରାଯାଇଥିବା ବିଭାଗ ପକ୍ଷରୁ ପ୍ରକାଶିତ ଚିଠିରେ ଉଲେଖ ରହିଛି। ସେ ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଅଧିନରେ ରହିବେ। ଯନ୍ତ୍ରୀ ବିନା ଅନୁମତିରେ ମୁଖ୍ୟ କାର୍ଯ୍ୟାଳୟ ଛାଡିବେ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି। ଗତ ମାସ ୧୩ ତାରିଖ ସନ୍ଧ୍ୟାରେ ଠିକାଦାରଙ୍କ ବିଲ ପାସକୁ ନେଇ କନିଷ୍ଠ ଯନ୍ତ୍ରୀ ନିର୍ବାହୀ ଯନ୍ତ୍ରୀ ନାଗେଶ୍ୱର ସୁବୁଦ୍ଧିଙ୍କୁ ଗାଳି ଗୁଲଜ କରିବା ସହ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ନିର୍ବାହୀ ଯନ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବନ କରିବା ପାଇଁ ବିଏମସି ପକ୍ଷରୁ ବିଭାଗକୁ ଅବଗତ କରାଯାଇଥିଲା। ଏହାପରେ ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ନ୍ୟାଶନାଲ କିକ୍‌ବକ୍ସିଂ ପ୍ରତିଯୋଗିତା: ଓଡ଼ିଶାର ପ୍ରମୋଦଙ୍କୁ ରୌପ୍ୟ

ଗଞ୍ଜାମ,୨୦।୭(ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲ୍ଲାରୁ ଓଡିଶା ପାଇଁ ପ୍ରତିନିଧିତ୍ୱ କରି କୋଚ ଜି. ପ୍ରମୋଦ ଅପାତ ନ୍ୟାଶନାଲ କିକ୍ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଛତିଶଗଡ଼ର ରାଇପୁରଠାରେ ଅନୁଷ୍ଠିତ ନ୍ୟାଶନାଲ କିକ୍ ବକ୍ସିଂ ପ୍ରତିଯୋଗିତାରେ ଦିଲ୍ଲୀ, କର୍ନାଟକ ଓ କେରଳର ସିନିଅର କୋଚମାନଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା । ଓଡିଶାରୁ କୋଚ ପ୍ରମୋଦ ଅପାତ ପ୍ରତିନିଧିତ୍ୱ କରି ସମସ୍ତ ବର୍ଗରେ ଉନ୍ନତ ଖେଳ ପ୍ରଦର୍ଶନ କରି ଫାଇନାଲକୁ ପ୍ରବେଶ କରିଥିଲେ । କେରଳ ସହ ଫାଇନାଲ ମ୍ୟାଚରେ ପ୍ରମୋଦ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିଲେ।

### ପୋଖରୀରୁ ମୃତଦେହ ଜବତ

ଦିଗପହଣ୍ଡି,୨୦।୭(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ପୋଖରୀରୁ ରବିବାର ଅପରାହ୍ନରେ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ପଦ୍ମନାଭପୁର ମେଳା ମଣ୍ଡପସାହିର ଲକ୍ଷ୍ମଣ ସାହୁ (୬୫)। ଲକ୍ଷ୍ମଣ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଅସାବଧାନତା ହେତୁ ପୋଖରୀର ଗଭୀର ପାଣି ଭିତରକୁ ସେ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କ ସନ୍ଧାନ ନ ମିଳିବାରୁ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପୋଖରୀରେ ଦୀର୍ଘ ସମୟ ଧରି ଖୋଜି ଚେତାଶୂନ୍ୟ ଅବସ୍ଥାରେ ଲକ୍ଷ୍ମଣଙ୍କୁ ପାଣିରୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଗପହଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ମନ୍ତ୍ରୀଙ୍କ ପ୍ରତିନିଧି ହେଲେ ବିନୋଦ

ଗୋପାଳପୁର,୨୦।୭(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ପରିଷଦରେ ରାଜ୍ୟ ଖଣି ଇସ୍ପାତ ଓ ପରିବହନ ମନ୍ତ୍ରୀ ତଥା ଗୋପାଳପୁର ବିଧାୟକ ବିଭୂତି ଭୂଷଣ ଜେନାଙ୍କ ପ୍ରତିନିଧି ଭାବେ ଗୋଳନ୍ଥରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଜିଲାପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ରଙ୍କୁ ରବିବାର ମନୋନୀତ କରାଯାଇଛି। ଏନେଇ ମନ୍ତ୍ରୀଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଏହା ପୂର୍ବର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରଦିପ ପଣ୍ଡାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଛତ୍ରପୁର,୨୦।୭ (ସନ୍ତୋଷ ପାଢ଼ୀ)

ଚମାଖଣ୍ଡି ଥାନା ଅଧୀନ ବଣବୁଲାପଲି ଗାଁର ଭିକାରି ଦାସ ପୋଖରୀରେ ଗାଧୋଉଥିବା ବେଳେ ତାଙ୍କର ଗୋଡ଼ ଖସିଯାଇଥିଲା। ସେଠାରେ ବୁଡ଼ିଯାଇ ଭିକାରୀଙ୍କର ମୃତ୍ୟୁ ହୋଇଛି। ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଚମାଖଣ୍ଡି ଥାନା ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ହସ୍ପିଟାଲକୁ ପଠାଇଥିଲା।

# ଅନିୟମିତ ବୃଷ୍ଟିପାତ, ଜଳସେଚନ ପାଇଁ ଚିନ୍ତା

ବ୍ରହ୍ମପୁର,୨୦।୭(ଅଶୋକ କୁମାର ସାହୁ)



କନିଷି ଶାଖା କେନାଲ ମରାମତି ହୋଇନାହିଁ।

ମୌସୁମୀ ଠିକ ସମୟରେ ଆସିଥିବାବେଳେ ଗଞ୍ଜାମ ଜିଲାରେ ସେଭଳି ବଡ ଧରଣର ବର୍ଷା ନାହିଁ। ବର୍ଷାରେ ଅନିୟମିତତା ଲାଗି ରହିଥିବାରୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଜଳସେଚନ ଲାଗି ଚିନ୍ତା ପ୍ରକଟ କରାଯାଇଛି। ତଥାପି ତଳମୁଣ୍ଡରେ କିଭଳି ପାଣି ପହଞ୍ଚିବ ସେଥିପାଇଁ ବିଭାଗ ନିଜକୁ ପ୍ରସ୍ତୁତ କରିବାରେ ଲାଗିଛି। ଜିଲାରେ ୨୦୨୪ ଜୁନ୍‌ରେ ହରାହାରି ୧୨୦.୮୮ ମିମି ବର୍ଷା ହୋଇଥିବାବେଳେ ଜୁଲାଇରେ ୨୫୬.୬୭ ମିମି ବର୍ଷା ହୋଇଥିଲା। କିନ୍ତୁ ଚଳିତବର୍ଷ ଜୁନ ମାସରେ ୧୫୩.୮୮ ମିମି ବର୍ଷା ହୋଇଥିବାବେଳେ ଜୁଲାଇ ୨୦ ସୁଦ୍ଧା ୮୮.୦୫ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଆଉ ୧୦ ଦିନ ଗଲେ ଜୁଲାଇ ସରିବ। ରୁଆ ସମୟ ଆସିଯାଇଥିବାରୁ ଜଳସେଚନକୁ ନେଇ ଚାଷୀ ଚିନ୍ତିତ ହୋଇପଡିଛନ୍ତି। ଜିଲାର ୩ ଜଳସେଚନ ବିଭାଜନ ମଧ୍ୟରୁ ବ୍ରହ୍ମପୁର ଜଳସେଚନ ବିଭାଜନ ହାତରେ ରଷିକୁଲ୍ୟା ଭଳି ବୃହତ ଜଳସେଚନ ପ୍ରକଳ୍ପ ରହିଛି। ୩୬୨ କିମି କେନାଲ ଦ୍ୱାରା ୪୧ ହଜାର ୭୫୮ ହେକ୍ଟର ଜମିକୁ ଜଳସେଚନ କରିବାର ଏହି ପ୍ରକଳ୍ପର କ୍ଷମତା ରହିଛି। ସେହିପରି ଜୟମଙ୍ଗଳ ପ୍ରକଳ୍ପରୁ ୧୪୨ କିମି କେନାଲ ଦ୍ୱାରା ୭୩୫୦ ହେକ୍ଟର ଜମିକୁ ଜଳସେଚିତ କରାଯିବ। ହିରାଧରବାଟି ପ୍ରକଳ୍ପରୁ ୮୭ କିମି କେନାଲ ଜରିଆରେ ୬୩୧୦ ହେକ୍ଟର ଜମିକୁ ଜଳ ମିଳିବ। ଏଥି ସହିତ ଧନେଇ ପ୍ରୋଜେକ୍ଟରୁ ୬୪ କିମି କେନାଲରେ ଖରିଫ ପାଇଁ ୪୭୨୦ ଓ ରବି ପାଇଁ ୧୪୨୦ ହେକ୍ଟରକୁ ପାଣି ଯୋଗାଇବା ଭଳି ସୁବିଧା ରହିଛି। ବିଶେଷ କରି ମୂଳ କେନାଲରୁ ଡିଷ୍ଟ୍ରିବ୍ୟୁଟାରୀ ଦ୍ୱାରା ପାଣି ଆସିବା ପରେ ସେଥିରୁ ମାଇନର, ସବ୍ ମାଇନର ଓ ଆଉଟଲେଟ(ଶାଖା କେନାଲ) ଦ୍ୱାରା ଜମିକୁ ପାଣି ଯୋଗାଣ ହେଉଛି। କେନାଲଗୁଡିକର ସଫେଇ ଓ ମରାମତି ପାଇଁ ବାର୍ଷିକ ୫ କୋଟି ଟଙ୍କା ଅନୁଦାନ ମିଳୁଥିବାବେଳେ ଜୁଲାଇ ଅଧା ହେବାକୁ ବସିଲାଣି ଅନେକ କେନାଲର ସଫେଇ ଓ ମରାମତି କାମ ସରିନାହିଁ। ବ୍ରହ୍ମପୁର ଜଳସେଚନ ବିଭାଗ ଅଧୀନ ରଷିକୁଲ୍ୟା ବୃହତ ଜଳସେଚନ ପ୍ରକଳ୍ପର ୧୦ ନଂ. ଡିଷ୍ଟ୍ରିବ୍ୟୁଟାରୀ କନିଷି ଶାଖା କେନାଲ ଲଟାବୁଦାରେ ପରିପୂର୍ଣ୍ଣ ହୋଇପଡିଛି। ଗତବର୍ଷ ଏହି କେନାଲ ପାଣି ତଳମୁଣ୍ଡରେ ପହଞ୍ଚି ପାରିନଥିବା ଅଭିଯୋଗ ହୋଇଥିଲା। ତେଣୁ ଏହାକୁ ଗୁରୁତ୍ୱର ସହିତ ଦେଖାଯାଉଛି ବୋଲି ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା ବେଳେ ଜଣାପଡିଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ନଳିନ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଲେ ଯେ, ଚଳିତବର୍ଷ ୬୫ ହଜାର ୧୩୮ ହେକ୍ଟରକୁ ପାଣି ଯୋଗାଇ ଦିଆଯିବା ଯୋଜନା ରହିଛି, ଯାହାକି ଜିଲାର ଏକ ବଡ଼ ଅଂଶ। ଗତବର୍ଷ ମଧ୍ୟ ସେୟା ଥିଲା। ବର୍ତ୍ତମାନ ଯେଉଁ ପରିମାଣରେ ବର୍ଷା ହୋଇଛି ସେଥିରେ କୌଣସି ଜଳଭଣ୍ଡାର ପୂର୍ଣ୍ଣ ହୋଇପାରିନାହିଁ। ତେଣୁ ସବୁ ବର୍ଷା ଉପରେ ନିର୍ଭରଶୀଳ। ଆଉ ଦିନେ ଦୁଇ ଦିନ ଭିତରେ କେନାଲ ସଫେଇ ସରିବ। ଚାଷୀ କିଭଳି ଜଳ ପାଇବେ ସେଥିନେଇ ବିଭାଗ ନିଜକୁ ପ୍ରସ୍ତୁତ ରଖିଛି ବୋଲି ସେ କହିଛନ୍ତି।

# ନାବାଳିକା ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର,୨୦।୭(ସୁବାସ ଚନ୍ଦ୍ର ପାଢ଼ୀ)

ଜନୈକା ନାବାଳିକା ଅପହରଣ କରି ବଳାତ୍କାର ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଗୋଳନ୍ଥରା ଥାନା ପଞ୍ଚମା ଗ୍ରାମର ରାଜେଶ ଦାସ(୨୧)ଙ୍କୁ ଗିରଫ କରିଛି। ପୋଲିସ ଉଭୟ ପିଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିଛି। ମାମଲା ନଂ. ୩୧୫/୨୫ ରେ ରାଜେଶଙ୍କୁ ରବିବାର କୋର୍ଟ ଚାଲାଣ କରିଛି। କୋର୍ଟରେ ପିଡ଼ିତଙ୍କ ବୟାନ ରେକର୍ଡ କରାଯାଇଛି। କୋର୍ଟ ନିର୍ଦ୍ଦେଶରେ ପିଡ଼ିତା ବର୍ତ୍ତମାନ ଗୋଷାଣୀନୂଆଗାଁ ସ୍ଥିତି ଉତ୍କଳ ବାଳାଶ୍ରମରେ ରହିଛନ୍ତି। ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିବା ଜନୈକା ୧୭ ବର୍ଷିଆ ନାବାଳିକା ଜଣେ ଆଇଟିଆଇ ଛାତ୍ରୀ। ଅଭିଯୁକ୍ତ ରାଜେଶ ଜଣେ ରଙ୍ଗ ମିସ୍ତ୍ରି। ସେ ଉକ୍ତ ଛାତ୍ରୀଙ୍କୁ ପ୍ରଲୋଭିତ କରି ଗତ ଜୁନ ୨୪ ତାରିଖରେ ଅପହରଣ କରି ନେଇଥିଲେ। । ଉକ୍ତ ନାବାଳିକାଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିଲା। ନିକଟରେ ରାଜେଶ ଉକ୍ତ ନବଳିକାଙ୍କୁ ନେଇ ନିଜ ଘରକୁ ଫେରିଥିବା ଜାଣି ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ରାଜେଶ କଲିକତା ନେଇଯାଇଥିଲେ। ସେଠାରେ ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିଲେ। ଉଦ୍ଧାର ହେବା ପରେ ପିଡ଼ିତା ଛାତ୍ରୀ ଏନେଇ ପୋଲିସ ନିକଟରେ ନିଜ ବୟାନରେ ଦର୍ଶାଇଥିଲେ।

# କାବ୍ୟଧାରାର ନିପୁଣ ସ୍ରଷ୍ଟା ବିପିନ ନାୟକ



ମଞ୍ଚ ପକ୍ଷରୁ ବିପିନ ନାୟକଙ୍କୁ ସମ୍ବର୍ଦ୍ଧନା।

ବ୍ରହ୍ମପୁର,୨୦।୭(ସ୍ମୃତି ରଞ୍ଜନ ମହାଲିକ)

କବି ବିପିନ ନାୟକ ପାଠକ ମଂଚ ପକ୍ଷରୁ ରବିବାର ଜନାନା ହସ୍ପିଟାଲ ରୋଡ ସ୍ଥିତ ଏକ ହୋଟେଲରେ ବିପିନ ନାୟକଙ୍କ ହୀରକ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଇଂରାଜୀ ପ୍ରାଧ୍ୟାପକ ଇ.ରାଜା ରାଓ, କବି ନିଖିଳାନନ୍ଦ ପାଣିଗ୍ରାହୀ, କବି ଭବାନୀ ପାଟ୍ଟଯୋଶୀ, ନାଟ୍ୟକାର ଇଂ. ଯାମିନୀକାନ୍ତ ଦାସ, ରାଜନୀତି ବିଜ୍ଞାନ ଚିନ୍ତକ ଡ. ଅମୂଲ୍ୟ କୁମାର ତ୍ରିପାଠୀ, କବି ଡ. କୁଳମଣି ଓଝା, କବି ପ୍ରଶାନ୍ତ ଦାସ, କବି ମନୋରଞ୍ଜନ ପାଣିଗ୍ରାହୀ, ସମାଲୋଚିକା ଡ ଉଷା ରଥ, ସମାଲୋଚକ ଡ. ହୃଷିକେଶ ପଣ୍ଡା, ଡ ନଳିନୀ କୁମାର ପାଣିଗ୍ରାହୀ, ବିଏମସି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ବୁଗୁଡା ଜନତା ମହାବିଦ୍ୟାଳୟ ଅଧକ୍ଷ ଡ. ପୁରୁଷୋତ୍ତମ ମିଶ୍ର ପ୍ରମୁଖ ଅତିଥି ଥିଲେ। ବିପିନ ନାୟକ ଥିଲେ ଉତ୍ତର ଆଧୁନିକ କାବ୍ୟ ଧାରାର ପ୍ରତିଭାଦୀପ୍ତ ନିଆରା ନିପୂଣ କାବ୍ୟ ସ୍ରଷ୍ଟା। ଦୀର୍ଘ ୪ ଦଶକର ଅବାରିତ କାବ୍ୟ ସାଧନା ଓ ତାଙ୍କ ରଚିତ କବିତା ଆଧୁନିକ ଓଡିଆ କବିତାର ଉଭୟ ଅଙ୍ଗ ଏବଂ ଆତ୍ମାକୁ ସୌନ୍ଦର୍ଯ୍ୟ, ସୁଶଭି ଓ ସୁରଭିସିକ୍ତ କରିଛି ବୋଲି କବି ଓ ଆଲୋଚକ କହିଥିଲେ। ଏହି ଅବସରରେ କବି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆବାହାକ କେ. ଶ୍ୟାମ ବାବୁ ଦୋରା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। କବି ବସନ୍ତ ବେହେରା ଓ ସ୍ୱସ୍ତି ସୁନ୍ଦର ରଥଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା। ଡ ପୁରୁଷୋତ୍ତମ ମିଶ୍ର, ଡା ଦିଲୀପ ବେହେରା, କଲ୍ୟାଣୀ ସଂଘମିତ୍ରା ଓ ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ କବି କବିତା ଆବୃତି କରିଥିଲେ।

# ଥାଇରଏଡ୍ ଉପରେ ରାଜ୍ୟସ୍ତରୀୟ ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର, ୨୦।୭( ସୁବାସ ଚନ୍ଦ୍ର ପାଢ଼ୀ)

୫ମ ଦକ୍ଷିଣ ଓଡ଼ିଶା ଥାଇରଏଡ ସିମ୍ପୋଜିୟମ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ, ଏମକେସିଜି ଆଇଏମଏ ହଲରେ ରବିବାର ଉଦଘାଟିତ ହୋଇଛି। ଏହି ସମ୍ମିଳନୀ ବ୍ରହ୍ମପୁରର ସ୍ୱାସ୍ଥ୍ୟ ସଦନର ପରାମର୍ଶଦାତା ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡା. ସୁନୀଲ କୁମାର କୋଟାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଡା. ନିହାର ରଞ୍ଜନ ସାହୁ ବୈଜ୍ଞାନିକ ସଚିବ ଥିଲେ। ଏମକେସିଜି ମେଡିକାଲ କଲେଜର ଅଧୀକ୍ଷକ ଡା. ଦୁର୍ଗା ମାଧବ ଶତପଥୀ ମୁଖ୍ୟ ଅତିଥି, ଆଇଏମଏ, ବ୍ରହ୍ମପୁରର ସଭାପତି ଡା. ପି. କେ.କର, ଡା. କେ.କେ. ପାଣିଗ୍ରାହି, ସଚିବ, ଆଇଏମଏ, ବ୍ରହ୍ମପୁର, ଡା. ଲଳିତ କୁମାର ମେହେର, ବରିଷ୍ଠ ଭେଷଜ ପ୍ରଫେସର ଏବଂ ଡା. ଅଯୋଧ୍ୟା ନାଥ ପାଢ଼ୀ, ଆଇଏମଏସ ଏବଂ ସୋମ ହସ୍ପିଟାଲ ଶୀତଳପାଲ୍ଲୀର ଅଧୀକ୍ଷକ ସମ୍ମାନିତ ଅତିଥି ଥିଲେ। ଭାରତ ସମେତ ସାରା ବିଶ୍ୱରେ ଥାଇରଏଡ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଥାଇରଏଡ ଗ୍ରନ୍ଥି ଆମ ଶରୀରରେ ଏକ ବ୍ୟାଟେରୀ ଭଳି କାମ କରିଥାଏ, ଯାହା ବିଭିନ୍ନ ଅଙ୍ଗକୁ ଶକ୍ତି ଯୋଗାଇଥାଏ। ମହିଳା, ବୃଦ୍ଧ, ମଧୁମେହ, ଉଚ୍ଚ ରକ୍ତଚାପ, ଡିସଲିପିଡେମିଆ, ଡିପ୍ରେସନ ଥିବା ବ୍ୟକ୍ତିମାନେ ଏହି ରୋଗର ଶିକାର ହୁଅନ୍ତି। ତେଣୁ ଥାଇରଏଡ ରୋଗ ଥିବା ଲୋକଙ୍କ ପାଇଁ ଡାକ୍ତର ଯତ୍ନବାନ ହେବା ଗୁରୁତ୍ୱପୂର୍ଣ୍ଣ। ଦକ୍ଷିଣ ଓଡ଼ିଶାର ଡାକ୍ତରମାନଙ୍କ ପାଇଁ ଏହି ପ୍ରକାରର ବୈଜ୍ଞାନିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଡା.ଏଲ.କେ.ମେହେର, ଡା.ସୁନୀଲ କୋଟା ଏବଂ ଡା.ନିହାର ସାହୁଙ୍କ ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ମୁଖ୍ୟ ଅତିଥି କହିଥିଲେ। ସମଗ୍ର ଓଡ଼ିଶାର ବିଭିନ୍ନ ମେଡିକାଲ ବିଭାଗର ବିଶେଷଜ୍ଞମାନଙ୍କ ଦ୍ୱାରା ଥାଇରଏଡ ରୋଗ ଏବଂ ଏହାର ପରିଚାଳନା ଭିତ୍ତିକ ବିଭିନ୍ନ ଦିଗ ଉପରେ ମୋଟ ୨୬ ବିଷୟରେ ଆଲୋଚନା କରାଯାଇଛି। ଏହି ଦିନିକିଆ ବୈଜ୍ଞାନିକ କାର୍ଯ୍ୟକ୍ରମରେ ମୋଟ ୩୦୦ ଡାକ୍ତର ଯୋଗ ଦେଇଥିଲେ।

# ୨ ମନ୍ଦିରରୁ ଚୋରି ଘଟଣା: ୬ ଅଟକ

ବ୍ରହ୍ମପୁର/ଛତ୍ରପୁର,୨୦।୭ (ଅଶୋକ କୁମାର ସାହୁ/ଦିଲୀପ ସାମଲ)

ଛତ୍ରପୁର ଉପକଣ୍ଠରେ ଥିବା ଦୁଇଟି ମନ୍ଦିରରୁ ଚୋରି ଘଟଣାରେ ଶନିବାର ରାତିରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ଜଣଙ୍କୁ ଧରିଆଣି ଅଟକ ରଖିଛି। ଗତ ୧୭ ତାରିଖରେ ଛତ୍ରପୁର ଥାନା ଅନ୍ତର୍ଗତ ଉଜ୍ଜଳେଶ୍ୱରୀ ମନ୍ଦିରରୁ ୩ଟି ରୁପା ମୁକୁଟ ସହ ହୁଣ୍ଡିରୁ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି କନକଦୁର୍ଗା ମନ୍ଦିରରେ ହୁଣ୍ଡି ଭାଙ୍ଗି ଟଙ୍କା ନେବା ସହିତ ମା'ଙ୍କ ରୁପା ମୁକୁଟ ମଧ୍ୟ ଚୋରି ହୋଇଥିଲା। ପୂଜକଙ୍କୁ ଚୋରମାନେ ଆକ୍ରମଣ କରିଥିଲେ। ଛତ୍ରପୁର ଓ ଚମାଖଣ୍ଡି ଥାନା ପୋଲିସ ଛତ୍ରପୁରର ବିଭିନ୍ନ ସୁନା ଦୋକାନରେ ଶନିବାର ଓ ରବିବାର ଚଢ଼ାଉ କରି ଚୋରିର ଅନୁଧ୍ୟାନ କରିଛି। ସିସିଟିଭି ଯାଞ୍ଚ କରି ତଦନ୍ତ ଜାରି ରଖିଥିବା ପୋଲିସ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଅଟକ ବ୍ୟକ୍ତିମାନଙ୍କ ନାମ ପ୍ରକାଶ କରିବାକୁ ମନା କରିଦେଇଛି।

# ପିଲାଙ୍କୁ ଛୋଟ ବେଳୁ ଶିକ୍ଷା ଦେବା ଉଚିତ

ବ୍ରହ୍ମପୁର, ୨୦।୭( ସୁବାସ ଚନ୍ଦ୍ର ପାଢ଼ୀ)

**୧୩୫ ମେଧା ବିଦ୍ୟାର୍ଥୀ ପ୍ରତିଭା ସମ୍ବର୍ଦ୍ଧିତ**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସଫଳତା କେବଳ ଯେ ଶିକ୍ଷା କ୍ଷେତ୍ରରେ ପ୍ରଯୁଜ୍ୟ ତାହା ନୁହେଁ, ବରଂ ସବୁକ୍ଷେତ୍ରରେ ନିଜର କିଛି ପାରଦର୍ଶିତା ପ୍ରଦର୍ଶନ କରିବା ହେଉଛି ସଫଳତାର ଅନ୍ୟ ଏକ ଦିଗ। ଯିଏ ଯେତେବଡ ପଦ ପଦବୀରେ ଥାଆନ୍ତୁ ଏବଂ ଯେତେ ରୋଜଗାର କରିଲେ ମଧ ପରିବାର ପ୍ରତି ଆସକ୍ତି ରହିବାର ଆବଶ୍ୟକତା ରହିଛି। ଏ ଦିଗରେ ଅଭିଭାବକମାନେ ନିଜ ପିଲାମାନଙ୍କୁ ପିଲାଟି ବେଳରୁ ଶିକ୍ଷା ଦେବା ଉଚିତ। ଯଦ୍ୱାରା ପରିବାରର ଜୀବନ ସାର୍ଥକ ହେବା ସହ ଜାତି ଏବଂ ମାଟି ପ୍ରତି ମମତା ବୃଦ୍ଧି ପାଇପାରିବ ବୋଲି ରବିବାର ପୁରୁଣା ବ୍ରହ୍ମପୁର ରଙ୍ଗୁଣୀବନ୍ଧ ସାହିସ୍ଥିତ ଖଡୁରା କଲ୍ୟାଣ ମଣ୍ଡପରେ ଅୟୋଜିତ ନିଖିଳ ଉତ୍କଳ ଖଡୁରା ସମାଜ କଲ୍ୟାଣ ପରିଷଦର ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ.ସିଦ୍ଧାର୍ଥଶଙ୍କର ପାଢୀ ମତବ୍ୟକ୍ତ କରିଛନ୍ତି। ପରିଷଦର ରାଜ୍ୟ ଉପସଭାପତି ତଥା ବ୍ରହ୍ମପୁର ଖଡୁରା ସମାଜ କଲ୍ୟାଣ ପରିଷଦର ସଭାପତି ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଡାକ୍ତର ନିରଞ୍ଜନ ନାୟକ ଆଗକୁ ବଢିବାକୁ ହେଲେ ପିତା-ମାତାଙ୍କ ଆଜ୍ଞାଧୀନ ହେବାକୁ ପରାମର୍ଶ ଦେଇଥିଲେ। ଖଡୁରା ସମାଜର ରାଜ୍ୟ ସଭାପତି ଗିରିଶଚନ୍ଦ୍ର ନାୟକ, ସମ୍ପାଦକ ପ୍ରସନ୍ନକୁମାର ନାୟକ, କୋଷାଧକ୍ଷ ଦେବରାଜ ନାୟକ, ନିଖିଳ ଉତ୍କଳ ଖଡୁରା ସମାଜ କଲ୍ୟାଣ ପରିଷଦ ବ୍ରହ୍ମପୁର ଶାଖା ସମ୍ପାଦକ ପ୍ରଶାନ୍ତକୁମାର ନାୟକ, ଉପସଭାପତି ଦଣ୍ଡପାଣି ନାୟକ, କୋଷାଧକ୍ଷ ଶିବଶଙ୍କର ସେନାପତି, ଗଞ୍ଜାମ ସଂଯୋଜକ ଯୋଗେନ୍ଦ୍ର ନାୟକ, ଉପଦେଷ୍ଟା ଆପନା ମହାପାତ୍ର ଓ ବଦ୍ରିନାରାୟଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଗଞ୍ଜାମର ସମସ୍ତ ପେଣ୍ଠ ଏବଂ ବ୍ରହ୍ମପୁର ମହାନଗର ନିଗମରେ ଚଳିତ ମାଟ୍ରିକ ଏବଂ ଯୁକ୍ତଦୁଇ ପରୀକ୍ଷାରେ ସଫଳତାର ସହ କୃତିତ୍ୱହାସଲ କରିଥିବା ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ଉପଢୌକନ, ମାନପତ୍ର ଏବଂ ଉପହାର ଦେଇ ୧୩୫ ଜଣ ବିଦ୍ୟାର୍ଥୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିନେଟ ଗଠିତ

ବ୍ରହ୍ମପୁର,୨୦।୭(ସୁବାସ ଚନ୍ଦ୍ର ପାଢ଼ୀ)

ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ସିନେଟ ଗଠିତ ହେବା ସହ ନୂଆ ସଦସ୍ୟଙ୍କୁ ମନୋନୀତ କରାଯାଇଥିବା କୁଳସଚିବ ସଚ୍ଚିଦାନନ୍ଦ ନାୟକଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି। ସିନେଟର ସଭ୍ୟାସଭ୍ୟ ଭାବେ କୁଳପତି ପ୍ରଫେସର ଗିତାଞ୍ଜଳି ଦାଶଙ୍କ ସମେତ ଉଚ୍ଚ ଶିକ୍ଷା ବିଭାଗର ସଚିବ,ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଡ଼ଃ ଧରଣୀଧର ନନ୍ଦ, ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଶିକ୍ଷା ଏବଂ ପ୍ରଶିକ୍ଷଣ ବିଭାଗର ନିର୍ଦ୍ଦେଶକ , ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗର ନିର୍ଦ୍ଦେଶକ , ବ୍ରହ୍ମପୁର ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ, ଗଞ୍ଜାମ ଜିଲ୍ଲାପାଳ ,ଉଚ୍ଚ ଶିକ୍ଷା ବିଭାଗ ପରିଷଦର ଉପାଧ୍ୟକ୍ଷ, ଆଡ଼ୋଭେକେଟ ଜେନେରାଲ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦଦର ଅଧ୍ୟକ୍ଷ, ୨୪ ସ୍ନାତକୋତ୍ତର ବିଭାଗର ବିଭାଗୀୟ ମୁଖ୍ୟ, ଅନ୍ୟତମ ସଦସ୍ୟ ଭାବେ ବ୍ରହ୍ମପୁର ଲୋକସଭା ସାଂସଦ ଡ଼. ପ୍ରଦିପ କୁମାର ପାଣିଗ୍ରାହୀ, ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ଦୁଇ ପ୍ରତିନିଧି କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ତଥା ଅବସରପ୍ରାପ୍ତ ପ୍ରଧାପକ ପ୍ରଫେସର ମଳୟ କୁମାର ମହାନ୍ତି, ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସୋସିଓଲୋଜି ବିଭାଗର ଅବସରପ୍ରାପ୍ତ ପ୍ରଧାପିକା ନବନୀତା ରଥ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଦୁଇ ମନୋନୀତ ପ୍ରତିନିଧି ଅଣଶିକ୍ଷକ କର୍ମଚାରୀ ଭାବେ ଯୁଗ୍ମ କୁଳସଚିବ ଡ଼. ବାବୁଜୀ ସାମଲ, ସହ କୁଳସଚିବ ଡ଼. ସରୋଜ କୁମାର ଦାଶ, ପୁରାତନ ଛାତ୍ର ପ୍ରତିନିଧି ସଦସ୍ୟ ଭାବେ ଅର୍ଗସର ସିଇଓ ପ୍ରକାଶ ଚନ୍ଦ୍ର ସାହୁ, ରାଜ୍ୟପାଳଙ୍କ ମନୋନୀତ ତିନି ଶିକ୍ଷାବିତ ସଦସ୍ୟ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ରୁଦ୍ର ପ୍ରସନ୍ନ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ସାଧାରଣ ପ୍ରଶାସନିକ ବିଭାଗର ପୂର୍ବତନ ପ୍ରଧାପିକା ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ବରିଷ୍ଠ ବୈଜ୍ଞାନିକ ଟିସଏସଆଇ ଆର (ଭୁବନେଶ୍ୱର) ପ୍ରଫେସର ମମତା ମହାପାତ୍ର ମନୋନୀତ ହୋଇଛନ୍ତି।ଏହି ସମସ୍ତ ସଦସ୍ୟଙ୍କ କାର୍ଯ୍ୟକାଳ ତିନିବର୍ଷ ରହିଥିବା ବିଜ୍ଞପ୍ତରୁ ଜଣାପଡିଛି।

# ୬ ସର୍କଲରେ ଟିପିଏସଓଡିଏଲର ୫୯୨୫ ଜଣିଆ ସ୍ୱତନ୍ତ୍ର ଟିମ

ବ୍ରହ୍ମପୁର,୨୦।୭(ସ୍ମୃତିରଞ୍ଜନମହାଲିକ)

ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ଟିପିଏସଓଡିଏଲ ପକ୍ଷରୁ ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କରାଯାଇଛି। କମ୍ପାନୀର ୬ ସର୍କଲରେ ଜରୁରୀକାଳୀନ ଯାନ ଓ ଅତିରିକ୍ତ ମାନବ ସମ୍ବଳ ସହ ୫୯୨୫ ଜଣିଆ ଟିମ ଗଠନ ହୋଇଛି। ୬ ଭ୍ରାମ୍ୟମାଣ ବିତରଣ ସବ ଷ୍ଟେସନ ଓ ୨ ଟାୱାର ୱାଗନ ମୁତୟନ କରାଯାଇଛି। ବିଦ୍ୟୁତ ଖୁଣ୍ଟ, କଣ୍ଡକ୍ଟର ଓ ଏଲଟି କେବୁଲ ଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ମହଜୁଦ ରହିଛି। ପ୍ରତି ଡିଭିଜନରେ ରାତ୍ରି କାଳୀନ ମରାମତି ପାଇଁ ୨୫ ଆସ୍କା ଲାଇଟ ଓ ୧୯ ଡିଜି ସେଟ ଉପଲବ୍ଧ ରହିଛି। ୨୫୨୯ ଇଣ୍ଟରପୋଲିଂ ଖୁଣ୍ଟ ସ୍ଥାପନ କରାଯାଇଛି। ଚଳିତ ବର୍ଷ ଡ୍ରୋନ ମାଧ୍ୟମରେ ୧୧ କେଭି ଓ ୩୩ କେଭି ବିଦ୍ୟୁତ ଲାଇନର ସର୍ଭେ କରାଯାଇଛି। ବ୍ରହ୍ମପୁରରେ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର, ରାୟଗଡ, ଭଞ୍ଜନଗର ଓ ଜୟପୁରରେ ଥିବା ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିଛି। ସ୍କାଡା ଟେକ୍ନୋଲୋଜି ମାଧ୍ୟମରେ ୧୭୮ ସବ ଷ୍ଟେସନର ରିଅଲ ଟାଇମ ନିରୀକ୍ଷଣ କରାଯାଉଛି। ୨୪ ଘଣ୍ଟିଆ ଟୋଲ ଫ୍ରି ନଂ-୧୯୧୨/୧୮୦୦୨୦୨୬ ସାହାଯ୍ୟରେ ଉପଭୋକ୍ତାଙ୍କ ଅଭିଯୋଗର ତୁରନ୍ତ ପ୍ରତିକାର କରାଯାଉଛି ବୋଲି ଟିପିଏସଓଡିଏଲ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି।

# ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ମାରିଥିଲେ ସାଙ୍ଗ

ଭୁବନେଶ୍ୱର,୨୦।୭(ସତ୍ୟଜିତ୍ ରାଉତ)

**ରାଜଧାନୀରେ ଇଟାରେ ଛେଚି ଯୁବକଙ୍କୁ ହତ୍ୟା ଘଟଣା**

- ଗଞ୍ଜାମରୁ ଅଭିଯୁକ୍ତ ଗିରଫ, ହତ୍ୟା ପରେ ଚୋରା ବାଇକ୍‌ରେ ପଳାଇଥିଲେ
- ମୃତକ ଓ ଅଭିଯୁକ୍ତ ହେଉଛନ୍ତି ଅଭ୍ୟାସଗତ ବାଇକ୍ ଚୋର



ନରହରି ନାୟକ

ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଦୁର୍ଗାମାଧବନଗରସ୍ଥିତ ସୋମନାଥ ବସ୍ତିରେ କୈଳାସ ନାୟକ ଓରଫ ମୁନ୍ନା (୨୦)ଙ୍କୁ ସିମେଣ୍ଟ ଇଟାରେ ଛେଚି ହତ୍ୟା ଘଟଣାରେ ପୋଲିସ ରହସ୍ୟ ଉନ୍ମୋଚନ କରିଛି। ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି ରବିବାର କମିଶନରେଟ୍ ପୋଲିସ କହିଛି। ଏଥିସହ ଅଭିଯୁକ୍ତ ନରହରି ନାଏକ (୨୪)ଙ୍କୁ ଭରତପୁର ପୋଲିସ ଗଞ୍ଜାମ ଜିଲା ତୁଳସିପାଲଲି ଅଞ୍ଚଳରୁ ଭଞ୍ଜନଗର ପୋଲିସ ସହାୟତାରେ ଗିରଫ କରିଛି। ନରହରିଙ୍କ ଘର ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜି. ନୂଆଗାଁରେ। ତାଙ୍କଠୁ ଗୋଟିଏ ବାଇକ, ଚେସିସ୍ ନମ୍ବର ଓ ନମ୍ବର ପ୍ଲେଟ୍ ବିହୀନ ଆଉ ଏକ ବଇକ, ରକ୍ତଲଗା ପୋଷାକ ଆଦି ଜବତ କରିଛି। ତାଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ନରହରିଙ୍କ ନାମରେ ଶ୍ରୀଲିଙ୍ଗରାଜ ଥାନାରେ ଗୋଟିଏ, ଭରତପୁର ଥାନାରେ ଗୋଟିଏ ଓ ଭଞ୍ଜନଗର ଥାନାରେ ୩ଟି ଚୋରି ମାମଲା ରହିଛି।

ପୋଲିସ ସୂଚନା ଅନୁଯାୟୀ, ମୃତ କୈଳାସ ରଙ୍ଗ ମିସ୍ତ୍ରି ଓ ଡ୍ରାଇଭର କାମ କରୁଥିଲେ। ୨୫ଦିନ ହେବ ମା'ଙ୍କ ସହ ସେ ଭୁବନେଶ୍ୱର ଆସି ସୋମନାଥ ବସ୍ତିରେ ଭଡା ଘରେ ରହିଥିଲେ। ସାଙ୍ଗ ନରହରି ମଧ୍ୟ ପ୍ରାୟ ସମୟରେ ଆସି ତାଙ୍କ ପାଖରେ ରହୁଥିଲେ। ନରହରି ଓ କୈଳାସ ଅଭ୍ୟାସଗତ ବାଇକ ଚୋର ହୋଇଥିବାବେଳେ ବହୁ ଚୋରା ବାଇକ ବିକ୍ରି କରିଛନ୍ତି। ଘରେ ରନ୍ଧା ହୋଇଥିବା ତରକାରି ସୁଆଦିଆ ହୋଇ ନ ଥିବାରୁ ଏହାକୁ ନେଇ ଗୁରୁବାର ସନ୍ଧ୍ୟାରେ କୈଳାସ ଓ ତାଙ୍କ ମା' ବେବିନା ଙ୍କ ମଧ୍ୟରେ ଝଗଡା ହୋଇଥିଲା। ପୁଅଠୁ ନାନା ପ୍ରକାର ଗାଳିଗୁଲଜ ପାଇ ବେବିନା ରାଗରେ ସ୍ଥାନୀୟ ଅଞ୍ଚଳରେ ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଥିଲେ। ଏହାପରେ ନରହରି ଓ କୈଳାସଙ୍କ ମଧ୍ୟରେ ଚୋରି ବାଇକ ବିକ୍ରି ଟଙ୍କାକୁ ନେଇ ଝଗଡା ହୋଇଥିଲା। ସେମାନେ ହାତାହାତି ହେବା ସହ ପରସ୍ପରକୁ ଆକ୍ରମଣ ହୋଇଥିଲେ। ଝଗଡା ପରେ କୈଳାସ ଶୋଇପଡ଼ିଥିଲେ। ଏହାପରେ ନରହରି ନିକଟରୁ ଏକ ବଡ଼ ଇଟା ଆଣି କୈଳାସଙ୍କୁ ଛେଚି ହତ୍ୟା କରିଥିଲେ। ପରେ ଭରତପୁର ଥାନା ଅଞ୍ଚଳରୁ ଉଭୟ ଚୋରି କରିଥିବା ବାଇକକୁ ନେଇ ନରହରି ଗଞ୍ଜାମ ଚାଲିଯାଇଥିଲେ। ଶୁକ୍ରବାର ସକାଳେ କୈଳାସଙ୍କ ମୃତଦେହ ଦେଖି ମାଲିକ କଲ୍ କରି ତାଙ୍କ ମା' ବେବିନାଙ୍କୁ ଜଣାଇଥିଲେ। ବେବିନା ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇ ଏତଲା ଦେଇଥିଲେ।

# ଭାରତରେ କିନ୍ନର ବେଶରେ ବାଂଲାଦେଶୀ

## ମୁମ୍ବାଇରେ ୨୦, ଭୋପାଳରେ ୮ ବର୍ଷ





ଅବ୍ଦୁଲ କଲାମ

ଭୋପାଳ, ୨୦।୭

ବାଂଲାଦେଶୀ ନାଗରିକ ଅବ୍ଦୁଲ କଲାମ ନିଜକୁ ଜଣେ କିନ୍ନର ଭାବେ ସଜାଇ ନକଲି ଦସ୍ତାବେଜ ସହ ୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମଧ୍ୟପ୍ରଦେଶର ଭୋପାଳରେ ରହୁଥିଲେ। ସ୍ଥାନୀୟ ଅଞ୍ଚଳରେ ନେହା ନାମରେ ପରିଚିତ ଉକ୍ତ କିନ୍ନର ଭାରତରେ ନିଜ ନାମରେ ଆଧାର କାର୍ଡ, ରାଶନ କାର୍ଡ ଏବଂ ପାସପୋର୍ଟ କରି ବିଭିନ୍ନ ଦସ୍ତାବିଜ୍ ବାହାର କରିଥିଲେ। ପୋଲିସ ତାଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣା ଦେଶର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୋପାଳର ବୁଧ୍‌ୱାରା ଅଞ୍ଚଳରୁ ଏହି ମାମଲା ସାମ୍ନାକୁ ଆସିଛି। ପୋଲିସ ନିଜ ସୂତ୍ରରୁ ନେହା ନାମ୍ନୀ ଜଣେ କିନ୍ନର ବାଂଲାଦେଶୀ ହୋଇଥିବା ଜାଣିବାକୁ ପାଇଥିଲା। ଏହାପରେ ତାଙ୍କୁ ଗିରଫ କରାଯାଇଥିଲା। ଅବ୍ଦୁଲ ମାତ୍ର ୧୦ ବର୍ଷ ବୟସରେ ଭାରତ ଆସିଥିଲେ। ମହାରାଷ୍ଟ୍ରର ମୁମ୍ବାଇରେ ୨୦ ବର୍ଷ ରହିବା ପରେ ସେ ଭୋପାଳ ଆସିଥିଲେ। ତଦନ୍ତରୁ ଜଣାପଡ଼ିଛି। ଭୋପାଳରେ ଥିବା ଅନେକ କିନ୍ନର ଗୋଷ୍ଠୀ ସହ ସେ ଜଡ଼ିତ ଥିଲେ। ଅବ୍ଦୁଲ ସ୍ଥାନୀୟ ଏଜେଣ୍ଟଙ୍କ ସହାୟତାରେ ନକଲି କାଗଜପତ୍ରର ବ୍ୟବହାର କରି ନିଜ ପାଇଁ ବିଭିନ୍ନ ଦସ୍ତାବିଜ ପ୍ରସ୍ତୁତ କରିଥିଲେ। ସେ ଭାରତୀୟ ପାସପୋର୍ଟକୁ ବ୍ୟବହାର କରି ବାଂଲାଦେଶ ସମେତ ଅନେକ ବାର ବିଦେଶ ଯାତ୍ରା ମଧ୍ୟ କରିଥିଲେ ବୋଲି ପୋଲିସ କହିଛି। ଅବ୍ଦୁଲ ବୁଧ୍‌ୱାରା ଅଞ୍ଚଳରେ ପ୍ରାୟତଃ ନିଜ ବାସସ୍ଥାନକୁ ପରିବର୍ତ୍ତନ କରୁଥିଲେ। ତାଙ୍କ ପାଇଁ ନକଲି ଦସ୍ତାବିଜ ତିଆରି କରିବା ଅଭିଯୋଗରେ ପୋଲିସ ୨ ଜଣ ସ୍ଥାନୀୟ ଲୋକଙ୍କୁ ଅଟକ ରଖିଛି। ଅବ୍ଦୁଲଙ୍କ ଫୋନ୍ କଲ୍ ଏବଂ ଚାଟ୍‌କୁ ନେଇ ମଧ୍ୟ ଯାଞ୍ଚ ଜାରି ରହିଛି। ମାମଲାକୁ ନେଇ ଭୋପାଳ ଏସିପି ଶାଳିନୀ ଦୀକ୍ଷିତ କହିଛନ୍ତି, ଅବ୍ଦୁଲ ଗତ ୮ରୁ ୧୦ ବର୍ଷ ଧରି ଭୋପାଳରେ ରହୁଥିଲେ। ତାଙ୍କ ବିରୋଧରେ ନିର୍ବାସନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜଣେ ଇନ୍‌ଫର୍ମରଙ୍କ ମାଧ୍ୟମରେ ସେ ବାଂଲାଦେଶୀ ହୋଇଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଅବ୍ଦୁଲଙ୍କ ଭଳି ଆଉ କେତେଜଣ ବାଂଲାଦେଶୀ ଭୋପାଳରେ ରହୁଛନ୍ତି, ସେନେଇ ସମ୍ପୃକ୍ତ ପୋଲିସର ତଦନ୍ତ ଜାରି ରହିଛି। ସେହିପରି ଅବ୍ଦୁଲ ଭାରତ ଏବଂ ବିଦେଶରେ କେଉଁ କେଉଁ ସ୍ଥାନ ପରିଦର୍ଶନ କରିଛନ୍ତି ଏବଂ ଏଥିପାଇଁ ସେ କାହା ସହ ଯୋଗାଯୋଗରେ ଥିଲେ ସେ ଦିଗରେ ମଧ୍ୟ ତଦନ୍ତ ଚାଲିଛି। ଅବ୍ଦୁଲ ପ୍ରକୃତରେ ଜଣେ କିନ୍ନର କି ନିଜ ବାଂଲାଦେଶୀ ପରିଚୟକୁ ଲୁଚାଇବା ପାଇଁ ସେ କିନ୍ନର ଭାବେ ଅଭିନୟ କରୁଥିଲେ ସେଥିପାଇଁ ଖୁବଶୀଘ୍ର ଡାକ୍ତରଙ୍କ ଦ୍ୱାରା ତାଙ୍କର ପରୀକ୍ଷାନିରୀକ୍ଷା କରାଯିବ ବୋଲି ଏସିପି ଶାଳିନୀ କହିଛନ୍ତି।

# ୩ ବର୍ଷରେ କଲରାପତରିଆ ବାଘ, ହାତୀ ସମେତ ୧୩ ପଶୁ ଶିକାର

ନୟାଗଡ଼,୨୦।୭(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡରେ ଗତ ୩ ବର୍ଷରେ ୫୩ ଜଙ୍ଗଲୀ ଜନ୍ତୁ ମରିଛନ୍ତି। ସେହି ଜନ୍ତୁ ମଧ୍ୟରୁ କଲରାପତରିଆ ବାଘ, ହାତୀ, ହରିଣ, ବାର୍‌ହା ସମେତ ୧୩ ଜନ୍ତୁଙ୍କୁ ଶିକାର କରାଯାଇଛି। ଏଥିରୁ ଜଙ୍ଗଲରେ ଶିକାରୀ ସକ୍ରୀୟ ଥିବା ପ୍ରମାଣିତ ହୋଇଛି। ଗତ କିଛି ମାସ ତଳେ ଦଶପଲ୍ଲାରେ ବାର୍‌ହା ଶିକାର ପାଇଁ ଥିବା ବିଦ୍ୟୁତ୍ ଫାସରେ ପଡି ହାତୀ ଓ ଖଣ୍ଡପଡାରେ ଏକ କଲରାପତରିଆ ବାଘର ଜୀବନ ଯାଇଛି। ଏହାପରେ ନୟାଗଡ଼ ଜଙ୍ଗଲ ଜଙ୍ଗଲୀ ଜନ୍ତୁ ପାଇଁ ନିରାପଦ ନୁହେଁ ବୋଲି ଅଭିଯୋଗ ହୋଇଆସୁଛି। ଯଦିଓ ବାଘ ମୃତ୍ୟୁ ଘଟଣାରେ ୪ଜଣ ଗିରଫ ହୋଇ ଜେଲ ଯାଇଥିଲେ ତେବେ କର୍ତ୍ତବ୍ୟରେ ଅବହେଳା କରିଥିବା ବନ ବିଭାଗର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହେଉଛି। ବନରକ୍ଷୀ ଓ ବନପାଳଙ୍କ ବିରୋଧରେ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଉଥିବା ଡିଏଫ୍ଓ କହୁଥିଲେ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନରେ ପରିବେଶପ୍ରେମୀ ଓ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ସରକାରୀ ରିପୋର୍ଟରେ ମୃତ ଜଙ୍ଗଲୀ ଜନ୍ତୁଠାରୁ ୧୦ରୁ ୨୦ ଗୁଣ ଅଧିକ ଶିକାର ହେଉଛି। ହେଲେ ସେହି ରିପୋର୍ଟ ସାମ୍ନାକୁ ଆସୁ ନ ଥିବା ଅଭିଯୋଗ ହୋଇଛି।

ବନ ବିଭାଗଠାରୁ ମିଳିଥିବା ସୂଚନା ଅନୁଯାୟୀ,୨୦୨୨-୨୩ ବର୍ଷରେ ୩ଟି ବାର୍‌ହା, ଗୋଟିଏ ହରିଣ, ଗୋଟିଏ କୁଟୁରା, ଗୋଟିଏ ଗୁରାଣ୍ଡି, ଗୋଟିଏ ସମ୍ବର, ଗୋଟିଏ ଗୟଳ, ଗୋଟିଏ ମାଛଖିଆ ବିଲେଇ ପ୍ରାଣ ହରାଇଛନ୍ତି। ନିହତ ଜଙ୍ଗଲୀ ଜନ୍ତୁଙ୍କ ମଧ୍ୟରୁ ୩ଟିର ସାଧାରଣ ମୃତ୍ୟୁ ହୋଇଥିବାବେଳେ ୫ ଶିକାର, ଗୋଟିଏ ଜନ୍ତୁ କୁକୁର କାମୁଡାରେ ପ୍ରାଣ ହରାଇଥିବା ବନ ବିଭାଗର ରିପୋର୍ଟ କହୁଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୧୭ ଜଙ୍ଗଲୀ ଜନ୍ତୁଙ୍କ ମୃତ୍ୟୁ ହୋଇଥିବାବେଳେ ଏଥିରୁ ୭ ସାଧାରଣ ମୃତ୍ୟୁ, ୫ ଶିକାର, ୨ ଦୁର୍ଘଟଣା, ବିଦ୍ୟୁତ୍ କରେଣ୍ଟରେ ୨ ଓ କୁକୁର କାମୁଡାରେ ଗୋଟିଏ ଜନ୍ତୁ ପ୍ରାଣ ହରାଇଛନ୍ତି। ଏହି ଆର୍ଥିକ ବର୍ଷରେ ଗୋଟିଏ ଶାଳିଆପତନି, ୨ ଅଜଗର, ଗୋଟିଏ କୁଟୁରା, ଗୋଟିଏ ହାତୀ, ୬ ବାର୍‌ହା, ୪ ଚିତା ହରିଣ, ୨ ଗୟଳଙ୍କର ମଧ୍ୟ ମୃତ୍ୟୁ ହୋଇଛି। ସେହିଭଳି ୨୦୨୪-୨୫ ବର୍ଷରେ ୯ ଗୟଳ , ୭ ବାରହା, ଗୋଟିଏ ହାତୀ, ୨ କୁଟୁରା, ଗୋଟିଏ ବଉଳା କୁମ୍ଭୀର, ଗୋଟିଏ ମୟୂର, ଗୋଟିଏ କଲରାପତରିଆ ବାଘ, ୩ ହରିଣ, ଗୋଟିଏ ସମ୍ବର, ଗୋଟିଏ ଚିତା ହରିଣର ମୃତ୍ୟୁ ହୋଇଛି। ମୃତ ୨୭ ଜଙ୍ଗଲୀ ଜନ୍ତୁ ମଧ୍ୟରୁ ୧୬ଟିର ସାଧାରଣ ମୃତ୍ୟୁ ହୋଇଥିବାବେଳେ ୩ଟି ଶିକାର, ଗୋଟିଏ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେହିଭଳି ୫ଟିର ବିଦ୍ୟୁତ୍ କରେଣ୍ଟରେ ଜୀବନ ଯାଇଥିବାବେଳେ ୨ଟିର କୁକୁର କାମୁଡାରେ ମୃତ୍ୟୁ ହୋଇଥିବା ବନ ବିଭାଗର ସରକାରୀ ରିପୋର୍ଟ ଦର୍ଶାଉଛି।

ଏନେଇ ପରିବେଶବିତ୍ ହରିଶରଣମ ମହାରାଜ କୁହନ୍ତି, ନୟାଗଡ଼ ଜଙ୍ଗଲରେ ବାର୍‌ହା ଶିକାର ବଢ଼ିଚାଲିଛି। ଶିକାର ପାଇଁ ବିଦ୍ୟୁତ୍ ଫାସ ପ୍ରାୟତଃ ସବୁ ଜଙ୍ଗଲରେ ପଡୁଛି। ପୁଣି ବନ୍ଧୁକ ଗୁଳିରେ ଓ କୁକୁର ଲଗାଇ ଶିକାର ହେଉଥିବାବେଳେ ବିଷ ଦେଇ ବି ହତ୍ୟା କରାଯାଉଛି। ନୟାଗଡ଼ ବନଖଣ୍ଡର ଜଙ୍ଗଲରେ ଶିକାରୀ ସକ୍ରିୟ ଥିବାବେଳେ ଶିକାରୀଙ୍କ ଟେର୍ ପାଉନି ବିଭାଗ। ସରକାରୀ ରିପୋର୍ଟରେ ଯେତିକି ନିହତ ଦେଖାଯାଇଛି ତାର ୨୦ ଗୁଣ ଅଧିକ ଶିକାର ପ୍ରତିବର୍ଷ ହେଉଛି ବୋଲି ସେ କହିଛନ୍ତି। ନୟାଗଡ ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ କହିଛନ୍ତି, ୩ ବର୍ଷରେ ସାଧାରଣ ମୃତ୍ୟୁ, ଶିକାର, କୁକୁରକାମୁଡା, ଦୁର୍ଘଟଣା, ବିଦ୍ୟୁତ୍ କରେଣ୍ଟ ପରି କାରଣରୁ ୫୩ ଜଙ୍ଗଲୀ ଜନ୍ତୁଙ୍କ ଜୀବନ ଯାଇଛି। ଶିକାରୀଙ୍କୁ ଲଗାମ ଦେବା ପାଇଁ ବନ ବିଭାଗର ପ୍ରୟାସ ଚାଲିଛି। ବାଘ ମୃତ୍ୟୁ ଘଟଣାରେ ବନରକ୍ଷୀ ଓ ବନପାଳଙ୍କ ବିରୋଧରେ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ବୋଲି ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

### ନୟାଗଡ଼ ବନଖଣ୍ଡ

- ଗଲାଣି ୪୦ ଜଙ୍ଗଲୀ ଜନ୍ତୁଙ୍କ ଜୀବନ
- ଶିକାରୀଙ୍କୁ ରୋକିପାରୁନି ବନ ବିଭାଗ
- ଜଙ୍ଗଲରେ ସୁରକ୍ଷିତ ନୁହନ୍ତି ଜୀବଜନ୍ତୁ

# ହଷ୍ଟେଲରୁ ଲୁଚି ପଳାଇଥିବା ୨ ଛାତ୍ର ବାଲିଗୁଡ଼ାରୁ ଉଦ୍ଧାର

ବାଲିଗୁଡ଼ା, ୨୦।୭
(ସଞ୍ଜୟ କୁମାର ପାଣିଗ୍ରାହୀ)

ହଷ୍ଟେଲରୁ ଲୁଚି ପଳାଇଥିବା ୨ ଛାତ୍ରଙ୍କୁ ବାଲିଗୁଡ଼ାରୁ ଉଦ୍ଧାର କରି ଦୁଇଜଣ ମହିଳା ଥାନା ଜିମା ଦେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ରୁଡୁଙ୍ଗିଆସ୍ଥିତ ଏକ ଆଶ୍ରମ ସ୍କୁଲରେ।

ରୁଡୁଙ୍ଗିଆସ୍ଥିତ ସମ୍ପୃକ୍ତ ଆଶ୍ରମ ସ୍କୁଲରେ ଜଣେ ଛାତ୍ର ତୃତୀୟ ଶ୍ରେଣୀରେ ଓ ଅନ୍ୟ ଜଣେ ୪ର୍ଥ ଶ୍ରେଣୀରେ ହଷ୍ଟେଲରେ ରହି ପଢନ୍ତି। ରବିବାର ସକାଳୁ କୌଣସି କାରଣରୁ ଏହି ସ୍କୁଲର ୨ ଛାତ୍ର ହଷ୍ଟେଲରୁ ଲୁଚି ପଳାଇ ଆସିଥିଲେ। କିଛି ବାଟ ଆସିବା ପରେ ଉଭୟେ ରୁଡୁଙ୍ଗିଆ ଗାଁ ମୁଣ୍ଡ ଘାଟିରେ ଓଏସ୍‌ଆର୍‌ଟିସି ବସ୍‌କୁ ଅଟକାଇ ସେଥିରେ ବାଲିଗୁଡ଼ା ଆସି ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିଲେ। ବାଲିଗୁଡ଼ା ବସ୍‌ଷ୍ଟାଣ୍ଡରେ ଦୁଇଜଣ ମହିଳା ଉଭୟ ଛାତ୍ରଙ୍କୁ ଏକୁଟିଆ ଦେଖି ସନ୍ଦେହରେ ପଚରାଉଚରା କରିଥିଲେ। ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଉଭୟଙ୍କୁ ସାଥିରେ ଆଣି ବାଲିଗୁଡ଼ା ଥାନା ଜିମା ଦେଇଥିଲେ। ପରେ ସେମାନଙ୍କ ପରିବାର ଲୋକଙ୍କୁ ଥାନା ପକ୍ଷରୁ ଅବଗତ କରାଯିବା ପରେ ଉଭୟ ଛାତ୍ରଙ୍କ ଅଭିଭାବକ ଥାନାରେ ପହଞ୍ଚିଛନ୍ତି। ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଦୁର୍ଗମ ଅଞ୍ଚଳ ହୋଇଥିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ପିଲାଙ୍କର କିଛି ଅସୁବିଧା ହୋଇଥିଲେ ଏଥିପାଇଁ କିଏ ଦାୟୀ ହୋଇଥାନ୍ତା ବୋଲି ଉଭୟ ଛାତ୍ରଙ୍କ ମା'ବାପା ପ୍ରଶ୍ନ ଉଠାଇଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳାର ତଦନ୍ତପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନଙ୍କ ଅଭିଭାବକ ଓ ସମ୍ପୃକ୍ତ ୨ ମହିଳା ଦାବି କରିଛନ୍ତି। ଏ ସମ୍ପର୍କରେ ବିଇଓ ମହେଶ୍ୱର ମାଝୀଙ୍କୁ ପଚାରିବାରୁ ଏହି ବିଦ୍ୟାଳୟ ଆମ ଅଧୀନରେ ଯାଉନାହିଁ ବୋଲି କହିଥିଲେ।


**OFFICE OF THE NOTIFIED AREA COUNCIL, JUNAGARH** No.C-709

email - nacjunagrh@gmail.com

NOTICE INVITING TENDER FOR LEASE OF TANKS & GYMNASIUM OF NAC JUNAGARH

LETTER NO. 1112 DATE - 19.07.2025.

Details terms and Conditions are available at Office of the Notified area council Junagarh www.junagarhnac.in or visit website - https://kalahandi.odisha.gov.in

Executive Officer
N.A.C., Junagarh

OIPR-13133/11/0019/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK** NO.O-465

E-mail : ee_rwbdk@yahoo.com

"e" Procurement Notice for Road & Bridge Work

Bid Identification No. Online Tender 4 of 2025-26

1. Name of the Work : Road & Bridge. 2. Total No. of Works : 2 Nos. 3. Estimated Cost : Rs.73.71 to Rs.87.08 lakh. 4. Class of Contractor : "B" Class. 5. Period of Completion : As per Annexure. 6. Type of Tender : Double Cover. 7. Other Details :

| Procurement Officer | Bid Identification No. | Availability of Tender On-line for bidding | | Date of seeking of Tender | Date & Time of Technical Opening of Tender | Date & Time of Financial Opening of Tender |
|---|---|---|---|---|---|---|
| | | From | To | | | |
| 1 | 2 | 3 | | 4 | 5 | 6 |
| Superintending Engineer, Rural Works Division-I, Bhadrak | Online-4 of 2025-26 | 24.07.25 At - 11.00 A.M. | 02.08.25 up to 4.00 P.M. | 02.08.2025 At - 2.00 P.M. | 04.08.2025 At - 11.00 A.M. | Will be intimated later |

Further details can be seen from the e-procurement portal "https://tendersorissa.gov.in"

Sd./- Er. Kanan Pradhan
Superintending Engineer
R.W. Division, Bhadrak

OIPR-25060/11/0017/2526

**CHC JATNI**
**OFFICE OF THE MEDICAL SUPERINTENDENT, CHC JATNI**

TENDER CALL NOTICE

Adv. No. 250/25-26 Date : 18.07.2025

No.E-245 : Sealed tenders are invited from any Local registered Travel Agency / Individuals only having valid GSTIN/PAN for **providing of vehicles on monthly basis** in the undersigned office, O/o Medical Superintendent, CHC Jatni.

The sealed tenders should reach at in any working day along with all required documents by Speed post/Regd. post/Courier only by superscribing on the top of the envelop **"Tender for Hiring of Vehicles on Monthly Basis in reference to Advertisement No.250/2025-26 Dt.18.07.2025"** Details regarding items and terms & conditions may be download from www.khordha.nic.in. The undersigned reserves the right to accept or reject any or all the quotations without assigning any reason thereof.

Sd./- Medical Superintendent
CHC Jatni

OIPR-10237/11/0001/2526

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA** No.O-463

E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada

"e" Procurement Notice for Bridge Work

Identification No.- Online Tender- Bridge N.C.B. No.382 for 2025-26.

Letter No.2930/Date. 19.07.2025//

1. Name of the work : Bridge works under SBY in the District of Mayurbhanj. 2. Total No. of work : 3 Nos. (Three). 3. Estimated Cost : Rs.400.05 lakhs & Rs.463.61 lakhs (approximately). 4. Eligible Class of Contractor : As per annexure. 5. Period of Completion : As per annexure. 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge On-line N.C.B. No.382 | Dt.23.07.2025 at 11.00 A.M. | Dt.06.08.2025 up to 5.00 P.M. | Dt.05.08.2025 up to 5.00 P.M. | Dt.07.08.2025 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum / Addendum will be displayed in the above e_tender website only.

Sd./- Er. A.K Naik
Chief Construction Engineer,
R.W. Circle, Baripada

OIPR-25130/11/0043/2526

**ପୌରପରିଷଦ କାର୍ଯ୍ୟାଳୟ, ତାଳଚେର**

ନଂ. ୨୫୮୬ **ବିଜ୍ଞାପନ** ତା୧୮।୦୭।୨୫

No. C-704: ଏତଦ୍ୱାରା ଅନୁଗୋଳ ଜିଲ୍ଲାରେ ବସ ବାସ କରୁଥିବା ଅଧିବାସୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପୌରପାଳିକା ତରଫରୁ ହାଟତୋଟା ମାର୍କେଟ କମ୍ପ୍ଲେକ୍ସ ଉପର ମହଲାରେ ବଳକାଥିବା ୭ଗୋଟି ଦୋକାନ ଘର ଗୁଡ଼ିକ ନିଲାମ ମାଧ୍ୟମରେ ଆବଣ୍ଟନ କରାଯିବା ପାଇଁ ତା୨୧।୦୭।୨୦୨୫ରିଖଠାରୁ ତା୩୦।୦୭।୨୦୨୫ରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଆବେଦନ ପତ୍ର ଟ.୨୦୦୦/-ଙ୍କା ମାତ୍ର ଦାଖଲ କରି ପୌରପାଳିକାରୁ ଫର୍ମ ନେଇ ଆବେଦନ କରିପାରିବେ। ଫର୍ମ ଦାଖଲର ଶେଷ ତା୩୧।୦୭।୨୦୨୫ରିଖ ସ୍ଥିର କରାଯାଇଅଛି। ଅନ୍ୟ ସମସ୍ତ ନିୟମାବଳୀସ୍ଥିର ରହିବ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ତାଳଚେର ପୌରପରିଷଦ

OIPR-13077/11/0050/2526

**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**

Tele Fax No.: 06762-226717, e-mail Id: dfo.dhenkanal@gmail.com

No. 453/1F-Accounts-2025-26 Dt.18.07.2025

CORRIGENDUM

No. MM-129: In continuation to Bid Identification No. 02/2025-26 DFO, Dhenkanal, Dt.03.07.2025 for supply of hired vehicle (Bolero) in Dhenkanal Forest Division the next date for opening of tender is fixed to be held on 21.07.2025 at 3.30 P.M. instead of 18.07.2025. All others terms and conditions are remained unchanged.

Sd./- Divisional Forest Officer
Dhenkanal Division

OIPR-08037/11/0020/2526

**PANCHAYAT SAMITI OFFICE, PALLAHARA**

E-Mail ID- ori-pallahara@nic.in

Letter No. 2213 Dt.16.07.2025

TENDER CALL NOTICE NO. PLR-02/2025-26

No.i-227:- Sealed tenders are invited from the interested bidders for the civil work under BDO, Pallahara of Angul District. The details has been uploaded in the District website **www.angul.odisha.gov.in**.They have to submit bid documents to the undersigned in the address of "Office of the BDO, Pallahara, At/Po-Pallahara, Dist-Angul, Pin-759119" through Regd./Speed Post or drop in the tender box kept in the office chamber of the undersigned on or before 31.07.2025 (up to 12.00 Noon). DTCN & other details can be downloaded from the District Web site **www.angul.odisha.gov.in** or can be obtained from the office of the undersigned from 19.07.2025 to 30.07.2025 (up to 5.00 P.M).

Sd./- Block Development Officer, Pallahara

OIPR-19276/11/0005/2526

**OFFICE OF THE MEDICAL SUPERINTENDENT SCB MEDICAL COLLEGE & HOSPITAL, CUTTACK, GOVT.OF ODISHA**

Mail id- scbsuperintendent@gmail.com Phone No-0671-2414080

TENDER CALL NOTICE

No.16486 Dated: 17.07.25

No.E-241:- Sealed Tenders in proforma provided are invited from intending Manufacturers / Distributors/ Stockiest/ Wholesaler for supply of medicine, implants, disposables and medical consumable to SCB MCH, Cuttack as per timely requirement of the hospital which will be valid for a period of two years from the date of approval. The tenders should be reached in the office of the undersigned latest by 22.08.2025 by 5 PM on registered post/ speed post/ courier service which will be opened on 25.08.2025 at 5.00 PM in the office chamber of the Superintendent, SCB Medical College & Hospital, Cuttack.

The tender paper and other set of terms and condition can be obtained from the website of SCB MCH, Cuttack i.e. www.scbmch.in.

Sd./- Medical Superintendent
SCB Medical College Hospital, Cuttack

OIPR-10186/11/0040/2526

**ZILLA SWASTHYA SAMITI, MAYURBHANJ**
**OFFICE OF THE CDM & PHO-cum-DISTRICT MISSION DIRECTOR, NHM, MAYURBHANJ, ODISHA - 757001**

Advt. No. 2954/NHM/2025-26 Dt.: 19.07.25

TENDER DOCUMENT FOR SUPPLY OF WORKING LUNCH FOR TRAINING/WORKSHOP/MEETING UNDER ZSS, MAYURBHANJ

No. E-243: Sealed proposals as per prescribed document are invited from interested eligible bidders for **SUPPLY OF WORKING LUNCH FOR TRAINING/WORKSHOP/MEETING UNDER ZSS, MAYURBHANJ**. The eligible criteria, the details requirement of the said services and the formats for submission of proposals are set forth in the tender documents which can be downloaed from the website **https://mayurbhanj.odisha.gov.in**. Interested bidders fulfilling the eligibility criteria may submit their proposals (with document as per tender call notice) to the O/o. CDM & PHO, DHH, Baripada, Mayurbhanj. The Proposal(s) complete in all respect should reach the undersigned on or before Dt.01.00 P.M. of Dt.04.08.2025 through Regd. Post./Speed Post/Courier and the same will be opened on Dt.05.08.2025 at 11.30 A.M. in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical & Public Health Officer, Mayurbhanj

OIPR-10020/11/0041/2526

**OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION**
**NEAR JAIL CHOWK, SAMBALPUR-768001**

E-mail - dfo.sambalpur@odisha.gov.in

SHORT TENDER NOTICE

Tender No. 3535 Dated - 19.07.2025

**No.MM-132 :** Divisional Forest Officer, Sambalpur Forest Division on behalf of Governor of Odisha invites sealed tenders from reputed intending Manufacturing Firms/ Dealers/ Suppliers having valid GSTIN and PAN Registration No. Procurement of **Solar- Powered Early Warning System (EWS)** for Sambalpur Forest Division. The tender papers with detailed terms and conditions documents can be downloaded from website **https://Sambalpur.odisha.gov.in** from 11:00 Hours of 21.07.2025 to 17:00 Hours of 01.08.2025. The cost of tender paper of Rs. 2,000/- (Two thousand) only to be deposit through Demand Draft in favour of Divisional Forest Officer, Sambalpur Forest Division payable at Sambalpur. The Tender Papers can be submitted at the below mentioned address on or before 01.08.2025 till 05:00 pm by Speed Post/ registered post/ by hand only. The tender will be opened in the office of the undersigned on 02.08.2025 at 11.00 AM.
The undersigned reserves the right to accept or reject any or all the tenders without assigning any reason thereof.

Sd./- Divisional Forest Officer,
Sambalpur Forest Division

OIPR-08104/11/0017/2526

**NOTICE INVITING TENDER**
**Office of District Manager**
**Odisha State Civil Supplies Corporation Ltd. (OSCSC), Subarnapur**

Phone : 7092925898

TENDER No. - 1178 Dated : 18.07.2025

**No.CAD-1185** : Cost of Tender Document : Rs.11800/- Inclusive of GST. Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).

| | | |
|---|---|---|
| 1 | Availability of tender documents | From Date - 18.07.2025 At -5.00 P.M. Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt.19.07.2025, At-11.30 A.M. Place.-Conference Hall of Collectorate, Subarnapur |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. of dt.31.07.2025 |
| 4 | Date, time and venue for opening of Technical Bid by the Tender Committee | On dt.01.08.2025 at 11.30 A.M. Place - Conference Hall of Collectorate, Subarnapur |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.01.08.2025 at 11.30 A.M. Place - Conference Hall of Collectorate, Subarnapur |
| 6 | Date & time of Financial Bid opening by the Tender Committee (Only of Technically Qualified Bidders | To be announced after technical bid evaluation |
| 7 | Venue of the opening of Technical & Financial Bids | Conference Hall of Collectorate, Subarnapur |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no. | (i) OSCSC LTD : District Manager : No - 9437068432 Accounts Head No. - 7092925898 (ii) State Procurement Cell : 0674-2530998 / 18003456765 |

By Order of Collector
Sd./- District Manager
OSCSC Ltd., Subarnapur

OIPR-07030/11/0014/2526

**OFFICE OF THE ROURKELA MUNICIPAL CORPORATION**

UDITNAGAR, ROURKELA, ODISHA - 769012
E-mail ID: rourkelamunicipality@gmail.com

No. 8886 Date: 18.07.25

EOI for Empanelment of Contractors for Repair of Paver Roads, Pathways & any other Paver work under Rourkela Municipal Corporation for 01 year.

No. C-700: Rourkela Municipal Corporation invites expression of interest (EOI) for empanelment of Contractors/Agencies for Minor Civil Work under Rourkela Municipal Corporation for 01 year. The details of EOI may be seen/download from **www.rmc.nic.in**. Any Changes, corrigendum etc. will be updated at the mentioned portal only. For further queries/ comments, please contact to E-mail ID of **rourkelamunicipality@gmail.com**.
EOIs are to be submitted through sealed cover envelope containing two separate sealed envelopes for Technical and Financial proposals. The interested individuals/agencies should submit the complete EOI in the sealed cover address to Commissioner, Rourkela Municipal Corporation, Uditnagar, Rourkela - 769012 (Odisha) superscribing as **"EOI for Empanelment of contractors for repair of Paver Roads, Pathways & any other Paver work under Rourkela Municipal Corporation for 01 year"** through Speed Post/Registered Post/Courier or by hand on or before 01.08.2025 upto 1.00 P.M. The EOI will be opened on the same day at 4.30 P.M. in presence of the applicants who wish to attend. If the last date of submission, opening of EOI and other schedule happens to be a holiday, the next working day will be treated as the schedule for the same. Authority reserves the right to accept/reject any or all the EOIs without assigning any reason thereof.

Sd./- Commissioner
Rourkela Municipal Corporation

OIPR-13131/11/0153/2526

**GOVERNMENT OF ODISHA**
**OFFICE OF THE PANCHAYAT SAMITI, RENGALI, SAMBALPUR** No.i-230

E-mail : ori-rengali@nic.in

TENDER CALL NOTICE

Bid identification No.P.S/REN/SBP/DEV/01/2025-26

No. 2890/Date.18.07.2025

CORRIGENDUM

TENDER CALL NOTICE NO 2711 Dtd.05.07.2025, OFFICE OF THE PANCHAYAT SAMITI RENGALI, SAMBALPUR

1. The last date and time for submission via the website and receipt of bids is extended to 17:00 hours on 31st July 2025.
2. The date of tender opening is extended to 11:30 hours on 4th August 2025.
3. Original Bid Security & Demand draft towards cost of bid document may be submitted in the office of the undersigned on or before 11.15 Hours on dated 04.08.2025 during office hours on working days failing which the bid will be rejected.
4. No prior experience is required as per the conditions of the Tender Call Notice for all projects in Clause No. 8 of the Detailed Tender Call Notice.; however, all other terms and conditions remain unchanged.
5. The name of the work in the tender Notice: SL No-05 "Construction of GPLF Building with Market Complex at GP Level at" read as: "Construction of GPLF Building with Market Complex at GP Level at Katarbhaga."
6. Clause No. 21 of the Detailed Tender Call Notice (N.B.): "Bank Draft / Pay Orders or Banker's Cheque from any nationalized banks in favor of District Project Coordinator shall not be considered as E.M.D." read as "Bank Draft Pay Orders or Banker's Cheque from any nationalized banks in favour of Block Development Officer, Rengali shall not be considered as E.M.D."

Sd./- Block Development Officer
Rengali

OIPR-15013/11/0063/2526

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER-CUM DISTRICT MISSION DIRECTOR, SUNDARGARH**

No.E-242 E-Mail : sngcdmo@gmail.com

RFP NO. CDM&PHO/SNG/2025-26/01

| | | |
|---|---|---|
| 1. | The CDM&PHO, Sundargarh, Govt. of Odisha invites technical & financial proposals from reputed implementing agency/firms for **"Operation and Management of Maa Gruha (Maternity Waiting Home) under DMF, Sundargarh"** as detailed in the scope of work in this RFP. The interested Firms/Agency with valid registration certificate, as detailed in RFP, may apply for the same in Off-Line mode. (For details visit **www.sundargarh.odisha.gov.in** | |
| 2 | Nature of works | **Selection of agency for Operation & Management of Maa Gruha (Maternity Waiting Home) under DMF fund.** |
| 3 | Bid Processing Fee | **Rs. 10,000/-(Rupees Ten Thousand only)** |
| 4 | Date of advt. publication | **Date: 18/07/2025** (The detailed RFP document downloadable from Website: **https://sundargarh.odisha.gov.in)** |
| 5 | Date & Time of Pre-bid meeting | **Date: 25/07/2025** Time: 11.00 AM Venue: Conference Hall, O/O the CDM & PHO-cum-District Mission Director, NHM, Sundargarh-770001. |
| 6 | Last date for submission of the Proposal | **Date: 11/08/2025** Time: 05.00 PM Details of the Name and address for submitting the proposal are mentioned at Section 2: Schedule of Submission. **NB:** Proposals should be submitted through **Speed post/Registered post only**. No other form of submission will be accepted. Proposal(s) submitted after the due date & time will not be accepted. |
| 7 | Opening of the Proposal & presentation at the District | **Date: 12/08/2025 at 11.30 A.M. Place:** Conference Hall of CDM & PHO, Sundargarh |
| 8 | Opening of Financial Bid | **To be communicated to only qualified bidder in Technical Bid** |
| 9 | Address for query and correspondence | **O/o the CDM&PHO At/PO/Dist.-Sundargarh, Pin-770001** |
| 10 | The bidders have to participate in off-line bidding only. For the details of RFP can be seen from the district website of Sundargarh (www.sundargar.odisha.gov.in.). Any addendum/Corrigendum/Cancelation of the tender can also be seen in the said website. If any quarry then contact in the CDM&PHO mail (sngcdmo@gmail.com). | |

Sd./- Chief District Medical & Public Health Officer
Sundargarh

OIPR-10100/11/0027/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଭଗବାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଡିଓନ ଅଟୋମୋଟିଭ ଲଞ୍ଚ କଲା ଟାଟା ହାରିଅର୍.ଇଭି

ଭୁବନେଶ୍ୱର, ୨୦।୭(ଅନୁରାଧା ମହାରଣା)

ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ ଲିମିଟେଡ ଓ ଟାଟା ମୋଟର୍ସ ଇଲେକ୍ଟ୍ରିକ ମୋବିଲିଟିର ଅଧିକୃତ ଡିଲର ଡିଓନ ଅଟୋମୋଟିଭ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଭୁବନେଶ୍ୱରରେ ଟାଟାର ଅତ୍ୟାଧୁନିକ ଫ୍ଲାଗସିପ ପ୍ରଡକ୍ଟ ଟାଟା ହାରିଅର୍.ଇଭି ଉନ୍ମୋଚନ କରାଯାଇଛି। ଚଳିତ ମାସରେ ସମାନ୍ତରାପୁରରେ ଓଡ଼ିଶାର ଏକ୍ସକ୍ଲୁସିଭ ଶୋ'ରୁମ ଉଦଘାଟନ କରିଥିବା ଡିଓନ ଅଟୋମୋଟିଭ୍ସ ଓଡ଼ିଶାର ଗ୍ରାହକଙ୍କୁ ପେଟ୍ରୋଲ, ଡିଜେଲ, ସିଏନଜି ଓ ଇଲେକ୍ଟ୍ରିକ ଫୁଏଲ ଅପ୍ସନରେ ମାନୁଆଲ, ଅଟୋମାଟିକ ଓ ଡିସିଏ ଟ୍ରାନ୍ସମିସନ ସହିତ ଟାଟା ଗାଡ଼ି ଯୋଗାଇ ଦେଉଛି। ଟାଟା ହାରିଅର୍.ଇଭି ତୁରନ୍ତ ଟର୍କ, ନିର୍ଭୁଲ ଗତିଶୀଳ ଓ ଅତ୍ୟାଧୁନିକ ଟେରେନ ଅଡାପ୍ଟାବିଲିଟି ସହିତ ଉପଲବ୍ଧ ହୋଇଛି। ଏହାର ଅତ୍ୟାଧୁନିକ ଫିଚରଗୁଡ଼ିକ



ମଧ୍ୟରେ ୫ ଷ୍ଟାର ବିଏନସିଏପି ପ୍ରସ୍ତୁତ ବଡି ଷ୍ଟ୍ରକଚର ଓ ଇଣ୍ଟେଲିଜେଣ୍ଟ ଲେଭେଲ ୨ ଆଡାସ୍ ସହିତ ଏହା ରିଅଲ-ଟାଇମରେ ପୂର୍ବାନୁମାନ, ପ୍ରତିକ୍ରିୟା ଓ ସୁରକ୍ଷା ଯୋଗାଇବାରେ ସହାୟକ ହେଉଛି। ଏହାର ୬୫କିଲୋୱାଟ୍ ଓ ୭୫ କିଲୋୱାଟ୍ ବ୍ୟାଟେରି ସହିତ ଆରଡବ୍ଲ୍ୟୁଡି ଓ ଏଡବ୍ଲ୍ୟୁଡି ଭାରିଆଣ୍ଟରେ ଉପଲବ୍ଧ। ଏହା ୬୨୭ କିମି ରେଞ୍ଜ, ୫୦୪ ଏନଏମ୍ ଟର୍କ, ୦-୧୦୦ କିମି/ଘଣ୍ଟା ୬.୩ ସେକେଣ୍ଡରେ ଓ ୧୨୦କିଲୋୱାଟ୍ ଡିସି ଫାଷ୍ଟ ଚାର୍ଜିଂ ଦେଇଥାଏ। ଫିଚର ମଧ୍ୟରେ ୧୪.୫-ଇଞ୍ଚ ସାମସଙ୍ଗ ନିଓ କ୍ୟୁଏଲଇଡି ଟଚସ୍କ୍ରିନ, ୫୪୦-ଡିଗ୍ରୀ କ୍ୟାମେରା, ଭି୨ଭି/ଭି୨ଏଲ୍ ଚାର୍ଜିଂ ଓ ୬ ଟେରେନ ମୋଡ ରହିଛି। ଏହାର ମୂଲ୍ୟ ୨୧.୪୯ ଲକ୍ଷରୁ ଆରମ୍ଭ ହୋଇ ଟପ ଭାରିଆଣ୍ଟ ୩୦.୨୩ ଲକ୍ଷ (ଏକ୍ସ-ଶୋ'ରୁମ) ପର୍ଯ୍ୟନ୍ତ ରହିଛି। ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିବହନ କମିଶନର ଅମିତାଭ ଠାକୁର ଓ ଆରଟିଓ ଭୁବନେଶ୍ୱର-୧ର ବିକାସ ଚୌଧୁରୀ ଯୋଗ ଦେଇଥିଲେ। ଟାଟା ମୋଟର୍ସରୁ ଶୈଳେଶ ରାୟ, ହର୍ଷ ରାଜ, ରମେଶ ଦେ, ରାମପୁରୀ ଭାମସୀ ଓ ରାହୁଲ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଡିଓନ ଗ୍ରୁପର ନିର୍ଦ୍ଦେଶକ ମନୋଜ କୁମାର ସାହୁ, ସିଇଓ ସତ୍ୟମ ପଟ୍ଟନାୟକ ଓ ସେଲ୍ସ ହେଡ ସନ୍ଦୀପ କାନୁନଗୋ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଠାକୁର କହିଥିଲେ, ଓଡ଼ିଶାରେ ବୈଦ୍ୟୁତିକ ଯାନ(ଇଭି)ର ଆଦୃତି ଦିନକୁ ଦିନ ବଢୁଛି। ରାଜ୍ୟ ସରକାର ଇଭି ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଓ ସୁବିଧା ମାଧ୍ୟମରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହା ସହିତ ରାଜ୍ୟର ପ୍ରମୁଖ ରାସ୍ତାଗୁଡ଼ିକରେ ଚାର୍ଜିଂ ଷ୍ଟେଶନ ସ୍ଥାପନ ପାଇଁ ଯୋଜନା କରାଯାଉଛି, ଯାହା ଗ୍ରାହକଙ୍କୁ ଇଭି ଆଡ଼କୁ ଆକୃଷ୍ଟ କରିବ। ଡିଓନ ଗ୍ରୁପର ନିର୍ଦ୍ଦେଶକ ମନୋଜ କୁମାର ସାହୁ କହିଛନ୍ତି, ଆମେ ପରିବେଶ ସୁରକ୍ଷା ପାଇଁ ଅଙ୍ଗୀକାରବଦ୍ଧ ଓ ଟାଟା ମୋଟର୍ସ ସହ ମିଳିତ ଭାବେ ଓଡ଼ିଶାର ନାଗରିକଙ୍କ ପାଖରେ ଇଭି ପହଞ୍ଚାଇବା ସହିତ ୨୪ଘଣ୍ଟିଆ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ। ଟାଟା ପାସେଞ୍ଜର ଇଲେକ୍ଟ୍ରିକ ମୋବିଲିଟିର ନୀତି ଓ ମାର୍ଗଦର୍ଶିକତାକୁ କଡ଼ାକଡ଼ି ପାଳନ କରିବୁ। ୬ ବର୍ଷ ଧରି ଇଭି ବିକ୍ରୟରେ ନେତୃତ୍ୱ ନେଉଥିବା ତ୍ରିନାଥ ରଥଙ୍କ ନେତୃତ୍ୱରେ ଏକ ବିଶେଷ ଇଲେକ୍ଟ୍ରିକ ଭେଇକିଲ କନସଲଟିଂ ଟିମ ଗଠନ କରାଯାଇଛି ।

# ରାଜ୍ୟସ୍ତରୀୟ ବିଦ୍ୟୁତ୍ କେନ୍ଦ୍ର ମଧ୍ୟରେ ଓପିଜିସି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ



ଖବରଦାତା ସମ୍ମିଳନୀରେ ଓପିଜିସି ଅଧିକାରୀ।

ଝାରସୁଗୁଡ଼ା, ୨୦।୭ (ଆଶିଷ ରଞ୍ଜନ ଦାଶ)

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି) ଲିମିଟେଡ୍ ୨୦୨୪-୨୫ ଆର୍ଥିକ ବର୍ଷରେ ୮୩.୮୦% ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର(ପିଏଲ୍ଏଫ୍) ହାସଲ କରି ଭାରତର ସମସ୍ତ ରାଜ୍ୟ ସରକାରଙ୍କ ଅଧୀନ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ସଫଳତା ଦ୍ୱାରା ଓପିଜିସି ଭାରତର ସମସ୍ତ ବିଦ୍ୟୁତ୍ କେନ୍ଦ୍ର ମଧ୍ୟରେ ୧୯ତମ ସ୍ଥାନ ହାସଲ କରିଛି। ଓପିଜିସିର ପିଏଲ୍ଏଫ୍ ୮୩. ୮୦% ଥିବାସ୍ଥଳେ ଚଳିତବର୍ଷ ଜାତୀୟ ହାରାହାରି ପିଏଲ୍ଏଫ୍ ୬୯. ୪୭% ରହିଥିଲା ବୋଲି ଝାରସୁଗୁଡ଼ାସ୍ଥିତ ଏକ ହୋଟେଲରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓପିଜିସିର ବରିଷ୍ଠ ଉପସଭାପତି (ଅପେରଶନ) ସୁକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀର ଉଲ୍ଲେଖନୀୟ ପ୍ରଦର୍ଶନ ଉପରେ ମହାପାତ୍ର କହିଛନ୍ତି, ଝାରସୁଗୁଡ଼ା ଜିଲା ବନହରପାଲିରେ ଥିବା କମ୍ପାନୀର ଇବ୍ ଥର୍ମାଲ ପାୱାର ଷ୍ଟେଶନ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଓପିଜିସି ନିକଟରେ ପୁରସ୍କାର ପାଇଛି। ସେହିପରି ମ୍ୟାନେଜିଂ ଡାଇରେକ୍ଟର କେଦାର ରଞ୍ଜନ ପାଣ୍ଡୁ କହିଛନ୍ତି, ଦାୟିତ୍ୱବାନ ସରକାରୀ ଅନୁଷ୍ଠାନ ଭାବେ ଓପିଜିସି ପ୍ରଦୂଷଣ ନିୟନ୍ତ୍ରଣର ସମସ୍ତ ଅଧିନିୟମ ପାଳନ କରିବାକୁ ବଦ୍ଧପରିକର। ନିର୍ଦ୍ଦେଶକ (ଅପରେଶନ) ଏ.ଆର୍. ଦାଶ କହିଛନ୍ତି, କମ୍ପାନୀର ଆଗାମୀ ପ୍ରକଳ୍ପଗୁଡ଼ିକ କେବଳ ରାଜ୍ୟ ଗ୍ରୀଡ଼୍‌କୁ ଶକ୍ତି ପ୍ରଦାନ କରିବ ନାହିଁ ବରଂ ସିଏସ୍ଆର୍ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ବିକାଶକୁ ତ୍ୱରାନ୍ୱିତ କରିବ। ପ୍ଲାଣ୍ଟରେ ହେବା ଦ୍ୱାରା ବହୁ ମାତ୍ରାରେ ସ୍ଥାନୀୟ ନିଯୁକ୍ତି ବୃଦ୍ଧି ପାଇବ। ଏହି ଖବରଦାତା ସମ୍ମିଳନୀରେ କମ୍ପାନୀରେ ସିନିୟର ଜିଏମ୍ (ଏଚ୍ଆର୍) ସୁବାଶିଷ ମୁଖାର୍ଜୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ନଥିଙ୍ଗର ନୂତନ ଉତ୍ପାଦ

ଭୁବନେଶ୍ୱର,୨୦।୭

ନଥିଙ୍ଗର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନଥିଙ୍ଗ ଫୋନ୍ (୩) ଏବଂ ନଥିଙ୍ଗ ହେଡଫୋନ୍ (୧)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଉଭୟ ଉତ୍ପାଦ ଉଦ୍ଦେଶ୍ୟମୂଳକ ଡିଜାଇନ୍ ଏବଂ ସାହସିକ ନବସୃଜନ ସହିତ ଉପଭୋକ୍ତାଙ୍କ ଟେକ୍ନୋଲୋଜିକୁ ଡିଜାଇନ୍ କରିବା ପାଇଁ ନଥିଙ୍ଗର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଛି। ନଥିଙ୍ଗ ଫୋନ୍ (୩) ଏପରି ଅଭୂତପୂର୍ବ ନବସୃଜନ ପ୍ରସ୍ତୁତ କରିଥାଏ ଯାହା ସ୍ମାର୍ଟଫୋନ୍ ଉଦ୍ୟୋଗରେ ନୂତନ ମାନଦଣ୍ଡ ସ୍ଥାପିତ କରିଛି।


୩୯ତମ ଜନ୍ମଦିନ ଶୁଭେଚ୍ଛା



ଭଗବାନ ସାହୁ
(ସମାଜସେବୀ)
ଧଉଳି, ଭୁବନେଶ୍ୱର-୨
ରବିବାର ଆପଣଙ୍କର ୩୯ତମ ଜନ୍ମଦିନ ପାଳନ ଅବସରରେ ଆମ୍ଭମାନଙ୍କର ଆନ୍ତରିକ ଶୁଭେଚ୍ଛା
-Welwisher-
Family and Relatives
ଧ-୧୩୬୭


# ପ୍ରଥମ ତ୍ରୈମାସିକରେ ୭୦୧ କୋଟିର ଲାଭ

ଭୁବନେଶ୍ୱର,୨୦।୭ (ଅଭୟ ଦାଶ)

ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ(ଏଲ୍‌ଟିଏଫ)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏପରିକି ୨୦୨୫ ଜୁନ ୩୦ ସୁଦ୍ଧା ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀ ୭୦୧ କୋଟି ଟଙ୍କାର କନସୋଲିଡେଟେଡ ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି। ଏହା ପୂର୍ବ ତ୍ରୈମାସିକ ତୁଳନାରେ ୧୦ % ଏବଂ ପ୍ରଥମ ତ୍ରୈମାସିକରେ ପୂର୍ବ ବର୍ଷ ତୁଳନାରେ ୨% ଅଧିକ ହୋଇଛି। ଏଲଟିଏଫର ଏମ୍‌ଡି ତଥା ସିଓଓ ସୁଦୀପ୍ତ ରୟ କହିଥିଲେ, ଏହି ତ୍ରୈମାସିକରେ ଆମେ ଦମଦାର ପ୍ରଦର୍ଶନ ସହିତ ବଜାରରେ ଅସ୍ଥିର ପରିସ୍ଥିତି ପରିଚାଳନା କ୍ଷେତ୍ରରେ ଆମର ସାମର୍ଥ୍ୟକୁ ପ୍ରଦର୍ଶିତ କରିଥିଲା। ପ୍ରଯୁକ୍ତି ଏବଂ ସୁସଂହତ ଋଣ ଯୋଗାଣ ସମ୍ପର୍କିତ ମାର୍ଗଦର୍ଶିକା ସହିତ ଋଣ ଯୋଗ୍ୟ ଗ୍ରାହକମାନଙ୍କୁ ଋଣ ପ୍ରଦାନ ଏବଂ ସେହି ସମୟରେ ସମଗ୍ର ବ୍ୟବସାୟ କ୍ଷେତ୍ରରେ ଦକ୍ଷତାର ସହିତ ଋଣ ଆଦାୟ ଉପରେ ମଜଭୁତ ଦୃଷ୍ଟିନିବଦ୍ଧ ଦ୍ୱାରା ଏହି ପ୍ରଦର୍ଶନ ସମ୍ଭବ ହୋଇପାରିଛି।


## ମନେ ପଡ଼ନ୍ତି

### ୨୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଇଂ. କୀର୍ତ୍ତନ ସାହୁ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୦୧।୦୮।୨୦୦୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୬୮୪୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




୰ସ୍ୱର୍ଣ୍ଣଲତା ସାହୁ
ରସିକନଗର, ଟାଙ୍ଗୀ, କଟକ
ଆବିର୍ଭାବ: ୧୦।୦୫।୧୯୫୦
ତିରୋଧାନ: ୩୧।୦୭।୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ରମାନେ: ଜଚିନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ରାଜେନ୍ଦ୍ର ସାହୁ, କବୀନ୍ଦ୍ର ସାହୁ, ଦିଅର: ବୀରବର, ଗଣେଶ୍ୱର, ନାରାୟଣ, ପୁତ୍ରବଧୂ: ନମିତା, ପୁଷ୍ପିତା, କାମିନୀ, ନାତି/ନାତୁଣୀ: ହର୍ଷିତା, ଆଦିତ୍ୟ, ପାୟଲ, ପ୍ରିନ୍ସ, ଅଂଶୁ ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୧୩୬୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶରତ କୁମାର ମିଶ୍ର
ଆବିର୍ଭାବ: ୧୯।୦୫।୧୯୩୭
ତିରୋଧାନ: ୨୦।୦୭।୨୦୦୬
ନନା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ,ଆଦର୍ଶ, ସତ୍ୟବାଦିତା ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କୁ ଅନୁପ୍ରାଣିତ କରୁଥିବା ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ଝିଅ: ପିଙ୍କି (ସରିତା), ଜ୍ୱାଇଁ: ସିନୁ (ଶ୍ରୀନିବାସ), ନାତି: ବାବୁ (କୁମାର କାର୍ତ୍ତିକ)
ଧ-୧୩୫୮

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇଂ ଚତୁର୍ଭୁଜ ପଟ୍ଟନାୟକ
୭୮୯, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ : ୦୧.୦୪.୧୯୪୧
ତିରୋଧାନ : ୧୧.୦୭.୨୦୨୫
ଆପଣଙ୍କର କର୍ମନିଷ୍ଠ, ସଚ୍ଚୋଟ ମଣିଷପଣିଆ ସର୍ବାଦୃତ । ଆର୍ଯ୍ୟସମାଜ ଚେତନାରେ ଆପଣ ସରଳ, ସୁନ୍ଦର, ବ୍ୟାପକ । ଚୀରକାଳ ଆପଣ ଆମର ନମସ୍ୟ।
ଶୋକସନ୍ତପ୍ତ :
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୬୮୪୮



# Classified Everyday

0674-2580101, 9692975378



REAL ESTATE
SALE

ଗୃହୋପଯୋଗି Single ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ 2100sqft. area ବିକ୍ରିହେବ। 6370469894. D-76292

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

**Sale of personal plot 60x80= 4800 sft Nearer to Phulanakhara, 11km from BBSR @ 1500 per sft with big compound wall, beautiful road, touching to a building 7809525452** D-1362

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288



5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Positively health benefits SPA expert female therapist homely atmosphere. 9114559860. D-1310

Newly open health benefits SPA by expert therapist. Contact- 8280961126. D-76928

Newly open SPA positively health benefits (expert therapist). Contact- 7327030529. D-76929

## AFFIDAVIT

By virtue of an affidavit sworn before Executive Magistrate, Keonjhar, dated- 31.05.2025. I, Padmini Naik, Address: At- Dehuripada, P.O.- Nusuriposi, P.S.- Ghatagaon, Dist.- Keonjhar, declare that I have changed the name of my daughter from Mamini Naik to Mamuni Naik. Henceforth, she shall be known as Mamuni Naik for all purpose.
Padmini Naik
D-1363

By virtue of an affidavit sworn before Executive Magistrate, Keonjhar, dated- 16.06.2025. I, Satyabhama Bewa, Address: At/P.O.- Khantaghar, P.S.- Ghatagaon, Dist.- Keonjhar, declare that I have changed my name from Saita Nayak to Satyabhama Bewa. Henceforth, I shall be Satyabhama Bewa for all purpose.
Satyabhama Bewa
D-1369

By virtue of an affidavit before Executive Magistrate, Bhubaneswar, I, Pradip Kumar Dash, S/o- Late Sadhu Charan Dash, At- Chakeisihani, P.O.- Rasulgarh, Bhubaneswar- 751010. My father name was wrongly recorded as Sudhakar Das instead of Sadhu Charan Dash in my Land ROR Vide Khata No.- 257/1214, Plot No.-18/2250, Area- A0.080 decs., Mouza- Shyamsundarpur, P.S.- Chandaka. Henceforth, he will be known as Sadhu Charan Dash for all purposes. D-1365

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Keonjhar, dated- 27.03.2025. I, Diptirani Mahanta, Address: At/P.O.- Poipani, P.S.- Ghatagaon, Dist.- Keonjhar, declare that I have changed the name of my daughter from Pragnya Priyadarsini Mahanta to Pratingya Mahanta. Henceforth, she shall be Pratingya Mahanta for all purpose.
Diptirani Mahanta
D-1368

By virtue of an affidavit sworn before Notary Public, Sambalpur, dated- 30.06.2025. I, Sarita Barla, Address: At- Phiringibahal (Bad), P.O.- Gadposh, P.S.- Govindpur, Dist.- Sambalpur (Odisha)- 768224, declare that I have changed my name from Sarita Samad to Sarita Barla. Henceforth, I shall be known as Sarita Barla for all purposes.
Sarita Barla
D- 1356

I, Saroj Kanta Tripathy, S/o. Biranchi Narayan Tripathy, resident of B/152, Nalconagar, P.O.-/P.S.- Nalco, Dist.- Angul, PIN- 759145, Odisha, declare by this affidavit No.- 423 (13.05.2025) that now onwards, I shall be known as Saroja Kanta Tripathy for all future purposes. D-1355

## LEGAL NOTICE

IN THE COURT OF THE ADDL. COMMISSIONER, CONSOLIDATION AND SETTLEMENT, ODISHA, NAYAGARH
Notice Under Order- 5, Rule- 20 of the Code of Civil Procedure
Notice by Paper Publication
Revision Petition Case No.- 105/2025

In the Matter of:
1. Shantilata Sahoo, W/o- Sarat Chandra Sahoo. 2. Samir Kumar Sahoo, S/o- Sarat Chandra Sahoo, 3. Satish Kumar Sahoo, S/o- Sarat Chandra Sahoo, 4. Salina Mahapatra, D/o- Sarat Chandra Sahoo, 5. Samita Sahu, D/o- Sarat Chandra Sahoo all are of Village/P.O.- Satapatana, P.S.- Dasapalla, Dist.- Nayagarh ...Petitioners

-Vrs-

1. Bimala Mallik, W/o- Santosh Mallik and D/o- Sudam Mallik, At/P.O./P.S.- Nuagaon, Dist.- Nayagarh. 2. Hari Hara Mallik, S/o- Bhagaban Mallik, At/P.O.- Nij Gambharikhola, P.S.- Dasapalla, Dist.- Nayagarh, 3. Krushna Chandra Mallik, S/o- Bhagaban Mallik, At/P.O.- Nij Gambharikhola, P.S.- Dasapalla, Dist.- Nayagarh ...Opposite Parties.

You are above named Opposite Parties take notice that the petitioners have filed above RP Case against you. Though Notices sent to you in the above given address, but you did not receive the same which returned, therefore you are hereby directed through this general publication to appear before this Hon'ble Court in person or through counsel on Dtd-23.07.2025, at 10:30 AM. Take notice that in default of your appearance the above RP Case will be heard and decided as per law.

Give under my hand and seal on the Court of 9th day July, 2025.


By order of the Court of Addl. Commissioner, Consolidation and Settlement, Nayagarh.

Sd./- Addl. Commissioner Consolidation & Settlement, Nayagarh
D-1364

# ପୁରୁଣା କାଗଜର ରଙ୍ଗ


ମମତା ମହାନ୍ତି

''କାଗଜ ପାଇଁ ବ୍ୟବହୃତ ବାଉଁଶ ଓ ନରମ କାଠରେ ଦୁଇଟି ମୁଖ୍ୟ ଉପାଦାନ ଥାଏ। ସେଗୁଡ଼ିକ ହେଲା-ସେଲୁଲୋଜ୍ ଓ ଲିଗ୍ନିନ୍। କାଗଜ ପ୍ରସ୍ତୁତି ଓ ଏହାର ସୁନ୍ଦରତାରେ ଉଭୟ ଉପାଦାନର ବିଶେଷ ଭୂମିକା ରହିଛି। ସେଲୁଲୋଜ୍ ପଦାର୍ଥର ରଙ୍ଗ ଧଳା ଓ ଏହା ନରମ। ଏହା କାଠର ମୁଖ୍ୟ ଅଂଶ ଏବଂ କାଗଜର ମଧ ମୂଳ ଉପାଦାନ। ଏହା ତନ୍ତୁ ପରି ଭିତରେ ରହି କାଗଜକୁ ନମନୀୟ କରେ ଏବଂ କାଗଜ ସହଜରେ ଚିରିଯାଏ ନାହିଁ। ସେଲୁଲୋଜ୍ ନ ରହିଲେ କାଗଜକୁ ଧରିଲେ ତାହା ପାମ୍ପଡ଼ ପରି ଚୂନା ହୋଇଯାଆନ୍ତା। ଅପର ପକ୍ଷରେ କାଠ ଭିତରେ ଲିଗ୍ନିନ୍ ଉପାଦାନ ସେଲୁଲୋଜ୍‌କୁ ବାନ୍ଧି ରଖେ।''





ବହିଖାତା ଓ ଖବରକାଗଜର ରଙ୍ଗ ସାଧାରଣତଃ ଧଳା ବୋଲି ଆମେ ସମସ୍ତେ ଜାଣିଛୁ। କିନ୍ତୁ ଦୀର୍ଘ ଦିନ ଧରି ବହିଥାକରେ ଅବା ଷ୍ଟୋର୍ ରୁମ୍‌ରେ ରହିଗଲେ ବହିଖାତାର ରଙ୍ଗ ପୂର୍ବ ଭଳି ଆଉ ଧଳା ହୋଇ ରହି ନଥାଏ। ବହିଖାତାରେ ଥିବା କାଗଜର ଅଧିକାଂଶ ଭାଗ ହଳଦିଆ ବା ଧୂସରରଙ୍ଗରେ ପରିବର୍ତ୍ତିତ ହୋଇଯାଇଥାଏ। କାଗଜରେ ରହିଥିବା ଉପାଦାନ ହିଁ ଏଥିପାଇଁ ଦାୟୀ। ସେହି ଉପାଦାନର ରାସାୟନିକ ପ୍ରକ୍ରିୟା ଫଳରେ ପୁରୁଣା କାଗଜର ରଙ୍ଗ ବଦଳିଯାଏ।

ସାଧାରଣତଃ ବାଉଁଶ, ନରମକାଠ ଓ ସବାଇଘାସରୁ କାଗଜ ତିଆରିହୁଏ। ଗଛରୁ କାଠ କଟାଯାଏ। ତା'ପରେ କାଠକୁ ଛୋଟ ଛୋଟ ଟୁକୁଡ଼ାରେ ପରିଣତ କରାଯାଏ। ଏହି ଟୁକୁଡ଼ା ଖଣ୍ଡକୁ ପାଣିରେ ବହୁତ ସମୟ ଭିଜେଇ ଦିଆଯାଏ। ବିଭିନ୍ନ ପ୍ରକାର ଯନ୍ତ୍ରପାତି ସାହାଯ୍ୟରେ ଏହାକୁ ପେଷି କାଦୁଆ-ମଣ୍ଡରେ ପରିଣତ କରାଯାଏ। ସେହି ମଣ୍ଡକୁ ପଲ୍‌ପ କହନ୍ତି। ସେଇ କାଦୁଆ-ମଣ୍ଡକୁ ସଫା କରି ଛାଞ୍ଚରେ ଢାଳି ତା' ଉପରେ ଚାପ ଦିଆଯାଏ। ତା' ପରେ ଏଥିରୁ ପାଣି ନିଗାଡ଼ି ଏହାକୁ ଭଲ ଭାବରେ ଶୁଖେଇ କାଗଜ ପ୍ରସ୍ତୁତ କରାଯାଏ। ତା'ପରେ ଆମ ଆବଶ୍ୟକତା ଅନୁଯାୟୀ ମାପ କରି କାଗଜକୁ କଟାଯାଏ ଏବଂ ଏହାକୁ ଗଣି ଦିସ୍ତା ଓ ରିମ୍ ହିସାବରେ ରଖାଯାଏ। ଏହିପରି ଭାବରେ ଆମର ଲେଖା ଉପଯୋଗୀ କାଗଜ ପ୍ରସ୍ତୁତ ହୁଏ।

କାଗଜ ପାଇଁ ବ୍ୟବହୃତ ବାଉଁଶ ଓ ନରମ କାଠରେ ଦୁଇଟି ମୁଖ୍ୟ ଉପାଦାନ ଥାଏ। ସେଗୁଡ଼ିକ ହେଲା-ସେଲୁଲୋଜ୍ ଓ ଲିଗ୍ନିନ୍। କାଗଜ ପ୍ରସ୍ତୁତି ଓ ଏହାର ସୁନ୍ଦରତାରେ ଉଭୟ ଉପାଦାନର ବିଶେଷ ଭୂମିକା ରହିଛି। ସେଲୁଲୋଜ୍ ପଦାର୍ଥର ରଙ୍ଗ ଧଳା ଓ ଏହା ନରମ। ଏହା କାଠର ମୁଖ୍ୟ ଅଂଶ ଏବଂ କାଗଜର ମଧ ମୂଳ ଉପାଦାନ। ଏହା ତନ୍ତୁ ପରି ଭିତରେ ରହି କାଗଜକୁ ନମନୀୟ କରେ ଏବଂ କାଗଜ ସହଜରେ ଚିରିଯାଏ ନାହିଁ। ସେଲୁଲୋଜ୍ ନ ରହିଲେ କାଗଜକୁ ଧରିଲେ ତାହା ପାମ୍ପଡ଼ ପରି ଚୂନା ହୋଇଯାଆନ୍ତା। ଅପର ପକ୍ଷରେ କାଠ ଭିତରେ ଲିଗ୍ନିନ୍ ଉପାଦାନ ସେଲୁଲୋଜ୍‌କୁ ବାନ୍ଧି ରଖେ। ସେଲୁଲୋଜ୍‌କୁ ବାନ୍ଧିବାରେ ଏହା ଅଠା ପରି କାମ କରେ। ତେଣୁ ଗଛର ଡାଳ ଶକ୍ତ ରହେ ଓ ଗଛର ଶାଖା-ପ୍ରଶାଖା ସଜେଇ ହୋଇ ରହେ। କିନ୍ତୁ ପୁରୁଣା କାଗଜକୁ ହଳଦିଆ ହେବାରେ ଏହି ଲିଗ୍ନିନ୍ ହିଁ ସହାୟତା କରେ।

କାଗଜ ଯେତେବେଳେ ଆଲୋକ ଓ ବାୟୁ ସଂସ୍ପର୍ଶରେ ଦୀର୍ଘ ଦିନ ଧରି ଆସେ, ସେତେବେଳେ ତା' ଭିତରେ ଥିବା ଲିଗ୍ନିନ୍ ଉପାଦାନ ବାୟୁରେ ଥିବା ଅମ୍ଳଜାନ ସହିତ ମିଶି 'ଜାରଣ' (ଅକ୍ସିଡେସନ୍) ରାସାୟନିକ ପ୍ରକ୍ରିୟା କରିବାରେ ଲାଗିଥାଏ। ଆଲୋକ ଓ ବାୟୁର ଉପସ୍ଥିତିରେ ସେହି ରାସାୟନିକ ପ୍ରକ୍ରିୟା ହେତୁ ଲିଗ୍ନିନ୍ ଉପାଦାନର ରଙ୍ଗ ବଦଳିଯାଏ। ଏହିପରି ରାସାୟନିକ ପ୍ରକ୍ରିୟା କାରଣରୁ କାଗଜ ହଳଦିଆ ଅଥବା ଧୂସର ରଙ୍ଗରେ ପରିବର୍ତ୍ତିତ ହୋଇଥାଏ। କିନ୍ତୁ ସେଲୁଲୋଜ୍ ସହଜରେ ରାସାୟନିକ ପ୍ରକ୍ରିୟା କରେ ନାହିଁ କି ହଳଦିଆ ହୁଏ ନାହିଁ।

କାଗଜର ରଙ୍ଗ ପରିବର୍ତ୍ତନ ପ୍ରକ୍ରିୟାକୁ ଆହୁରି ତୀବ୍ରତର କରେ ବାୟୁମଣ୍ଡଳର ଆର୍ଦ୍ରତା, ଉତ୍ତାପ, ଧୂଳି ଏବଂ ଆମର ବେପରୁଆ ମନୋଭାବ। ଆମେ ବହିପତ୍ର ଓ କାଗଜକୁ ଠିକ୍ ସ୍ଥାନରେ ଯତ୍ନର ସହ ନ ରଖି ଖୋଲା ଜାଗାରେ ଏଣେ ତେଣେ ପକାଇ ଦେଲେ ସେଗୁଡିକ ଖୁବ୍ ଶୀଘ୍ର ହଳଦିଆ ପଡ଼ିଯାଏ। ଆଉ ଏହି ପ୍ରକ୍ରିୟା ନିମ୍ନ ଗୁଣବତ୍ତା (କ୍ୱାଲିଟି) ଥିବା କାଗଜରେ ଅଧିକ ପରିମାଣରେ ଦେଖାଯାଏ। ଏଥିରୁ ଅନୁମେୟ ଯେ ସେହି କାଗଜରେ ଲିଗ୍ନିନ୍ ଉପାଦାନର ପରିମାଣ ବହୁତ ବେଶି।

ଲିଗ୍ନିନ୍ ରହିଲେ କାଗଜର ଗୁଣବତ୍ତାକୁ ଖରାପ କରିବା ସଙ୍ଗେ ସଙ୍ଗେ ହଳଦିଆ ମଧ କରିଦିଏ, ତେଣୁ ଯେତେବେଳେ କାଠରୁ କାଗଜ ତିଆରି କରାଯାଏ, ସେତେବେଳେ କାଠରେ ଥିବା ଲିଗ୍ନିନ୍ ନାମକ ବସ୍ତୁକୁ ବାହାର କରିବାକୁ ପଡ଼େ। କାଦୁଆମଣ୍ଡରୁ ଲିଗ୍ନିନ୍‌କୁ ବାହାର କରିବା ପାଇଁ କେତେକ ରାସାୟନିକ ପଦାର୍ଥ ବ୍ୟବହାର କରାଯାଇଥାଏ। ସେହି ରାସାୟନିକ ପଦାର୍ଥ ଭିତରେ ସୋଡିଅମ୍ ହାଇଡ୍ରକ୍ସାଇଡ୍ (ସୋଡ଼ା) ଓ ସୋଡିଅମ୍ ସଲ୍‌ଫାଇଡ୍ ଅନ୍ତର୍ଭୁକ୍ତ। କାଗଜ ତିଆରି ସମୟରେ ପ୍ରଥମେ ଲିଗ୍ନିନ୍‌କୁ ଛାଣିବାରେ ସୋଡିଅମ୍ ହାଇଡ୍ରକ୍ସାଇଡ୍ ସାହାଯ୍ୟ କରେ ଓ ପରେ ଏଥିରେ ଥିବା ଲିଗ୍ନିନ୍ ଓ ଅନ୍ୟାନ୍ୟ ଅପଦ୍ରବ୍ୟକୁ ଅଲଗା କରିଦିଏ। ସେହିପରି ଲିଗ୍ନିନ୍ ସହିତ ସୋଡିଅମ୍ ସଲ୍‌ଫାଇଡ୍ ରାସାୟନିକ ପ୍ରକ୍ରିୟା କରି ତାହାକୁ ସମୂଳେ ନଷ୍ଟ କରେ ଏବଂ ମଣ୍ଡକୁ ଶୁଦ୍ଧ କରେ। ଫଳରେ ସେଥିରୁ ସୁନ୍ଦର କାଗଜ ପ୍ରସ୍ତୁତହୁଏ।

ବିଭିନ୍ନ ଗୁଣବତ୍ତାର କାଗଜ ତିଆରି ହୁଏ। ଅତି ଭଲ କ୍ୱାଲିଟିର କାଗଜରେ ଲିଗ୍ନିନ୍ ନ ଥାଏ। ବିଶେଷକରି ଖବର ଛାପିବା ପାଇଁ ବ୍ୟବହୃତ କାଗଜରେ ଅଧିକ ଲିଗ୍ନିନ୍ ଥାଏ। କାଗଜ ପଟା ଓ ମଲାଟ ଇତ୍ୟାଦି ପାଇଁ ବ୍ୟବହୃତ କାଗଜରେ ମଧ ଅଧିକ ଲିଗ୍ନିନ୍ ଥାଏ। ସତ କଥା ହେଉଛି, ଏସବୁ କାଗଜ ତିଆରି କରିବା ସମୟରେ କାଦୁଆ-ମଣ୍ଡରେ ଥିବା ଲିଗ୍ନିନ୍ ଉପାଦାନକୁ ବାହାର କରାଯାଇ ନଥାଏ। କାରଣ ଲିଗ୍ନିନ୍ ଉପାଦାନକୁ ବାହାର କରିବା ପାଇଁ ଅଧିକ ପରିଶ୍ରମ ଓ ଅଧିକ ଖର୍ଚ୍ଚ ଦରକାର। ଫଳରେ କାଗଜର ଦାମ୍ ବି ବଢ଼ିଯିବ। ତେଣୁ ଭଲ କ୍ୱାଲିଟିର କାଗଜ ତିଆରି କରିବାର ନ ଥିଲେ ଲିଗ୍ନିନ୍ ଉପାଦାନକୁ ବାହାର କରାଯାଏ ନାହିଁ। ସେହି କାଗଜର ଦାମ୍ କମ୍ ରହେ, କିନ୍ତୁ ତାହା ଶୀଘ୍ର ହଳଦିଆ ପଡ଼େ।

କାଗଜରେ ସେଲୁଲୋଜ୍ ସହିତ ଲିଗ୍ନିନ୍ ନ ଥିଲେ ଜାରଣ ପ୍ରକ୍ରିୟା ଦ୍ୱାରା କାଗଜର ଧଳାରଙ୍ଗ ବିଗିଡ଼ି ନଥାନ୍ତା। ଜାରଣ ପ୍ରକ୍ରିୟାରେ ଲିଗ୍ନିନ୍ ପଦାର୍ଥର ଅଣୁଗଠନ ପରିବର୍ତ୍ତିତ ହୋଇ କ୍ରୋମୋଫୋର୍ ତିଆରି ହୁଏ, ଯାହା ହଳଦିଆ ରଙ୍ଗରେ ରୂପାନ୍ତରିତ ହୋଇଯାଏ। ସୂର୍ଯ୍ୟାଲୋକରେ ଅତି-ବାଇଗଣି (ୟୁଭି, ଅଲଟ୍ରାଭାଓଲେଟ୍) ରଶ୍ମି ଥାଏ। ଏହି ରଶ୍ମି ସୂର୍ଯ୍ୟଠାରୁ ଆମ ପୃଥିବୀକୁ ଆସେ। ଏହା ମାନବ ଶରୀର ପାଇଁ କ୍ଷତିକାରକ। ଏହା ଚର୍ମକର୍କଟ, ଚକ୍ଷୁରୋଗ (ମୋତିଆବିନ୍ଦୁ) ଏବଂ ଚର୍ମଜଳିବା ଆଦି ରୋଗ ସୃଷ୍ଟି କରେ। ଅତି-ବାଇଗଣି ରଶ୍ମି ଜାରଣ (ଅକ୍ସିକରଣ) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଏ। କେତେକ କାଗଜରେ ବ୍ରାଇଟ୍‌ନର ବ୍ୟବହୃତ ହୁଏ, ଯାହା କି ଏହି ରଶ୍ମି ଦ୍ୱାରା ଖରାପ ହୁଏ। ଅମ୍ଳୀୟ ଓ ଆର୍ଦ୍ର ପରିବେଶରେ ମଧ କାଗଜରେ ଥିବା ସେଲୁଲୋଜ୍ ଜାରଣ ପ୍ରକ୍ରିୟା ଦ୍ୱାରା ହଳଦିଆ ପଡ଼ିଯାଏ। କିନ୍ତୁ ଲିଗ୍ନିନ୍ ଭଳି ସେତେ ମାତ୍ରାରେ ନୁହେଁ। ସୂର୍ଯ୍ୟାଲୋକରୁ ଆସୁଥିବା ଅତିବାଇଗଣି ବିକିରଣ କାଗଜ ଉପରେ ଦୀର୍ଘ ସମୟ ପଡ଼ିଲେ ତାହା ଧୀରେ ଧୀରେ କାଗଜର ତନ୍ତୁକୁ ନଷ୍ଟ କରି ଦୁର୍ବଳ କରିଦିଏ। ବାୟୁମଣ୍ଡଳରେ ଥିବା ଆର୍ଦ୍ରତା କାଗଜରେ ଫିମ୍ପି (ଫଙ୍ଗସ୍) ସୃଷ୍ଟିକରେ। ପୁରୁଣା କାଗଜକୁ ବେଶି ଧରିଲେ କି ମୋଡ଼ାମୋଡ଼ି କଲେ ତାହା ଜଲ୍‌ଦି ଚିରିଯିବାର ଓ ଫାଟିଯିବାର ଅଧିକ ସମ୍ଭାବନା ଥାଏ। ତେଣୁ ପୁରୁଣା ବହିପତ୍ର ଓ ନଥିପୋଥିକୁ ସାବଧାନତାର ସହିତ ବ୍ୟବହାର କରିବା ଉଚିତ।

-ଶିକ୍ଷୟିତ୍ରୀ, ଝାଡ଼େଶ୍ୱର
ଇଣ୍ଟରନ୍ୟାଶନାଲ ସ୍କୁଲ, ବାଲେଶ୍ୱର
ମୋ: ୮୬୩୭୨୭୨୭୩୯

## ଉପକାରୀ ଭିଟାମିନ୍ 'ଇ'



ଭିଟାମିନ୍-ଇ'ରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଥିରେ ଏଭଳି ତତ୍ତ୍ୱ ଅଛି, ଯାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏହି ତାଲିକାରେ ଆଉ ଏକ ବିଷୟକୁ ସାମିଲ କରାଯାଇଛି। ଏଭଳି ଖାଦ୍ୟ ଖାଉଥିଲେ ତାହା ଆଲର୍ଜି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟି ଅକ୍ସିଡାଣ୍ଟ ପରି କାମ କରେ। ଆପଣ କୋଲେଷ୍ଟରଲ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ଏଭଳି ଖାଦ୍ୟ ଖାଇଲେ ତାହା ଏହି ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ ସାହାଯ୍ୟ କରେ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍-ଇ ପ୍ରଚୁର ମାତ୍ରାରେ ଭରି ରହିଛି।

## ସ୍ପାଇଡର ରୋବୋ



ରୋବୋର ବ୍ୟବହାର ଆଜିକାଲି ବିଭିନ୍ନ କ୍ଷେତ୍ରରେ କରାଯାଉଛି। ଏପରିକି ଚିକିତ୍ସା ବିଜ୍ଞାନରେ ଏହାକୁ ଉପଯୋଗ କରାଯାଇ ଅପରେଶନ ଭଳି ଗୁରୁତ୍ୱପୂର୍ଣ୍ଣ କାମ କରାଯାଇପାରୁଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏକ ନୂଆ ରୋବୋ ପ୍ରସ୍ତୁତ କରିଛନ୍ତି। ତେବେ ଏହି ରୋବୋର ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି। ତାହା କ'ଣ ଜାଣନ୍ତି? ଉକ୍ତ ରୋବୋ ଡେଇଁ ଡେଇଁ ଯାଇପାରିବ। ତେବେ ଏହାକୁ ପ୍ରସ୍ତୁତ କରିବା ପୂର୍ବରୁ ଟୋକିଓ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ବେଶ୍ ଚିନ୍ତା କରିଥିଲେ। ଏହି ସମୟରେ ସେମାନଙ୍କ ମନକୁ ବୁଢ଼ିଆଣୀ ବା ସ୍ପାଇଡର ଆସିଥିଲା। ଏହା ଯେପରି ଡେଇଁ ଡେଇଁ ଯାଏ ଠିକ୍ ସେହିଭଳି ଏକ ରୋବୋ ପ୍ରସ୍ତୁତ କରିବାକୁ ସେମାନେ ଲାଗିପଡ଼ିଲେ। ଶେଷରେ ଦୀର୍ଘ ଚାରି ବର୍ଷ କାଳ ଅକ୍ଳାନ୍ତ ପରିଶ୍ରମ କରି ଉକ୍ତ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏଥିରେ ସଫଳ ହୋଇଥିଲେ। ଯେହେତୁ ବୁଢ଼ିଆଣୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି ତେଣୁ ତାହାକୁ 'ସ୍ପାଇଡର ରୋବୋ' ନାମରେ ନାମିତ କରିଛନ୍ତି। କେବଳ ସେତିକି ନୁହେଁ, ଏକୁଟିଆ ବସିଥିବା ସମୟରେ ଉକ୍ତ ରୋବୋ ସଂପୃକ୍ତ ବ୍ୟକ୍ତିଙ୍କ ଏକୁଟିଆପଣ ଦୂର କରିବାରେ ସହାୟତା କରିପାରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଅତ୍ୟଧିକ ମୃଦୁ ପାନୀୟ ପିଉଥିଲେ...



ମୃଦୁ ପାନୀୟ ବା କୋଲ୍ଡ ଡ୍ରିଙ୍କ୍ସ ପିଇବା ଆଜିକାଲି କେତେ ଜନାଦୃତ ହୋଇଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତେବେ ବିଶେଷଭାବରେ ଯୁବପିଢ଼ି ଅଧିକ ପରିମାଣରେ ଏହାର କବଳିତ ହେଉଛନ୍ତି। ଏହାର ସ୍ୱାଦ ମନକୁ ସାମୟିକ ଆନନ୍ଦ ଦେଇପାରେ, ହେଲେ ଏହାର ଖରାପ ପ୍ରଭାବ ଅସ୍ଥି ଉପରେ ପଡ଼ିବାର ଆଶଙ୍କା ରହିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏ ନେଇ ନିକଟରେ ସୂଚନା ଦେଇଛନ୍ତି। 'ଅତ୍ୟଧିକ ମୃଦୁ ପାନୀୟ ପିଇବା ଏବଂ ଅସ୍ଥି ସମସ୍ୟା' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ (ଯେଉଁମାନଙ୍କର ମୃଦୁ ପାନୀୟ ପିଇବା ଏକ ଅଭ୍ୟାସରେ ପରିଣତ ହୋଇଥିଲା) ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ଅସ୍ଥିଜନିତ ସମସ୍ୟା ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ମୃଦୁ ପାନୀୟରେ ଏଭଳି ତତ୍ତ୍ୱ ରହିଛି ତାହାର ଖରାପ ପ୍ରଭାବ ଅସ୍ଥି ଉପରେ ପଡ଼ିଥାଏ। ତେଣୁ ଏହାର ପିଇବା ପରିମାଣକୁ ସୀମିତ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଅସ୍ଥିକୁ ମଜଭୁତ ରଖିବା ପାଇଁ ଲୁଣଜାତୀୟ ଖାଦ୍ୟ କମ୍ ଖାଆନ୍ତୁ।

## ଔଷଧ ଖାଇବା ସମୟରେ...



ସାଧାରଣତଃ ଆମେ କୌଣସି ରୋଗରେ ପୀଡ଼ିତ ହେଲେ ଔଷଧ ଖାଇଥାଉ। ବେଳେବେଳେ ମେଡିସିନ୍ ଷ୍ଟୋର୍‌ରୁ ରୋଗର କାରଣ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ କେତେକେ ପସନ୍ଦ କରିଥାଆନ୍ତି। ହେଲେ କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଔଷଧ କିଣିବା ହେଉ ଅବା ଖାଇବା-ଏନେଇ ଆମେ କେତୋଟି ପ୍ରମୁଖ ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ପ୍ରଥମ କଥା ହେଲା, ଯଦି ଆପଣ ଅସୁସ୍ଥ ଅନୁଭବ କରୁଛନ୍ତି, ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। କାରଣ ସେ ରୋଗର କାରଣ ଅନୁସାରେ ହିଁ ଔଷଧ ଖାଇବାକୁ ପରାମର୍ଶ ଦିଅନ୍ତି। ମନକୁ ମନ କୌଣସି ରୋଗ ପାଇଁ ମେଡିସିନ୍ ଆଣି ଖାଇବା ପୂର୍ବରୁ ସେ ବିଷୟରେ ଚିନ୍ତା କରନ୍ତୁ। ଯଦି ମେଡିସିନ୍ କିଣିବା ସମୟରେ ମନରେ କୌଣସି ଭ୍ରମ ଉପୁଜୁଛି ତେବେ ମେଡିସିନ୍ ଏକ୍ସପର୍ଟ ନ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣ ବିଳମ୍ବିତ ରାତିରେ ଶୋଇବା ଏକ ଅଭ୍ୟାସରେ ପରିଣତ ହୋଇଯାଇଛି, ତେବେ ଏହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ସ୍ୱାସ୍ଥ୍ୟ ପାଇଁ ହିତକର।



➤ଯଦି ଆପଣ ଜିମ୍ ଯାଉଛନ୍ତି ଏବଂ ତଥାପି ଏହାକୁ ନେଇ ମନରେ କିଛି ପ୍ରଶ୍ନ ଉଙ୍କି ମାରୁଛି, ତେବେ ଏ ବିଷୟରେ ଜିମ୍ ଏକ୍ସପର୍ଟଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।

➤ସକାଳୁ ଉଠିବା ପରେ ଦାନ୍ତ ନ ଘଷି ଗ୍ଲାସେ ପାଣି ପିଅନ୍ତୁ। ଏହାଦ୍ୱାରା ଶରୀର ଭିତରେ ଥିବା ଟକ୍ସିନ ନାମକ ବିଷାକ୍ତ ତତ୍ତ୍ୱ ଅନେକାଂଶରେ ଦୂର ହୋଇଥାଏ।

➤ତଟକା ଫଳମୂଳରୁ ପ୍ରସ୍ତୁତ ସାଲାଡ ସବୁଦିନ ଖାଇବାକୁ ଚେଷ୍ଟା କରନ୍ତୁ। କାରଣ ଏଗୁଡ଼ିକରେ ଭିଟାମିନ୍ ଭରି ରହିଛି।

➤ବୟସ ବଢ଼ିଲେ ବିଶେଷଭାବରେ ଖାଦ୍ୟପେୟ ଏବଂ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➤ନିଜକୁ ଟେନ୍‌ସନଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ଯଦି ଆପଣଙ୍କର ଡାଇବେଟିସ୍ କିମ୍ବା ରକ୍ତଚାପ ସମସ୍ୟା ରହିଛି ତେବେ ଏ ନେଇ ଅଧିକ ସତର୍କ ହେବା ବିଧେୟ। କାରଣ ଏହାଦ୍ୱାରା ସୁଗାର ପରିମାଣ ଏବଂ ରକ୍ତଚାପ ବୃଦ୍ଧି ପାଇବାର ଆଶଙ୍କା ରହିଛି।

## କ୍ଷତିକାରକ ନିଶା ଔଷଧ

(ଶେଷ ଭାଗ)

**କୃତ୍ରିମ ଔଷଧ:** କୃତ୍ରିମ ଔଷଧ ସମ୍ପୂର୍ଣ୍ଣ ଭାବରେ ରାସାୟନିକ ପ୍ରକ୍ରିୟା ମାଧମରେ ଉତ୍ପାଦିତ ହୁଏ। ଆମ୍ଫେଟାମାଇନ, ଏକ୍ସଟାସି, ଡାଏଜେପାମ, ମେଥାକ୍ୱାଲୋନ (ସାଧାରଣତଃ ମାଣ୍ଡ୍ରାକ୍ସ କୁହାଯାଏ) ହେଉଛି କୃତ୍ରିମ ଔଷଧର କିଛି ଉଦାହରଣ। ମର୍ଫିନ, କୋଡିନ, ହେରୋଇନ ଓ କୋକେନ ଅଲ୍‌କଲୋଇଡ ପରିବାରର ରସାୟନ ହୋଇଥିବା ବେଳେ ଗଞ୍ଜେଇ କାନବଏଡ ପରିବାରର ସଦସ୍ୟ। ଏହି ଔଷଧଗୁଡ଼ିକ ସାଧାରଣତଃ ପାଟିବାଟେ ଚାଟିକି, ଇଞ୍ଜେକ୍ସନ ଦ୍ୱାରା, ନାକ ବାଟେ ଶୁଙ୍ଘିକି କିମ୍ବା ଧୂମପାନ କରିବା ଦ୍ୱାରା ନିଆଯାଏ। ଏହି ମାନସିକ ପ୍ରଭାବୀ ଔଷଧରେ ଏପରି ଯୌଗିକ ଥାଏ ଯାହା ମସ୍ତିଷ୍କର ସ୍ନାୟୁ ସଞ୍ଚାରକ ବା ନ୍ୟୁରୋଟ୍ରାନ୍ସମିଟରଗୁଡ଼ିକୁ ପ୍ରଭାବିତ କରେ। ବିଶେଷଭାବରେ ଆନନ୍ଦ ଅନୁଭବ କରୁଥିବା ଖୁସି ରସାୟନ, ଡୋପାମିନକୁ ପ୍ରଚୁର ଭାବରେ ନିର୍ଗତ କରିବାରେ ସାହାଯ୍ୟ କରେ। ସେମାନେ ମସ୍ତିଷ୍କ ଏବଂ ମେରୁଦଣ୍ଡରେ ଥିବା ନିର୍ଦ୍ଦିଷ୍ଟ ରିସେପ୍ଟର ସହିତ ବାନ୍ଧି ହୁଅନ୍ତି, ଯାହାକୁ ଓପିଓଏଡ ରିସେପ୍ଟର କୁହାଯାଏ। ଯେତେବେଳେ କେହି ନାର୍କୋଟିକ ଔଷଧ ନିଅନ୍ତି, ଏହା ଯନ୍ତ୍ରଣା ସଙ୍କେତଗୁଡ଼ିକୁ ଅବରୋଧ କରେ। ଏଥିପାଇଁ କ୍ୟାନ୍‌ସର ଭଳି ମାରାତ୍ମକ ରୋଗରେ ରୋଗୀମାନଙ୍କ ଯନ୍ତ୍ରଣା ଉପଶମ ପାଇଁ ଅଳ୍ପ ପରିମାଣରେ ଔଷଧ ରୂପରେ ବ୍ୟବହାର କରାଯାଏ। ଏହି ନାର୍କୋଟିକ୍ସ ଔଷଧ ଆନନ୍ଦ କିମ୍ବା ଅତ୍ୟନ୍ତ ଖୁସିର ଅନୁଭବ ଦିଏ। ଏହା ଶ୍ୱାସକ୍ରିୟା ଏବଂ ହୃଦ୍‌ସ୍ପନ୍ଦନକୁ ଧୀର କରିଦିଏ। ପ୍ରଥମେ ପ୍ରଥମେ ସାମୟିକ ଭାବରେ ମାନସିକ ଅବସାଦ ଦୂରକରି ଆନନ୍ଦ ଅନୁଭବ କରାଏ। କିନ୍ତୁ ଶୀଘ୍ର ଶରୀର ଏଥିରେ ଅଭ୍ୟସ୍ତ ହୋଇଯାଏ ଏବଂ ସମାନ ପ୍ରଭାବ ପାଇଁ ଅଧିକ ମାତ୍ରା ଆବଶ୍ୟକ ହୁଏ। ଏହା ନିଶା ଆଡ଼କୁ ନେଇଯାଏ। ଏହି ଔଷଧ ମସ୍ତିଷ୍କକୁ ନିଜ ଅଧୀନ କରିଦିଏ ଓ ପ୍ରତିଦିନ ଏହି ନିଶା ସେବନ କରିବାକୁ ବାଧ କରେ। ଏହି ଔଷଧ ସେହି ଜୁଆ ସଂସ୍ଥା ପରି ଯେ ପ୍ରଥମେ ଲୋକଙ୍କୁ ବିଜୟୀ କରାଇ ଜୁଆଖେଳ ଆଡ଼କୁ ଆକର୍ଷିତ କରାନ୍ତି ଓ ଧୀରେ ଧୀରେ ଜୁଆଖେଳ ପ୍ରତି ଆସକ୍ତ କରାଇ ସେ ଲୋକକୁ ସର୍ବସ୍ୱାନ୍ତ କରିଦିଅନ୍ତି। ଯଦିଓ ନିଶାଦ୍ରବ୍ୟ ସ୍ୱଳ୍ପ ସମୟ ପାଇଁ ଆନନ୍ଦ ପ୍ରଦାନ କରି ମସ୍ତିଷ୍କକୁ ବିପଦମୁକ୍ତ କରେ, ଏହା ଶରୀରର ପ୍ରାୟ ପ୍ରତ୍ୟେକ ଅଂଶକୁ କ୍ଷତି ପହଞ୍ଚାଏ।



ଏହାର ସବୁଠାରୁ ବେଶି କୁପ୍ରଭାବ ମସ୍ତିଷ୍କ ଉପରେ ପଡ଼ିଥାଏ। ଏହା ସ୍ମୃତି ହ୍ରାସ କରେ, ବିଚାର ଶକ୍ତିକୁ ଦୁର୍ବଳ କରିଦିଏ ଏବଂ ଭ୍ରମ ଓ ଦ୍ୱନ୍ଦ୍ୱ ସୃଷ୍ଟି କରେ। ହାର୍ଟ ଉପରେ ଏହାର ପ୍ରଭାବ ମଧ କିଛି କମ୍ ନୁହେଁ। ଏହା ଅନିୟମିତ ହୃଦ୍‌ସ୍ପନ୍ଦନ କରେ ଓ ହୃଦ୍‌ଘାତର ବିପଦ ସୃଷ୍ଟି କରେ। ବିଷାକ୍ତ ରାସାୟନିକ ପଦାର୍ଥ ଯୋଗୁ ଫୁସ୍‌ଫୁସ୍, ଯକୃତ୍ ଏବଂ ବୃକ୍କ ପରି ଅଙ୍ଗର ଅଭୂତ କ୍ଷତି ହୁଏ। ସମାନ ସିରିଞ୍ଜରେ ବହୁତ ଲୋକ ଔଷଧ ଗ୍ରହଣ କରିବାରୁ ଏଡ୍‌ସ ପରି ରୋଗ ସଂକ୍ରମଣର ଆଶଙ୍କା ମଧ ଅଧିକ ଥାଏ। ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ମଧ ବହୁ ପ୍ରଭାବ ପକାଏ। ଏହା ବିଷାଦଗ୍ରସ୍ତ କରାଏ, ମନରେ ଉତ୍କଣ୍ଠା ଜାତ କରେ, ଆତ୍ମହତ୍ୟା ଓ ଆତ୍ମଘାତ ଚିନ୍ତାଧାରା ପରି ଭାବନା ସୃଷ୍ଟି ହୁଏ। ନିଶା ଜଣେ ବ୍ୟକ୍ତିଙ୍କୁ ଜୀବନ, ପରିବାର, ପାଠପଢ଼ା ଏବଂ ନିଜର ସ୍ୱପ୍ନଠାରୁ ଦୂରକୁ ନେଇଯାଏ। ଏହା ଆଲୋକ ସନ୍ଧାନରେ ଅନ୍ଧକାର ଗୁମ୍ଫା ଭିତରେ ବାଟବଣା ହୋଇଯିବା ପରି। ଯଦିଓ ନିଶା ଏକ ଅନ୍ଧାର ରାସ୍ତା, ତଥାପି ସୁସ୍ଥତା ସର୍ବଦା ସମ୍ଭବ। ଏହି ଅନ୍ଧକାରମୟ ଦୁନିଆରୁ ବାହାରକୁ ଆସିବାର କିଛି ଉପାୟ ନିମ୍ନରେ ପ୍ରଦତ୍ତ କରାଗଲା।

ପ୍ରଥମ ପଦକ୍ଷେପ ହେଉଛି ନିଜକୁ ଏହି ଅନ୍ଧକାରମୟ ନିଶା କବଳରୁ ମୁକ୍ତି କରିବା ପାଇଁ ନିଶ୍ଚୟ କରିବା ଓ ସାହାଯ୍ୟ ଆବଶ୍ୟକ ବୋଲି ସ୍ୱୀକାର କରିବା। ଅନେକେ ଲଜ୍ଜାରେ ଏହାକୁ ଲୁଚାଇ ରଖନ୍ତି, କିନ୍ତୁ ଏପରି କରିବା ଠିକ୍ ନୁହେଁ। ମନୋବିଜ୍ଞାନୀମାନଙ୍କ ସହିତ କଥାବାର୍ତ୍ତା କରିବା ଟ୍ରିଗରଗୁଡ଼ିକୁ ଚିହ୍ନଟ କରିବାରେ ଏବଂ ମାନସିକ ଶକ୍ତି ନିର୍ମାଣ କରିବାରେ ସାହାଯ୍ୟ କରେ। ଡାକ୍ତରମାନେ ନିରାପଦରେ ପ୍ରତ୍ୟାହାର ଲକ୍ଷଣଗୁଡ଼ିକୁ ହ୍ରାସ କରିବା ପାଇଁ ମେଥାଡୋନ କିମ୍ବା ବୁପ୍ରେନର୍ଫାଇନ ଭଳି ଔଷଧ ଦେଇପାରନ୍ତି। ଏହି କେନ୍ଦ୍ରଗୁଡ଼ିକ ଏକ ନିଶାମୁକ୍ତ ପରିବେଶ, ନିୟମିତ ଯାଞ୍ଚ ଏବଂ ଗୋଷ୍ଠୀ ସହାୟତା ପ୍ରଦାନ କରନ୍ତି। ପରିବାର ଏବଂ ଶିକ୍ଷକମାନଙ୍କଠାରୁ ପ୍ରେମ, ଧୈର୍ଯ୍ୟ ଏବଂ ଉତ୍ସାହ ଆରୋଗ୍ୟରେ ଏକ ବଡ଼ ଭୂମିକା ଗ୍ରହଣ କରେ। ପିଲା ଏବଂ ଯୁବକମାନଙ୍କୁ ନିଶାର ବିପଦ ବିଷୟରେ ଶିକ୍ଷା ଦେବା ହେଉଛି ନିଶାକୁ ରୋକିବାର ସର୍ବୋତ୍ତମ ଉପାୟ। ଏହି ପ୍ରବନ୍ଧର ଉଦ୍ଦେଶ୍ୟ ମଧ ଯୁବପିଢ଼ିକୁ ସଚେତନ କରିବା। ଆମେ ମନେରଖିବା ନିଶା ସେବନ ଏକ ଅପରାଧ ନୁହେଁ, ଏହା ଏକ ରୋଗ ଏବଂ ଯେକୌଣସି ରୋଗ ପରି, ଏହାର ଚିକିତ୍ସା କରାଯାଇପାରିବ। ଯଦି ଆପଣ କିମ୍ବା ଆପଣଙ୍କ ଜଣାଶୁଣା କେହି ନିଶାଦ୍ରବ୍ୟର ଦୁନିଆରେ ଫସିଯାଇଛନ୍ତି, ତେବେ ତାଙ୍କୁ ଘୃଣା ନ କରି ସହାୟତା କରନ୍ତୁ। ସେମାନଙ୍କ ପାଖକୁ ଯାଆନ୍ତୁ, ଶୁଣନ୍ତୁ ଏବଂ ସେମାନଙ୍କୁ ନିରାପତ୍ତା ପାଇଁ ମାର୍ଗଦର୍ଶନ କରନ୍ତୁ। ଆସନ୍ତୁ ଏପରି ଏକ ବିଶ୍ୱ ନିର୍ମାଣ କରିବା ଯେଉଁଠାରେ କୌଣସି କୋମଳମତି ଶିଶୁ କିମ୍ବା ଉଦୀୟମାନ ଯୁବକ ନିଶାଦ୍ରବ୍ୟର କୁହୁଡ଼ିରେ ହଜି ନ ଯାଏ। ଆସନ୍ତୁ କଥା ହେବା, ଶିକ୍ଷା ଦେବା ଏବଂ ଆମର ଭବିଷ୍ୟତକୁ ସୁରକ୍ଷା ଦେବା। କାରଣ ପ୍ରତ୍ୟେକ ପିଲା ଛାଇ ନୁହେଁ ବରଂ ଆଲୋକରେ ପରିପୂର୍ଣ୍ଣ ଜୀବନ ପାଇବାର ଯୋଗ୍ୟ। ନିଶା ସେବନକୁ ନା କୁହନ୍ତୁ ଓ ଜୀବନକୁ ହଁ କୁହନ୍ତୁ - ଏହାହିଁ ଏହି ପ୍ରବନ୍ଧର ବାର୍ତ୍ତା।

**-ଦେବାଶିଷ ମହାନ୍ତି,** ବିଭାଗୀୟ ମୁଖ୍ୟ,
ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ,
ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ
ମୋ: ୯୮୬୧୩୯୧୧୯୦

# ଉସିକ ୱାର୍ଲ୍ଡ ହେଭିୱେଟ ଚାମ୍ପିୟନ

ଲଣ୍ଡନ,୨୦।୭(ଏପି)

ଓଲେକ୍‌ଜାଣ୍ଡର ଉସିକ ଦ୍ୱିତୀୟ ଥର ପାଇଁ ଅନ୍‌ଡିସ୍‌ପୁଟେଡ୍ ୱାର୍ଲ୍ଡ ହେଭିୱେଟ୍ ଚାମ୍ପିୟନ ହୋଇଛନ୍ତି। ଶନିବାର ୱେମ୍ବଲେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ସେ ଡାନିଏଲ ଡୁବୋଇସଙ୍କୁ ପଞ୍ଚମ ରାଉଣ୍ଡରେ ନକ୍‌ଆଉଟ୍ କରି ଏହି ସଫଳତା ପାଇଛନ୍ତି। ୯୦ ହଜାର ଦର୍ଶକଙ୍କ ଉପସ୍ଥିତିରେ ଉସିକଙ୍କ ଏକ ବାମହାତୀ ପଞ୍ଚ ଥୋଡ଼ିରେ ବାଜିବାରୁ ଡୁବୋଇସ ନକ୍‌ଆଉଟ୍ ହୋଇଥିଲେ। ଅପରାଜିତ ଉସିକ ତାଙ୍କର ଡବ୍ଲ୍ୟୁବିଏ, ଡବ୍ଲ୍ୟୁବିସି ଓ ଡବ୍ଲ୍ୟୁବିଓ ବେଲ୍ଟ ବଜାୟ ରଖିଛନ୍ତି। ଏଥିସହିତ ସେ ଏକ ବର୍ଷର ବ୍ୟବଧାନ ପରେ ଆଇବିଏଫ୍ ବେଲ୍ଟ ପୁନଃ ହାସଲ କରିଥିଲେ। ୩୮ ବର୍ଷୀୟ ୟୁକ୍ରେନ ବକ୍ସର ଉସିକ ପରବର୍ତ୍ତୀ ସମୟରେ ଟାଇସନ ଫ୍ୟୁରି, ଡେରେକ ଚିସୋରା, ଆନ୍‌ଥୋନୀ ଜୋଶୁଆ ଓ ଯୋଶେଫ ପାର୍କରଙ୍କୁ ରିଙ୍ଗ୍‌ରେ ଭେଟିବାକୁ ଆଶା ପ୍ରକଟ କରିଛନ୍ତି। "ମୁଁ ବକ୍ସିଂ ଓ ଟ୍ରେନିଂ ଜାରି ରଖିବି। କିନ୍ତୁ ବର୍ତ୍ତମାନ ମୋର ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ କିଏ ମୁଁ କହିପାରିବି ନାହିଁ। ମୁଁ ଗତ ସାଢ଼େ ୩ ମାସ ହେଲା ପ୍ରସ୍ତୁତି କରୁଛି। ମୋ ସ୍ତ୍ରୀ ଓ ପରିବାରକୁ ଦେଖିନି। ପ୍ରତ୍ୟେକ ଦିନ ମୁଁ ମୋ ଦଳ ସହ ରୁହେ। ଏବେ ମୁଁ ଘରକୁ ଯିବାକୁ ଚାହେଁ" ବୋଲି ଉସିକ କହିଛନ୍ତି। କ୍ୟାରିୟରରେ ମୋଟ ୨୪ ମ୍ୟାଚ୍ ଖେଳିଥିବା ଉସିକ ଏପର୍ଯ୍ୟନ୍ତ ଅପରାଜେୟ ରହିଛନ୍ତି। ଏଥିରୁ ୧୫ ବିଜୟ ସେ ନକ୍‌ଆଉଟ୍ ଜରିଆରେ ହାସଲ କରିଛନ୍ତି। ଗତ ଦେଢ଼ରୁ ଦୁଇ ବର୍ଷ ମଧ୍ୟରେ ସେ ଦ୍ୱିତୀୟ ଥର ପାଇଁ ଡୁବୋଇସଙ୍କୁ ପରାସ୍ତ କରିଛନ୍ତି। ଗତ ଥର ଦୁଇ ବକ୍ସରଙ୍କ ମଧ୍ୟରେ ଲୋ-ବ୍ଲୋ ଡ୍ରାମା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ୨୭ ବର୍ଷୀୟ ଡୁବୋଇସଙ୍କ ଲାଗି ଏହା ତୃତୀୟ ପରାଜୟ। ତାଙ୍କ କ୍ୟାରିୟରରେ ବିଜୟ-ପରାଜୟ ରେକର୍ଡ ୨୨-୩ ରହିଛି। ଫ୍ୟୁରି ଓ ଯୋଶୁଆଙ୍କ ପରେ ସେ ତୃତୀୟ ବ୍ରିଟିଶ ବକ୍ସର ଭାବେ ଉସିକଙ୍କଠାରୁ ପରାସ୍ତ ହୋଇଛନ୍ତି।



ଅନ୍‌ଡିସ୍‌ପୁଟେଡ୍ ୱାର୍ଲ୍ଡ ହେଭିୱେଟ୍ ଚାମ୍ପିୟନ ଓଲେକ୍‌ଜାଣ୍ଡର ଉସିକ।

## ଭାରତୀୟ ଦଳରେ ପେସର ଅଂଶୁଲ

ମାଞ୍ଚେଷ୍ଟର, ୨୦।୭ (ପି.ଟି.): ଆକାଶ ଦୀପ ଓ ଅର୍ଶଦୀପ ସିଂ ଆହତ ହୋଇଥିବାରୁ ସେମାନଙ୍କ ସ୍ଥାନ ଭରଣା ପାଇଁ ଜୁଲାଇ ୨୩ରେ ଓଲ୍ଡ ଟ୍ରାଫୋର୍ଡଠାରେ ଆରମ୍ଭ ହେବାକୁ ଥିବା ଚତୁର୍ଥ ଟେଷ୍ଟ ଲାଗି ପେସ୍ ବୋଲର ଅଂଶୁଲ କାମ୍ବୋଜଙ୍କୁ ସାମିଲ କରାଯାଇଛି। ଆକାଶଦୀପ ଚଳିତ ସିରିଜରେ ଯଥାକ୍ରମେ ବର୍ମିଂହାମ୍ ଓ ଲର୍ଡ୍ସଠାରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ଖେଳି ଥିବା ବେଳେ ବାମହାତୀ ପେସର ଅର୍ଶଦୀପ୍ ଚଳିତ ସିରିଜରେ ଗୋଟିଏ ହେଲେ ମ୍ୟାଚ ଖେଳି ନାହାନ୍ତି। ଗ୍ରୋଇନ୍ ଇଞ୍ଜୁରୀ କାରଣରୁ ଆକାଶଦୀପ ଉପଲବ୍ଧ ହେବେ କି ନା ସେ ସମ୍ପର୍କରେ କୌଣସି ସୂଚନା ମିଳି ନାହିଁ। ଅର୍ଶଦୀପ ମାଞ୍ଚେଷ୍ଟର ଟେଷ୍ଟ ପାଇଁ ଉପଲବ୍ଧ ହୋଇ ନ ପାରନ୍ତି। ସେଥିପାଇଁ ଚୟନକର୍ତ୍ତାମାନେ କାମ୍ବୋଜଙ୍କୁ ଡକାଇବା ଲାଗି ନିଷ୍ପତ୍ତି ନେଇଛନ୍ତି। ଗୁରୁବାର ବେକେନହାମ୍‌ଠାରେ ନେଟ ସେସନ ବେଳେ ସାଇ ସୁଦର୍ଶନଙ୍କ ଏକ ଶଟ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ବାମହାତରେ ଆଘାତ ଲାଗିଥିଲା। ତାଙ୍କ ବୋଲିଂ ହାତରେ ବ୍ୟାଣ୍ଡେଜ କରାଯାଇଛି। ଟେଷ୍ଟ ସିରିଜ ପୂର୍ବରୁ ଭାରତ 'ଏ' ଓ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଦୁଇଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ୨୪ ବର୍ଷୀୟ କାମ୍ବୋଜ ପ୍ରଭାବୀ ବୋଲିଂ କରି ନର୍ଥହାମ୍ପଟନ ଓ କାଣ୍ଟରବୁରିଠାରେ ୪ଟି ଇନିଂସରେ ୫ ଉଇକେଟ ଅକ୍ତିଆର କରିଥିଲେ। ତାଙ୍କ ନିକଟରେ ବଲ୍‌କୁ ଭଲରୂପେ ମୁଭ କରିବା ସହ ବାଉନ୍ସ କରିବା ଦକ୍ଷତା ରହିଛି। ହରିୟାଣାର ଏହି ବୋଲର ଗତବର୍ଷ ଲାହଲିଠାରେ କେରଳ ବିପକ୍ଷ ରଣଜୀ ମ୍ୟାଚରେ ୧୦ ଉଇକେଟ ଅକ୍ତିଆର କରି ଦୃଷ୍ଟି ଆକର୍ଷଣ କରିଥିଲେ।

# ନବରଙ୍ଗପୁର, ଭୁବନେଶ୍ୱର ବିଜୟୀ


ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଫୁଟବଲ ମ୍ୟାଚ।

**ଆନ୍ତଃଜିଲା ସାହାଣୀ କପ୍**

ବ୍ରହ୍ମପୁର,୨୦।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ବ୍ରହ୍ମପୁର ଜୋନ୍ ପକ୍ଷରୁ ଚାଲିଥିବା ଆନ୍ତଃଜିଲା ପୁରୁଷ ବର୍ଗ ଫୁଟବଲ ସାହାଣୀ କପ୍-୨୦୨୫ର ରବିବାର ପଞ୍ଚମ ଦିନରେ ନବରଙ୍ଗପୁର ଓ ଭୁବନେଶ୍ୱର ବିଜୟୀ ହୋଇଛନ୍ତି। ଖେଳାଯାଇଥିବା ଦୁଇଟି ମ୍ୟାଚରୁ ପ୍ରଥମ ମ୍ୟାଚ ଗଞ୍ଜାମ ଓ ନବରଙ୍ଗପୁର ଜିଲା ମଧ୍ୟରେ ହୋଇଥିଲା। ଏଥିରେ ନବରଙ୍ଗପୁର ୨-୧ ଗୋଲରେ ବିଜୟୀ ହୋଇଥିଲା। ଏହାର ମ୍ୟାଚ ରେଫରି ଥିଲେ ଶିବ ଶଙ୍କର ପଣ୍ଡା, ଶିବ ପ୍ରସାଦ ସାମନ୍ତରାୟ, ସୁନୀଲ ବେହେରା, ଶିବ ଦେହୁରୀ। ସେହିପରି ଦ୍ୱିତୀୟ ମ୍ୟାଚ ଗଜପତି ଓ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଭୁବନେଶ୍ୱର ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ଉକ୍ତ ମ୍ୟାଚରେ ଭିନସେଣ୍ଟ ଦାସ, ବଳରାମ ସେ, ସୁଜିତ ରାଜହଂସ, ରଞ୍ଜିତ ପାତ୍ର ରେଫରି ଥିଲେ। ମ୍ୟାଚ କମିଶନର ସୁଜିତ ପାତ୍ର ଉପସ୍ଥିତ ଥିଲେ। ବ୍ରହ୍ମପୁର ରୋଟାରି କ୍ଲବ ନିର୍ଦ୍ଦେଶକ କେ.ଭି.ଜି. ରବି କୁମାର, ପୂର୍ବତନ ଫୁଟବଲ ଖେଳାଳି ଓ ରେଫରି ଆଇ.ବି.ପିଟର ଏବଂ ଏସ.ସି.ପ୍ରଧାନ ଅତିଥି ରୂପେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲାର ପୂର୍ବତନ ଫୁଟବଲ ଖେଳାଳି ଓ ବରିଷ୍ଠ ଖେଳାଳି ଏଲ.କେ ରାଓ, ଡି. ଆପ୍ପା ରାଓ, ବିଜୟ ପଟ୍ଟନାୟକ, ରାଜେନ୍ଦ୍ର ଗନ୍ତାୟତ, ପ୍ରମୋଦ ମହାରଣା, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି.ଏମ. ବାବୁ, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲା କ୍ରୀଡ଼ା ସଂଘର ସଦସ୍ୟ ଓ ପୂର୍ବତନ ଖେଳାଳିମାନେ ଉପସ୍ଥିତ ଥିଲେ ବୋଲି ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ କହିଛନ୍ତି।

**ଅନ୍ୟ ଜୋନ୍ ମ୍ୟାଚ ଫଳାଫଳ**

**ବୌଦ୍ଧ**
ବଲାଙ୍ଗୀର-୩, ନୂଆପଡ଼ା-୧
ବୌଦ୍ଧ-୦, କନ୍ଧମାଳ-୦
**କେନ୍ଦ୍ରାପଡ଼ା**
କେନ୍ଦ୍ରାପଡ଼ା-୧, ଜଗତ୍‌ସିଂହପୁର-୦
ଝାରସୁଗୁଡ଼ା-୫, ଭଦ୍ରକ-୩
**କେନ୍ଦୁଝର**
ଅନୁଗୋଳ-୪, ଯାଜପୁର-୩
ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ-୧, କେନ୍ଦୁଝର-୦

# ପ୍ରଥମ ମ୍ୟାଚରେ ଓଡ଼ିଶା ପରାସ୍ତ

ଭୁବନେଶ୍ୱର, ୨୦।୭ (ତପନ ସ୍ୱାଇଁ)

ଅମୃତସରର ଗୁରୁ ନାନକ ଦେବ ୟୁନିଭର୍ସିଟି (ଜିଏନ୍‌ଡିୟୁ) ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜାତୀୟ ଜୁନିୟର ବାଳକ ଫୁଟବଲ ବି.ସି. ରୟ ଟ୍ରଫି ରବିବାର ଆରମ୍ଭ ହୋଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ କର୍ଣ୍ଣାଟକଠାରୁ ୧-୩ ଗୋଲରେ ହାରିଯାଇଛି। ମ୍ୟାଚ୍‌ର ୬ଷ୍ଠ ମିନିଟ୍‌ରେ ଇଶାନ୍ତ କୁଜୁର ଏକ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ମାତ୍ର ଦଳ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ୭ମ ମିନିଟ୍‌ରେ କର୍ଣ୍ଣାଟକର ହୃଷୀକେଶ ଚରଣ ମାନଭାଥ୍ ଗୋଲଟି ପରିଶୋଧ କରି ଦେଇଥିଲେ। ୧୭ଶ ମିନିଟ୍‌ରେ ପଭିଶ କୁମାର ଏକ ଗୋଲ ଦେଇ କର୍ଣ୍ଣାଟକକୁ ଅଗ୍ରଣୀ କରିଥିବାବେଳେ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ୪୫+୩ ମିନିଟରେ ହୃଷୀକେଶ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି କର୍ଣ୍ଣାଟକର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇଥିଲେ।

# ଭାରତ-ପାକିସ୍ତାନ ଡବ୍ଲ୍ୟୁସିଏଲ୍ ମ୍ୟାଚ୍ ବାତିଲ

ବର୍ମିଂହାମ,୨୦।୭(ପି.ଟି.)


ଭାରତ ଓ ପାକିସ୍ତାନର ଭେଟେରାନ କ୍ରିକେଟରଙ୍କ ମଧ୍ୟରେ ରବିବାର ଖେଳାଯିବାକୁ ଥିବା ୱାର୍ଲ୍ଡ ଚାମ୍ପିୟନଶିପ୍ ଅଫ୍ ଲିଜେଣ୍ଡ୍ସ (ଡବ୍ଲ୍ୟୁସିଏଲ୍) ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ଗତ ଏପ୍ରିଲରେ ଘଟିଥିବା ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା କାରଣରୁ ଶିଖର ଧାୱନଙ୍କ ସମେତ ଅନେକ ଭାରତୀୟ ଖେଳାଳି ମ୍ୟାଚ୍‌କୁ ବୟକଟ କରିଥିଲେ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଆୟୋଜନ କରାଯାଉଥିବା ଏହି ଟୁର୍ନାମେଣ୍ଟର ସହ ମାଲିକ ହେଉଛନ୍ତି ବଲିଉଡ୍ ଷ୍ଟାର ଅଜୟ ଦେବଗନ। ଗତ ୧୮ ତାରିଖରୁ ଡବ୍ଲ୍ୟୁସିଏଲ୍ ଆରମ୍ଭ ହୋଇଥିବା ବେଳେ ଫାଇନାଲ ମ୍ୟାଚ୍ ଅଗଷ୍ଟ ୨ ତାରିଖରେ ଖେଳାଯିବ। ବିଶ୍ୱକପ୍ ବିଜୟୀ ଯୁବରାଜ ସିଂଙ୍କ ନେତୃତ୍ୱାଧୀନ ଇଣ୍ଡିଆନ ଚାମ୍ପିୟନ୍ସ ଦଳରେ ଧାୱନ, ହରଭଜନ ସିଂ, ୟୁସୁଫ ପଠାନ, ଇର୍ଫାନ ପଠାନ, ସୁରେଶ ରାଇନା, ରବିନ ଉଥପ୍ପା ଓ ବରୁନ ଆରୋନ ଦଳର ସଦସ୍ୟ ରହିଛନ୍ତି।

ଡବ୍ଲ୍ୟୁସିଏଲ୍ ଆୟୋଜକଙ୍କ ପକ୍ଷରୁ ଏକ୍ସ'ରେ କୁହାଯାଇଛି ଯେ, ଚଳିତବର୍ଷ ପାକିସ୍ତାନ ହକି ଦଳ ଭାରତ ଗସ୍ତ କରିବ ଖବର ପାଇଥିଲୁ। ଭଲିବଲ ଭଳି ଅନ୍ୟ ଖେଳରେ ଦୁଇ ପଡ଼ୋଶୀ ଦେଶ ପରସ୍ପର ବିପକ୍ଷରେ ଖେଳୁଛନ୍ତି। ଏଣୁ ଆମେ ଡବ୍ଲ୍ୟୁସିଏଲ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ଜାରି ରଖିବାକୁ ଚିନ୍ତା କରିଥିଲୁ। କିଛି ପୁରୁଣା ଖୁସିର ମୁହୂର୍ତ୍ତକୁ ଉଜ୍ଜୀବିତ କରିବା ହିଁ ମ୍ୟାଚ୍ ଆୟୋଜନ ପଛର ଉଦ୍ଦେଶ୍ୟ ଥିଲା। କିନ୍ତୁ ଏହି ପ୍ରକ୍ରିୟା ଦ୍ୱାରା ଆମେ ଅନେକଙ୍କ ଭାବନାକୁ ଆଘାତ ଦେଇଛୁ। ଏଣୁ ଆମେ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛୁ। ଲୋକଙ୍କ ଭାବନାକୁ ଆଘାତ ଦେଇଥିବାରୁ ଆମେ ପୁଣି ଥରେ କ୍ଷମା ପ୍ରାର୍ଥନା କରୁଛୁ। ଆମେ ଆଶା କରୁଛୁ ଲୋକେ ବୁଝିପାରିବେ ଯେ, ଆମେ କିଛି ପୁରୁଣା ଖୁସିର ମୁହୂର୍ତ୍ତକୁ ଉଜ୍ଜୀବିତ କରିବାକୁ ଉଦ୍ୟମ କରୁଥିଲୁ। ଧାୱନଙ୍କ ସହ ରାଜ୍ୟ ସଭା ସଦସ୍ୟ ଥିବା ହରଭଜନ, ଲୋକ ସଭା ସଦସ୍ୟ ୟୁସୁଫ ଓ ଇର୍ଫାନ ପାକିସ୍ତାନ ବିପକ୍ଷ ମ୍ୟାଚ୍‌କୁ ବୟକଟ କରିବା ନିଷ୍ପତ୍ତି ସମ୍ପର୍କରେ ସୋସିଆଲ ମିଡିଆରେ ଜଣାଇଥିଲେ। ଗତ ସଂସ୍କରଣରେ ଏଜ୍‌ବାଷ୍ଟନଠାରେ ଖେଳାଯାଇଥିବା ଫାଇନାଲରେ ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ ହୋଇଥିଲା।



ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ରବିବାର ପ୍ରଫେସନାଲ ଚେସ୍ ଟ୍ରେନିଂ ଏକାଡେମୀ (ପ୍ରୋ-ଚେସ୍-ଟା)ରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ଅନୁଷ୍ଠିତ ଅଲ୍ ଓଡ଼ିଶା ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟନ ଅବସରରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଓ ଅନ୍ୟମାନେ।

# ସୌମ୍ୟରଞ୍ଜନଙ୍କୁ ୮୪ତମ ଟାଇଟଲ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୨୦।୭ (ତପନ ସ୍ୱାଇଁ)

ଏସ୍‌ପ୍ଲାନେଡ ମଲ୍‌ରେ ରବିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ଚେସ୍ ଦିବସ ଟୁର୍ନାମେଣ୍ଟରେ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୬.୫ ପଏଣ୍ଟ ସହିତ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସୌମ୍ୟଙ୍କ କ୍ୟାରିୟରରେ ଏହା ୮୪ତମ ଚେସ୍ ଟାଇଟଲ। ତପନ ବଡ଼ମୁଣ୍ଡି ଓ ଫକୀର ମାଝି ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅଣରେଟେଡ ବିଭାଗରେ ହରପ୍ରସାଦ ଚାଟାର୍ଜୀ ଚାମ୍ପିୟନ ଓ ବୀରେନ୍ଦ୍ର ବେହୁରିଆ ରନରଅପ୍ ହୋଇଛନ୍ତି। କମ୍ୟୁନିଟି ଆଣ୍ଡ ଚେସ୍‌ଟର୍ଫ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ସ୍ୱୟଂଶୁ ସତ୍ୟକାମ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଏବଂ ଜ୍ୟୋତି ଶଙ୍କର ନନ୍ଦ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ। ଇଭେଣ୍ଟ ସହିତ କ୍ରୀଡ଼ାବିତ୍, ବୁଦ୍ଧିଜୀବୀ ଏବଂ ଜନସାଧାରଣଙ୍କୁ ସମ୍ପୃକ୍ତ କରାଯାଇଥିଲା। ଓଡ଼ିଶାରେ ପ୍ରଥମଥରପାଇଁ ନୂଆ ଫର୍ମାଟ 'ଚେସ୍ ସୁଡୋକୁ' ପ୍ରଚଳନ କରାଯାଇଥିଲା। ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀରେ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ।

## ଉଦୟକାନ୍ତ ଚାମ୍ପିୟନ, ସାତ୍ତ୍ୱିକ ରନରଅପ୍

ଭୁବନେଶ୍ୱର, ୨୦।୭ (ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ରବିବାର ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ସ୍କୁଲ୍ସ ଓପନ ଚେସ୍‌ରେ ଉଦୟକାନ୍ତ ନାୟକ ଚାମ୍ପିୟନ ଓ ସାତ୍ତ୍ୱିକ ସ୍ୱାଇଁ ରନରଅପ୍ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଉଦୟକାନ୍ତ ପୂରା ୫ ଓ ସାତ୍ତ୍ୱିକ ୪.୫ ପଏଣ୍ଟ ପାଇଛନ୍ତି। ପୁରସ୍କାର ଆକାରରେ ଏମାନଙ୍କୁ ଟ୍ରଫି ସହ ଯଥାକ୍ରମେ ୧୦,୦୦୦ ଓ ୭୦୦୦ ଟଙ୍କା ପ୍ରଦାନ କରାଯାଇଛି। ମନୀଷ ମିଶ୍ର, ଶୁଭମ ପ୍ରତୀକ ମିଶ୍ର ଓ ଆଦ୍ୟା ଅଭିତ ଦାସ ପରବର୍ତ୍ତୀ ୩ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କୁ ବିଭିନ୍ନ ବୟସ ଓ ବାଳିକା ବର୍ଗରେ ଶ୍ରେଷ୍ଠ ଖେଳାଳିମାନଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲ ପ୍ରିନ୍ସିପାଲ ସୁବ୍ରତ କୁମାର ଷଡ଼ଙ୍ଗୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଆୟୋଜକ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଟାଇମ୍ସ ଅଫ୍ ଇଣ୍ଡିଆ, ଭୁବନେଶ୍ୱରର ବ୍ରାଞ୍ଚ ଭର୍ଟିକାଲ ହେଡ୍ ସୁଦେଷ୍ଣା ନନ୍ଦ ଓ ବିଶ୍ୱଜିତ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ